୬ ବିବାହ ବନ୍ଧନରେ ବାନ୍ଧିହେଲେ କ୍ରିକେଟର ଭେଙ୍କଟେଶ ଆୟର



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
30 YEARS
e-paper www.sambadkalika.in
# ସମ୍ବାଦ କଳିକା
The Sambad Kalika
TM
E-mail : sambadkalikanews@gmail.com
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
ପୃଷ୍ଠା ମୂଲ୍ୟ : ୨.୦୦
8 Pages,₹ 2.00
• ବର୍ଷ-୩୧ • ସଂଖ୍ୟା-୧୨୬ • ୩ ଜୁନ୍ ୨୦୨୪, ସୋମବାର • ଭୁବନେଶ୍ୱର • Vol -31 • Issue-126 • 3rd June 2024, Monday • Bhubaneswar
Licensed to post without pre-payment of postage No- BN-60/22-24

## ବୁଥ୍ ବାହୁଡ଼ା ଜନମତ

# ୧୧୭ ବିଧାନସଭା ଆସନରେ ବିଜେଡ଼ିର ବିଜୟ ଆଶା

**ଭୁବନେଶ୍ୱର, ୨।୬**
**ନ୍ୟୁଜ୍ ବ୍ୟୁରୋ**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶ କାର୍ଯ୍ୟରେ ବାଜିଛି ମୋହର। ମୁଖ୍ୟମନ୍ତ୍ରୀଙ୍କ ନୀତିକୁ ମିଳିଛି ସ୍ୱୀକୃତି। ତାଙ୍କର ରୂପାନ୍ତରଣ ଉପରେ ଆସ୍ଥା ସ୍ଥାପନ କରିଛନ୍ତି ରାଜ୍ୟବାସୀ। ସଦ୍ୟ ସମାପ୍ତ ୨୦୨୪ ବିଧାନସଭା ନିର୍ବାଚନରେ ଓଡ଼ିଶାବାସୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପରେ ପୁଣିଥରେ ଅଶେଷ ଆଶୀର୍ବାଦ ଅଜାଡ଼ି ଦେଇଛନ୍ତି। ରାଜ୍ୟରେ ପ୍ରତି ପର୍ଯ୍ୟାୟ ମତଦାନ ପରେ ସକାଳ ଓ ନନ୍ଦିଘୋଷ ଟିଭି ପକ୍ଷରୁ କରାଯାଇଥିବା ମିଳିତ ବୁଥ୍ ବାହୁଡା ସର୍ଭେରୁ ମିଳିଛି ଏହି ତଥ୍ୟ।

ଦେଶରେ ୭ଟି ପର୍ଯ୍ୟାୟରେ ମତଦାନ ହୋଇଥିବାବେଳେ ଓଡ଼ିଶାରେ ମଇ ୧୩ ତାରିଖରୁ ଜୁନ୍ ୧ ମଧ୍ୟରେ ୪ଟି ପର୍ଯ୍ୟାୟରେ ୨୧ ଲୋକସଭା ଓ ୧୪୭ ବିଧାନସଭା ଆସନ ନିମନ୍ତେ ଭୋଟରମାନେ ନିଜ ପସନ୍ଦର ପ୍ରତିନିଧି ବାଛିଛନ୍ତି । କିଏ କେଉଁଠି ଜିତିବ, କେଉଁ




ଦଳ କେତେ ଆସନରେ ବିଜୟୀ ହେବ ତାହାକୁ ନେଇ ଆରମ୍ଭ ହୋଇଛି କଳ୍ପନାଜଳ୍ପନା। ଜୁନ୍ ୪ ତାରିଖର ଭୋଟ ଗଣତି ପରେ ତାହା ସ୍ପଷ୍ଟ ହେବ। ତେବେ ଦେଶରେ ସୃଷ୍ଟି ହୋଇଥିବା ମୋଦି ହାୱା ଓଡ଼ିଶାରେ ନବୀନ ପ୍ରାଚୀରକୁ ଭେଦ କରି ପାରି ନ ଥିବା ଏହି ବୁଥ୍ ବାହୁଡ଼ା ସର୍ଭେରୁ ସୂଚନା ମିଳିଛି।

ସକାଳ ଓ ନନ୍ଦିଘୋଷ ଟିଭିର ବୁଥ୍ ବାହୁଡ଼ା ଜନମତ ରିପୋର୍ଟ ଅନୁସାରେ, ଓଡ଼ିଶାରେ ୧୪୭ ବିଧାନସଭା ଆସନ ମଧ୍ୟରୁ ବିଜେଡ଼ି ସପକ୍ଷରେ ୧୧୭ଟି, ବିଜେପିକୁ ୧୧ଟି ଓ କଂଗ୍ରେସକୁ ୨ଟି ଆସନ ମିଳିପାରେ। ଅବଶିଷ୍ଟ ୧୭ଟି ବିଧାନସଭା କ୍ଷେତ୍ରରେ ବିଭିନ୍ନ ଦଳ କଡ଼ା ମୁକାବିଲାର ସମ୍ମୁଖୀନ ହୋଇଛନ୍ତି ଓ ଏହି ଆସନରେ କେହି ବି ବିଜୟୀ ହୋଇପାରନ୍ତି ବୋଲି ବୁଥ୍ ବାହୁଡ଼ା ମତରୁ ଆଭାସ ମିଳିଛି।

ସେହିପରି ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ୪ ସଂସଦୀୟ କ୍ଷେତ୍ର ଅଧୀନସ୍ଥ ୨୮ ବିଧାନସଭା ଆସନରୁ ବିଜେଡ଼ି ୨୩ ଓ ବିଜେପି ୨ଟି ଆସନରେ ବିଜୟୀ ହୋଇ ପାରନ୍ତି । ଅବଶିଷ୍ଟ ୩ଟି ଆସନରେ କଡ଼ା ମୁକାବିଲା ହୋଇଛି । ନବରଙ୍ଗପୁର ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ନବରଙ୍ଗପୁର ଓ ଉମରକୋଟ ବିଧାନସଭା ଆସନ ବିଜେପିକୁ ଯାଇପାରେ। ତେବେ ଅନ୍ୟ ୫ଟି ଆସନ ଝରିଗାଁ, ଡାବୁଗାଁ, କୋଟପାଡ଼, ମାଲକାନଗିରି ଓ ଚିତ୍ରକୋଣ୍ଡାରେ ବିଜେଡି ବିଜୟୀ ହୋଇପାରେ। କୋରାପୁଟ ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ୭ଟି ଆସନ ମଧ୍ୟରୁ ଜୟପୁରରେ କଂଗ୍ରେସ ଓ ଲକ୍ଷ୍ମୀପୁରରେ ବିଜେଡି-କଂଗ୍ରେସ ମଧ୍ୟରେ କଡ଼ା ମୁକାବିଲାର ସୂଚନା ମିଳିଛି। ଏହାବ୍ୟତୀତ କୋରାପୁଟ, ପଟାଙ୍ଗୀ, ରାୟଗଡ଼ା, ବିଷମ କଟକ, ଗୁଣୁପୁର ଆଦି ଆସନଗୁଡ଼ିକରେ ବିଜେଡି ବିଜୟୀ ହୋଇପାରେ। ବ୍ରହ୍ମପୁର ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ୭ଟି ବିଧାନସଭା କ୍ଷେତ୍ର ମଧ୍ୟରୁ କେବଳ ଦିଗପହଣ୍ଡିରେ ବିଜେଡି ଓ ବିଜେପି ମଧ୍ୟରେ କଡ଼ା ମୁକାବିଲା ସୂଚନା ମିଳିଛି। ଏହାବ୍ୟତୀତ ବ୍ରହ୍ମପୁର, ଗୋପାଳପୁର, ଛତ୍ରପୁର, ଚିକିଟି, ମୋହନା, ପାରଳାଖେମୁଣ୍ଡି ଆସନଗୁଡ଼ିକ ବିଜେଡି ସପକ୍ଷରେ ଯାଇପାରେ। କଳାହାଣ୍ଡି ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ସମସ୍ତ ୭ଟି ବିଧାନସଭା କ୍ଷେତ୍ରରେ ଫଳାଫଳ ବିଜେଡି ସପକ୍ଷରେ ଯାଇପାରେ *(ପୃଷ୍ଠା ୭ରେ)*

# ମୋଦି କଲେ ୭ ବୈଠକ: ନୂଆ ସରକାରଙ୍କ ୧୦୦ ଦିନର ଏଜେଣ୍ଡା ପ୍ରସ୍ତୁତ

**ନୂଆଦିଲ୍ଲୀ, ୨।୬**



ଲୋକସଭା ନିର୍ବାଚନର ଏକ୍‌ଜିଟ ପୋଲ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନୂଆ ସରକାର ପାଇଁ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ରବିବାର ପ୍ରଧାନମନ୍ତ୍ରୀ ୭ ବୈଠକ କରିଛନ୍ତି, ଯାହା ବିଭିନ୍ନ ଏବଂ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଆଲୋକପାତ କରିଛି। ନ୍ୟୁଜ ଏଜେନ୍ସି ଏଏନଆଇ ସୂତ୍ରରୁ ପ୍ରକାଶ ବୈଠକରେ ଉତ୍ତାପ ଲହର ଏବଂ ଉତ୍ତର-ପୂର୍ବ ରାଜ୍ୟରେ ଘୂର୍ଣ୍ଣିବଳୟ ପରେ ସେ ସ୍ଥିତିର ସମୀକ୍ଷା କରାଯାଇଥିଲା।

ବିଶେଷ କରି ଉତ୍ତର-ପୂର୍ବ ରାଜ୍ୟଗୁଡିକରେ ସାଇକ୍ଲୋନ ପରବର୍ତ୍ତୀ ପରିସ୍ଥିତିର ସମୀକ୍ଷା ପାଇଁ ସେ ପ୍ରଥମ ବୈଠକ କରିଥିଲେ। ଏହା ପରେ ମୋଦି ଦେଶରେ ଅତ୍ୟଧିକ ଉତ୍ତାପ ପରିସ୍ଥିତିର ସମୀକ୍ଷା ପାଇଁ ଏକ ବୈଠକ କରିବେ। ବିଶ୍ୱ ପରିବେଶ ଦିବସ ପାଳନ ପାଇଁ ପ୍ରସ୍ତୁତିର ସମୀକ୍ଷା ପାଇଁ ପ୍ରଧାନମନ୍ତ୍ରୀ ମଧ୍ୟ ଏକ ବୈଠକ କରିବେ। ପରେ ନୂଆ ସରକାରଙ୍କ ୧୦୦ ଦିନିଆ କାର୍ଯ୍ୟକ୍ରମର ଏଜେଣ୍ଡା ସମୀକ୍ଷା କରିବା ପାଇଁ ଶ୍ରୀ ମୋଦି ବୈଠକ କରିବେ।

ଲୋକସଭା ନିର୍ବାଚନ ପାଇଁ ନିଜର ଅଭିଯାନ ଆରମ୍ଭ କରିବା ପୂର୍ବରୁ ମଧ୍ୟ ପ୍ରଧାନମନ୍ତ୍ରୀ ନୂତନ ସରକାର ପାଇଁ ୧୦୦ ଦିନିଆ ଏଜେଣ୍ଡା ପ୍ରସ୍ତୁତ କରିବା ଆରମ୍ଭ କରିଥିଲେ।

ସୂଚନା ଅନୁଯାୟୀ, ସରକାରର ଐତିହାସିକ ତୃତୀୟ କାର୍ଯ୍ୟକାଳରେ କଠୋର ନିଷ୍ପତ୍ତି ନିଆଯିବ ବୋଲି ମୋଦି କହିଛନ୍ତି । ଶନିବାର ଦିନ ପ୍ରକାଶ ପାଇଥିବା ଅଧିକାଂଶ ଏକ୍‌ଜିଟ ପୋଲରେ ବିଜେପି ନେତୃତ୍ୱାଧୀନ ଏନଡିଏ ମେଣ୍ଟ ୩୫୦ରୁ ଅଧିକ ସିଟ୍ ପାଇବାକୁ ପୂର୍ବାନୁମାନ କରିଛନ୍ତି। ଇଣ୍ଡିଆ ଟିଭି ଏକଜିଟ ପୋଲ ପୂର୍ବାନୁମାନ କରିଛି ଯେ ଏନଡିଏ ୪୦୦ ସିଟ ମାର୍କ ଅତିକ୍ରମ କରିବ।

# ପ୍ରେମ ସିଂ ତମାଙ୍ଗ ପୁଣି ମୁଖ୍ୟମନ୍ତ୍ରୀ ହେବେ



**ଗାଙ୍ଗଟକ, ୨।୬**

ସିକିମ ବିଧାନସଭା ନିର୍ବାଚନରେ ଶାସକ ଦଳ ସିକ୍କିମ କ୍ରାନ୍ତିକାରୀ ମୋର୍ଚ୍ଚା (ଏସକେଏମ) ବିଜୟ ହାସଲ କରିଛି । ଫଳରେ ପ୍ରେମ ସିଂ ତମାଙ୍ଗ ପୁଣି ମୁଖ୍ୟମନ୍ତ୍ରୀ ହେବାକୁ ଯାଉଛନ୍ତି। ଦଳ ରାଜ୍ୟ ବିଧାନସଭାର ମୋଟ ୩୨ ଆସନରୁ ୩୧ ଆସନରେ ବିଜୟ ହାସଲ କରିଛି । ଏଥିସହିତ ଦଳ ଦ୍ୱିତୀୟ ଥର ପାଇଁ ରାଜ୍ୟରେ ସରକାର ଗଠନ କରିବାକୁ ଯାଉଛି।

ଏସକେଏମ ୩୨ଟି ସିଟ ମଧ୍ୟରୁ ୩୧ଟି ଜିତିଛି । ସିକିମ ଡେମୋକ୍ରାଟିକ ଫ୍ରଣ୍ଟ (ଏସଡ଼ିଏଫ) ଗୋଟିଏ ଆସନରେ ବିଜୟୀ ହୋଇଛି। ବିଜେପି ଏସକେଏମ ସହ ମିଳିତ ଭାବେ ୨୦୧୯ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲା ବେଳେ ଚଳିତ ଥର କୌଣସି ଆସନରେ ଦଳ ବିଜୟୀ ହୋଇନାହିଁ । ସରକାର ଗଠନ ପାଇଁ ୩୨ ଆସନ ବିଶିଷ୍ଟ ରାଜ୍ୟ ବିଧାନସଭାରେ ୧୬ ଆସନ ଆବଶ୍ୟକ ଥିବା ବେଳେ ଏସକେଏମ ୩୧ ଆସନରେ ବିଜୟ ହାସଲ କରିଛି।

୪ ଫେବୃଆରୀ ୨୦୧୩ରେ ସିକ୍କିମ କ୍ରାନ୍ତିକାରୀ ମୋର୍ଚ୍ଚା (ଏସକେଏମ) ଗଠନ କରାଯାଇଥିଲା । ଭାରତୀ ଶର୍ମା ପ୍ରଥମ ସଭାପତି ଭାବରେ ନିର୍ବାଚିତ ହୋଇଥିଲେ। ଏସକେଏମ ଗଠନରେ ପ୍ରେମ ସିଂ ତମାଙ୍ଗଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା । ପ୍ରେମ ସିଂ ତମାଙ୍ଗ ପୂର୍ବରୁ ସିକ୍କିମ ଡେମୋକ୍ରାଟିକ ଫ୍ରଣ୍ଟ (ଏସଡିଏଫ) ରେ ଥିଲେ। ତେବେ ୨୦୦୯ରେ ପୂର୍ବତନ ସିଏମ୍ ପୱନ କୁମାର ଚାମଲିଙ୍ଗଙ୍କ ସହ ମତଭେଦ ହୋଇଥିଲା। ୨୦୧୯ରେ ପ୍ରେମ ସିଂ ତମାଙ୍ଗ ସିକ୍କିମର ମୁଖ୍ୟମନ୍ତ୍ରୀ ହୋଇଥିଲେ।

# ଅଂଶୁଘାତରେ ୬ ଜଣଙ୍କ ମୃତ୍ୟୁ
## ମୃତକଙ୍କ ସଂଖ୍ୟା ୩୫କୁ ବୃଦ୍ଧି

**ରାଉରକେଲା, ୨।୬ : ନ୍ୟୁଜ୍ ବ୍ୟୁରୋ**

ଅଂଶୁଘାତ ଜନିତ ମୃତ୍ୟୁର ଆସିଲା ପୋଷ୍ଟ ମର୍ଟମ ରିପୋର୍ଟ । ମୋଟ ୬ ଜଣଙ୍କ ଅଂଶୁଘାତରେ ମୃତ୍ୟୁ ହୋଇଛି । ମୋଟ ୩୫ ଜଣ ରୋଗୀଙ୍କ ଅଂଶୁଘାତରେ ମୃତ୍ୟୁ ହୋଇଥିବା ସନ୍ଦେହକରି ପୋଷ୍ଟ ମର୍ଟମ କରିଥିଲା ପ୍ରଶାସନ। ପାଖାପାଖି ୨୪ କଣଙ୍କ ପୋଷ୍ଟ ମର୍ଟମ ବର୍ତ୍ତମାନ ସରିଛି । ୪ ପରିବାର ପୋଷ୍ଟ ମର୍ଟମ ନ କରି ମୃତଦେହ ନେଇଯାଇଛନ୍ତି । ଏ ହେଉଛି ୩୦ ତାରିଖରୁ ରବିବାର ପର୍ଯ୍ୟନ୍ତ ହୋଇଥିବା ରିପୋର୍ଟ।

ତେବେ ଏନେଇ ତହସିଲଦାର ଓ ମେଡିକାଲ ଅଫିସର ମିଳିତ ଭାବରେ ଏହାକୁ ତର୍ଜମା କରିବା ସହ ତଦନ୍ତ କରୁଛନ୍ତି । ସେପଟେ ରାଜ୍ୟସ୍ତରୀୟ ଟିମ ରାଉରକେଲା ଗସ୍ତ କରି ରୋଗୀ ଓ ରୋଗୀଙ୍କ ସମ୍ପର୍କୀୟଙ୍କ ସହ ଆଲୋଚନା କରି ଏକ ବିସ୍ତୃତ ରିପୋର୍ଟ ରାଜ୍ୟ ସରକାରଙ୍କୁ ଦେବେ ବୋଲି କହିଛନ୍ତି ଅତିରିକ୍ତ ଜିଲ୍ଲାପାଳ।

## ଚନ୍ଦ୍ରର ଦକ୍ଷିଣ ଗୋଲାର୍ଦ୍ଧର ବୃହତ୍ତମ ଗର୍ତ୍ତରେ ଅବତରଣ କଲା ଚୀନର ଚାଙ୍ଗ ଇ-୬



**ବେଜିଂ, ୨।୬**

ଚାଇନାର ଚନ୍ଦ୍ର ମିଶନ ଚାଙ୍ଗ ଇ-୬ ସଫଳତାର ସହ ଚନ୍ଦ୍ରର ଦକ୍ଷିଣ ଗୋଲାର୍ଦ୍ଧରେ ଅବତରଣ କରିଛି । ଚାଇନାର ଚନ୍ଦ୍ରଯାନ ଅବତରଣ କରିଥିବା ଏହି ସ୍ଥାନ ହେଉଛି ଚନ୍ଦ୍ରର ଏକ ଦୂର ସ୍ଥାନ। ଏହି ମିଶନ ସହିତ ଚୀନ ମହାକାଶ କ୍ଷେତ୍ରରେ ଆଉ ଏକ ବଡ଼ ଲମ୍ଫ ପ୍ରଦାନ କରିଛି।

ଚୀନର ସ୍ପେସ ଏଜେନ୍ସି ନ୍ୟାସନାଲ ସ୍ପେସ ଆଡମିନିଷ୍ଟ୍ରେସନକୁ ଉଦ୍ଧୃତ କରି ମିଡିଆ ରିପୋର୍ଟରେ କୁହାଯାଇଛି ଯେ ଚାଙ୍ଗେ ଇ-୬ ଚନ୍ଦ୍ରର ଦକ୍ଷିଣ ଗୋଲାର୍ଦ୍ଧର ଏଟକେନ ବେସିନ କ୍ରେଟରରେ ଅବତରଣ କରିଛି । ଏହି କ୍ରେଟର ବର୍ତ୍ତମାନ ପର୍ଯ୍ୟନ୍ତ ଜଣାଶୁଣା ସର୍ବ ବୃହତ କ୍ରେଟର।

ଚୀନ କହିଛି ସଫଳତାର ସହିତ ଚନ୍ଦ୍ରର ଦୂର ପାର୍ଶ୍ୱରେ ଅବତରଣ କରିଛି। ଏହା ଏକ ଅନ୍ୱେଷିତ ସ୍ଥାନ, ଯେଉଁଠାକୁ ପ୍ରାୟ କେହି ଯିବାକୁ ଚେଷ୍ଟା କରନ୍ତି ନାହିଁ।

ଚାଇନା ନ୍ୟାସନାଲ ସ୍ପେସ ଆଡମିନିଷ୍ଟ୍ରେସନ *(ପୃଷ୍ଠା ୭ରେ)*

TATA MOTORS
Light Commercial Vehicles Dealers
24 hours help line :
Sales : 7873770000

# ଅରୁଣାଚଳ ପ୍ରଦେଶରେ ପୁଣି ବିଜେପି ସରକାର

**ଇଟାନଗର, ୨।୬**

ଅରୁଣାଚଳ ପ୍ରଦେଶରେ ପୁଣି ବିଜେପି ସରକାର ଗଠନ କରିବାକୁ ଯାଉଛି। ଅରୁଣାଚଳ ପ୍ରଦେଶରେ ଅରୁଣାଚଳରେ ଶାସକ ବିଜେପି ୩୭ଟି ଆସନ ଜିତି ସାରିଛି। ରାଜ୍ୟରେ ୬୦ ଆସନ ବିଶିଷ୍ଟ ବିଧାନସଭାରେ ସରକାର ଗଠନ ପାଇଁ ମ୍ୟାଜିକ ନମ୍ବର ୩୧ ହୋଇଥିବାବେଳେ ବିଜେପି ଏହାକୁ ଟପି ୩୭ ଆସନ ଜିତି ସାରିଛି। ସେହିପରି ଦଳ ଆହୁରି ୮ଟି ଆସନରେ ଆଗୁଆ ରହିଛି।

ଭାଜପା ନେତୃତ୍ୱାଧିନ ମୁଖ୍ୟମନ୍ତ୍ରୀ ପେମା ଖଣ୍ଡୁ ପୁଣି ଥରେ ସରକାର ଗଢିବାକୁ ଯାଉଛନ୍ତି,




ଯାହାକୁ ନେଇ ରାଜ୍ୟର ବିଜେପି କର୍ମୀମାନେ ଉତ୍ସବ ପାଳନ କରୁଛନ୍ତି । ବିଜେପିକର୍ମୀ ଓ ନେତାମାନେ ବାଣ ଫୁଟାଇ ଦିନରେ ଦୀପାବଳୀ *(ପୃଷ୍ଠା ୭ରେ)*

# ଚାଇନା ନାଁରେ ସାଂଘାତିକ ଅଭିଯୋଗ ଆଣିଲେ ଜେଲେନସ୍କି

**ସିଙ୍ଗାପୁର, ୨।୬**

ସିଙ୍ଗାପୁରରେ ଏସିଆର ପ୍ରମୁଖ ସୁରକ୍ଷା ସମ୍ମିଳନୀ ଶାଙ୍ଗ୍ରି ଲା ଡାଏଲଗ ଅନୁଷ୍ଠିତ ହେଉଛି । ୟୁକ୍ରେନର ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କି ମଧ୍ୟ ଏହି କାର୍ଯ୍ୟକ୍ରମକୁ ସମ୍ବୋଧିତ କରିଥିଲେ। ଏହି ସମୟରେ ସେ କହିଛନ୍ତି, ରୁଷିଆକୁ ଚାଇନାର ସମର୍ଥନ ୟୁକ୍ରେନରେ ଯୁଦ୍ଧକୁ ବଢାଇପାରେ। ଶାନ୍ତି ସମ୍ମିଳନୀରେ ଭାଗ ନେବାକୁ ସେ ଏସିଆ-ପ୍ରଶାନ୍ତ ମହାସାଗରୀୟ ଦେଶମାନଙ୍କୁ ମଧ୍ୟ ଅନୁରୋଧ କରିଛନ୍ତି। ରୁଷିଆ ଏହି ସମ୍ମିଳନୀକୁ ଭଣ୍ଡୁର କରିବାକୁ ଚେଷ୍ଟା କରୁଛି ବୋଲି ଜେଲେନସ୍କି ଅଭିଯୋଗ କରିଛନ୍ତି।

ରବିବାର ଏକ ସାମ୍ବାଦିକ ସମ୍ମିଳନୀରେ ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କି କହିଛନ୍ତି, ଚାଇନାର ସମର୍ଥନ



ହେତୁ ରୁଷିଆ ଦୀର୍ଘ ଦିନ ଧରି ଏହି ବିବାଦକୁ ଟାଣିବ। ଚାଇନା ଘୋଷଣା କରିଛି ଯେ ଏହା ଆଞ୍ଚଳିକ ଅଖଣ୍ଡତା ଏବଂ ସାର୍ବଭୌମତ୍ୱକୁ ସମର୍ଥନ କରେ। ସେ ଏହାକୁ ଆନୁଷ୍ଠାନିକ ଭାବେ ଘୋଷଣା କରିଛି। ଏଭଳି ପରିସ୍ଥିତିରେ ଚାଇନା ଏହି ନୀତି ଆମ ପାଇଁ ଏବଂ ସମଗ୍ର ବିଶ୍ୱ ପାଇଁ ବିପଜ୍ଜନକ ହେବ। ଜେଲେନସ୍କି ସୂଚାଇ ଦେଇଛନ୍ତି ଯେ ରୁଷିଆର ଅସ୍ତ୍ର ପ୍ରାୟତଃ ଚାଇନାରୁ ଆସିଛି। ଶାନ୍ତି ସମ୍ମିଳନୀ ସମ୍ପର୍କରେ ଜେଲେନସ୍କି କହିଛନ୍ତି, ରୁଷିଆ ଶାନ୍ତି ସମ୍ମିଳନୀକୁ ଭଣ୍ଡୁର କରିବାକୁ ଚେଷ୍ଟା କରୁଛି । ରୁଷିଆ ଦୁନିଆର ଅନେକ ଦେଶ ଭ୍ରମଣ କରୁଛି। କୃଷିଜାତ ଦ୍ରବ୍ୟ, ଖାଦ୍ୟ ପଦାର୍ଥ, ରାସାୟନିକ ଦ୍ରବ୍ୟ ଅବରୋଧ କରି ସେ ଦେଶମାନଙ୍କୁ ଧମକ ଦେଉଛନ୍ତି। ଦେଶ ଶାନ୍ତି ସମ୍ମିଳନୀରେ ଯୋଗ ନ ଦେବାକୁ ରୁଷିଆ ଚାହୁଁଛି। ଚାଇନା ଭଳି ଏକ ବଡ଼ ଏବଂ ସ୍ୱାଧୀନ ଶକ୍ତିଶାଳୀ ଦେଶ ପୁଟିନଙ୍କ ହାତରେ ରହିବା ଦୁର୍ଭାଗ୍ୟଜନକ। ସୂଚନାଯୋଗ୍ୟ, ରୁଷିଆ ଏବଂ ୟୁକ୍ରେନ ମଧ୍ୟରେ ୨୭ ମାସ ହେବ ଯୁଦ୍ଧ ଚାଲିଛି।

# ଫଳାଫଳ ପୂର୍ବରୁ ପ୍ରଧାନମନ୍ତ୍ରୀଙ୍କ ସ୍ୱାଭାବିକ କାର୍ଯ୍ୟାରମ୍ଭ

**ନୂଆଦିଲ୍ଲୀ, ୨।୬**

ଲୋକସଭା ନିର୍ବାଚନର ୭ଟି ପର୍ଯ୍ୟାୟ ପାଇଁ ଭୋଟ ଶେଷ ହେବା ପରେ ଫଳାଫଳ ଆସିବା ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସ୍ୱାଭାବିକ ଭାବେ କାର୍ଯ୍ୟ ଆରମ୍ଭ କରିଛନ୍ତି। ରବିବାର ନୂଆଦିଲ୍ଲୀର ଲୋକ କଲ୍ୟାଣ ମାର୍ଗରେ ଥିବା ତାଙ୍କ ବାସଭବନରେ ବାତ୍ୟା ରେମାଲର ପ୍ରଭାବ ସମୀକ୍ଷା କରିଛନ୍ତି ପ୍ରଧାନମନ୍ତ୍ରୀ। ଏହି ବୈଠକରେ ପ୍ରଧାନମନ୍ତ୍ରୀଙ୍କୁ ପ୍ରଭାବିତ ରାଜ୍ୟ ଉପରେ ବାତ୍ୟାର ପ୍ରଭାବ ସମ୍ପର୍କରେ ଅବଗତ କରାଯାଇଥିଲା।

ମିଜୋରାମ, ଆସାମ, ମଣିପୁର, ମେଘାଳୟ ଏବଂ ତ୍ରିପୁରାରେ ଭୂସ୍ଖଳନ ଓ ବନ୍ୟା ଯୋଗୁ ଘର ଓ ସମ୍ପତ୍ତି ନଷ୍ଟ ହେବା ବିଷୟରେ ପ୍ରଧାନମନ୍ତ୍ରୀ ମୋଦି ଆଲୋଚନା କରିଛନ୍ତି।

ଏହି ବୈଠକ ପରେ ପ୍ରଧାନମନ୍ତ୍ରୀ ମୋଦି



କହିଛନ୍ତି, ଏହି ବାତ୍ୟା ଦ୍ୱାରା ପ୍ରଭାବିତ ରାଜ୍ୟମାନଙ୍କୁ ଭାରତ ସରକାର ସମ୍ପୂର୍ଣ୍ଣ ସହାୟତା ଯୋଗାଇ ଦେବେ। ପରିସ୍ଥିତିକୁ ତଦାରଖ କରିବା ଏବଂ ପୁନରୁଦ୍ଧାର ପାଇଁ ଆବଶ୍ୟକ ସହାୟତା ଯୋଗାଇବା ପାଇଁ ପ୍ରଧାନମନ୍ତ୍ରୀ ମୋଦି ମଧ୍ୟ ଗୃହ ମନ୍ତ୍ରଣାଳୟକୁ ନିର୍ଦ୍ଦେଶ ଦେଇଛନ୍ତି।

## ଏକାଳ ପକାଳ



ଆମେରିକାରେ ଆରମ୍ଭ ହେଲାଣି
ଟି ଟ୍ୱେଣ୍ଟି ବିଶ୍ୱକପ୍
ଏପଟେ ଗଣନା ଦିନ ପାଇଁ ନେତା
ସବୁ କରୁଛନ୍ତି ଜପ
ଏକ୍‌ଜିଟ୍ ପୋଲ୍‌ର ଦେଖିକି ମାପ
ସବୁ ଦଳନେତା ଚିନ୍ତାରେ ଏଇନା
ଦେହରେ ଆସୁଛି କମ୍ପ।

# ଗାଡ଼ି ଚଳାଇବା ବେଳେ ମୋବାଇଲରେ କଥା ହେଉଥିଲେ ଗାଡ଼ି ସହ ମୋବାଇଲ ଛଡାଇନେବ ପୁଲିସ



**ଭୁବନେଶ୍ୱର, ୨।୬**
**ନ୍ୟୁଜ୍ ବ୍ୟୁରୋ**

ଆପଣ ଗାଡି ଚଳାଇବା ବେଳେ ମୋବାଇଲରେ କଥା ହେଉଛନ୍ତି କି ? ଯଦି ଏପରି କରୁଛନ୍ତି ସାବଧାନ ହୋଇଯାଆନ୍ତୁ, କାରଣ ଏଣିକି ଆପଣଙ୍କ ଗାଡି ସହ ମୋବାଇଲକୁ ମଧ୍ୟ ଛଡାଇ ରଖିବ ପୁଲିସ। ବ୍ୟାପକ ସଚେତନତା ପରେ ମଧ୍ୟ ସୁଧୁରୁନଥିବା ଅମାନିଆଙ୍କ ପାଇଁ ପୁଲିସକୁ କଠୋର ହେବାକୁ ପଡିଛି। ଏନେଇ ପୁଲିସ କମିଶନର ସଞ୍ଜୀବ ପଣ୍ଡା କହିଛନ୍ତି ରାଜଧାନୀ ଭୁବନେଶ୍ୱରରେ ଅମାନିଆ ଗାଡ଼ି ଚାଳକଙ୍କୁ ସାବାଡ କରିବା ପାଇଁ କମିଶନରେଟ ପୁଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି । ଏଥି ମଧ୍ୟରେ ରଙ୍ଗ୍ ରୁଟ୍‌ରେ ଗାଡ଼ି ଚାଳନା, ଓଭର ସ୍ପିଡ ଓ ଡ୍ରାଇଭିଂ ସମୟରେ ମୋବାଇଲ ବ୍ୟବହାର କରୁଥିବା ଅମାନିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ପୁଲିସ ପକ୍ଷରୁ ରଙ୍ଗ ରୁଟ ଓ ୟୁଟର୍ଣ୍ଣ ମାରୁଥିବା ଗାଡି ଚାଳକଙ୍କୁ ପାନେ ଦେବା ପାଇଁ ସ୍ପାଇକ ବ୍ୟାରିୟର ବିଛାଯାଉଛି, ଯାହା ଦ୍ୱାରା ରଙ୍ଗ ରୁଟ ଓ ୟୁଟର୍ଣ୍ଣ ମାରୁଥିଲେ ଗାଡ଼ି ଚକା ପମ୍ପଚର ହେବ। ଶନିବାର ଠାରୁ ଏହି ବ୍ୟାରିୟରକୁ ବ୍ୟବହାର କରାଯାଇ ୧୦ରୁ ଅଧିକ ଗାଡ଼ିକୁ ଲିକ୍ କରାଯାଇଛି । ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏଥି ସହିତ ଗାଡ଼ି ଚଳାଇବା ବେଳେ *(ପୃଷ୍ଠା ୭ରେ)*

# ଆଭ୍ୟନ୍ତରୀଣ ଓଡ଼ିଶାରେ ଆହୁରି ୩ ଦିନ ଯାଏଁ ଜାରି ରହିବ ଗ୍ରୀଷ୍ମପ୍ରବାହ

**ଭୁବନେଶ୍ୱର, ୨।୬**
**ନ୍ୟୁଜ୍ ବ୍ୟୁରୋ**

ଆଭ୍ୟନ୍ତରୀଣ ଓଡ଼ିଶାରେ ଆହୁରି ୩ ଦିନ ଯାଏଁ ଜାରି ରହିବ ଗ୍ରୀଷ୍ମପ୍ରବାହ। ସେହିଭଳି ଉପକୂଳ ଓଡ଼ିଶାରେ ଆହୁରି ୫ ଦିନ କଲବଲ କରିବ ପ୍ରଚଣ୍ଡ ଗୁଳୁଗୁଳି । ଏନେଇ ସୂଚନା ଦେଇଛନ୍ତି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ନିର୍ଦ୍ଦେଶିକା ମନୋରମା ମହାନ୍ତି । ରାଜ୍ୟର ବଲାଙ୍ଗୀର, ବରଗଡ଼, କଳାହାଣ୍ଡି, ନୂଆପଡା ଓ ସୋନପୁରରେ ରବିବାର ଗ୍ରୀଷ୍ମପ୍ରବାହ ଜାରି ରହିଥିଲା। ବଲାଙ୍ଗୀର ଓ ବରଗଡ଼ରେ ଅରେଞ୍ଜ ୱାର୍ଣ୍ଣିଂ ଓ କଳାହାଣ୍ଡି, ନୂଆପଡ଼ା, ସୋନପୁରରେ ୟେଲୋ ୱାର୍ଣ୍ଣିଂ ଜାରି କରିଥିଲା ପାଣିପାଗ ବିଜ୍ଞାନ କେନ୍ଦ୍ର। ଏହା ଆସନ୍ତା ୪ ତାରିଖ ପର୍ଯ୍ୟନ୍ତ ଜାରି ରହିବ।

ଗତ ୨୪ ଘଣ୍ଟା ମଧ୍ୟରେ ୪୫ ଡିଗ୍ରୀ ଉପରେ ୩ ସହର ରହିଛି । ଟିଟିଲାଗଡ଼ ରାଜ୍ୟର ଉତ୍ତପ୍ତ ସହର ଭାବେ ୪୬ ଡିଗ୍ରୀ ରେକର୍ଡ ହୋଇଛି। ସେହିଭଳି ବରଗଡ଼ ୪୫.୮ ଡିଗ୍ରୀ , ବଲାଙ୍ଗୀର ୪୫.୫ ଡିଗ୍ରୀ ରେକର୍ଡ ହୋଇଛି । ଅନ୍ୟପଟେ ୧୨ ସହରରେ ୪୧ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି । ରବିବାର ରାଜ୍ୟର କିଛି କିଛି ସ୍ଥାନରେ ବର୍ଷା ହୋଇଥିବା ଜଣାପଡିଛି। ବିଶେଷକରି ଦକ୍ଷିଣ ଉତ୍ତର ଓଡ଼ିଶାରେ ବର୍ଷା ହେବାର ସମ୍ଭାବନା ରହିଛି। ବିଶେଷକରି ମୟୂରଭଞ୍ଜ , କେନ୍ଦୁଝର , ବାଲେଶ୍ୱର , ଝାରସୁଗୁଡ଼ା , *(ପୃଷ୍ଠା ୭ରେ)*





# ଦୀର୍ଘ ବର୍ଷ ପରେ ମଧ୍ୟ ସରିପାରିଲାନି ଗୋପୀନାଥପୁରର ସଂଯୋଗୀକରଣ ରାସ୍ତା

**କେନ୍ଦୁଝର, ନ୍ୟୁଜ୍**

ଗୋପୀନାଥପୁର ଦଣ୍ଡହୁଡ଼ି ରୁ ରାଇସୁଆଁ ବଜାର ପର୍ଯ୍ୟନ୍ତ ଜାତୀୟ ରାଜପଥ ସଂଯୋଗୀକରଣ ରାସ୍ତା ଏବେ ମରଣଯନ୍ତା ପାଲଟି ଯାଇଛି । ଏହି ଜାତୀୟ ରାଜପଥ ସଂଯୋଗୀକରଣ ରାସ୍ତା ୨୦ ନମ୍ବର ଜାତୀୟ ରାଜପଥରୁ ରାଇସୁଆଁ ବଜାରକୁ ସଂଯୋଗ କରୁଥିବା ବେଳେ ଦୀର୍ଘ ୮ ବର୍ଷ ପରେ ବି ଆଜି ପର୍ଯ୍ୟନ୍ତ ଏହି ରାସ୍ତାକାମ ସରି ପାରିଲା ନାହିଁ । ସଦର ଥାନା ଅନ୍ତର୍ଗତ ରାଇସୁଆଁ ଓ ଗୋପୀନାଥପୁର ପଞ୍ଚାୟତ ମଧ୍ୟରେ ନିର୍ମାଣ ହୋଇଥିବା ୨୦ ନମ୍ବର ଜାତୀୟ ରାଜପଥର ଓଭର ବ୍ରିଜ ଦେଇ ଦୀର୍ଘ ଦିନ ହେଲା ଗାଡ଼ି ଚଳାଚଳ କରିବା ପରେ ମଧ୍ୟ ଦଣ୍ଡ ହୁଡ଼ି ନିକଟରୁ ଗୋପୀନାଥପୁର ଶାସନ ଦେଇ ରାଇସୁଆଁ ବଜାର ପର୍ଯ୍ୟନ୍ତ ସଂଯୋଗୀକରଣ ରାସ୍ତା ସମ୍ପୂର୍ଣ୍ଣ କରିବା ପାଇଁ ଜାତୀୟ ରାଜପଥ ପ୍ରାଧିକରଣ ଦ୍ୱାରା ୨୦୨୩ରେ କାର୍ଯ୍ୟ ଆରମ୍ଭ କରାଯାଇଥିଲା । ହେଲେ ଅଳ୍ପ କାମ କରିବା ପରେ ସମ୍ପୃକ୍ତ ଠିକା ସଂସ୍ଥା ଦ୍ୱାରା କରାଯାଉଥିବା କାମ ବନ୍ଦ କରିଦେବାରୁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଉଛି । ବାରମ୍ବାର ସ୍ଥାନୀୟ ଲୋକଙ୍କ ଦ୍ୱାରା ଅଭିଯୋଗ ଦାଖଲ କରିବା ପରେ ମଧ୍ୟ କୌଣସି ସୁଫଳ ମିଳୁ ନଥିବାରୁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି । ଏହି ରାସ୍ତାରେ ଚମ୍ପୁଆ ଦିଗରୁ ଆସୁଥିବା ଲୋକ ରାଇସୁଆଁ ବଜାରକୁ ଆସିଥାନ୍ତି । ଏହି ରାସ୍ତାରେ ଜଳବଙ୍ଗ, ହର୍ଷପୁର, ମୁକୁନା, ବାଉରିପଦା, ରୁକୁଣାପୁର ଆଦି ଅଞ୍ଚଳ ବାସୀ ନିର୍ଭର କରୁଥିବା ବେଳେ ସଂଯୋଗୀକରଣ ରାସ୍ତା ଦିନକୁ ଦିନ ଖରାପ ହେବାରେ ଲାଗିଛି । ବିଶେଷ କରି ବର୍ଷା ହେଲେ ପାଣି ଜମିବା ଫଳରେ ଏହି ରାସ୍ତା କଡ଼ରେ ଥିବା ଘରୁ ବାହାରିବା କଷ୍ଟକର ହୋଇପଡୁଥିବାରୁ ରାସ୍ତା ନିର୍ମାଣ କାମ ଖୁବ୍ ଶୀଘ୍ର କରିବା ପାଇଁ ଦାବି ହେଉଛି ।



# ଜୁନ୍ ୭ରେ ବିଶ୍ୱଶାନ୍ତି ଧର୍ମ ମହାଯଜ୍ଞ ଶୁଭଖମ୍ବ ସ୍ଥାପନ

**ବୌଦ୍ଧ, ନ୍ୟୁଜ୍‌ବ୍ୟୁରୋ**

ବୌଦ୍ଧ ଜିଲ୍ଲାର କଙ୍କଲା ଗ୍ରାମ ନିକଟବର୍ତ୍ତୀ ମହାନଦୀ କୂଳରେ ଅବସ୍ଥିତ ଥିବା ମାଳିକା ବର୍ଣ୍ଣିତ ପୀଠ ସିଦ୍ଧଗୁରୁ ଡମ୍ବରୁଗଡ଼ ମଠଠାରେ ଆସନ୍ତା ନଭେମ୍ବର ୦୭ ତାରିଖ ଠାରୁ ୧୫ ତାରିଖ ପର୍ଯ୍ୟନ୍ତ ନବ ଦିନ ବ୍ୟାପୀ ବିଶ୍ୱ ଶାନ୍ତି ଧର୍ମ ମହାଯଜ୍ଞ ଅନୁଷ୍ଠିତ ହେବ । ଆସନ୍ତା ଜୁନ ୧୧ ତାରିଖ ପବିତ୍ର ଶୀତଳଷଷ୍ଠୀ ଅବସରରେ ଶୁଭଖମ୍ବ ସ୍ଥାପନ ଓ ଧ୍ୱଜାରୋପଣ କରାଯିବାକୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ଉକ୍ତ ବୈଠକରେ ସାହାଜପାଲ ଗ୍ରାମ୍ୟକମିଟି ସଭାପତି ତଥା ଜଗନ୍ନାଥ ମନ୍ଦିର କମିଟି ସଭାପତି ପ୍ରଦୀପ କୁମାର ବେହେରା ସଭାପତିତ୍ୱ କରିଥିଲେ । ଶ୍ରୀରାଧା ମାଧବ ସଂଗଠନର ମୁଖ୍ୟ ପରିଚ଼ାଳକ ତଥା ଏହି ମହାଯଜ୍ଞ ପ୍ରସ୍ତୁତି ବୈଠକର ଆବାହକ ବ୍ରହ୍ମଚ଼ାରୀ ଆଦିତ୍ୟ ଦାସ କାର୍ଯ୍ୟକ୍ରମ ଉପରେ ବିସ୍ତୃତ ତଥ୍ୟ ଦେବା ସହ ଏହି ମଠକୁ ଏକ ମାଳିକା ବର୍ଣ୍ଣିତ ସର୍ବ ପ୍ରାଚ଼ୀନ ମଠ ବୋଲି ଉଲ୍ଲେଖ କରିଥିଲେ । ଏହି ବୈଠକରେ ଯଜ୍ଞ କମିଟି ସମ୍ପାଦକ କୃତ୍ତିବାସ ପଲିଆ ସ୍ୱାଗତ କରିବା ସହିତ ବୈଠକ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ । ଯଜ୍ଞକମିଟି ଉପ ସଭାପତି ଗୌରୀ ପ୍ରସାଦ ସାହୁ, ସାହାଜପାଲ ଗ୍ରାମ୍ୟ କମିଟି ସମ୍ପାଦକ ପ୍ରଫୁଲ୍ଲ ପଟ୍ଟନାୟକ, ସାହାଜପାଲ ବଣିକ ସଙ୍ଘ ସଭାପତି ରାଜ କୁମାର ମେହେର, ଜିଲ୍ଲା ଔଷଧ ବ୍ୟବସାୟୀ ସଙ୍ଘ ସମ୍ପାଦକ ପ୍ରାଣବନ୍ଧୁ ପ୍ରଧାନ, ବରିଷ୍ଠ ସଦସ୍ୟ ବୁଦ୍ଧଦେବ ପ୍ରଧାନ, ତ୍ରିବ ପଟ୍ଟନାୟକ, ପୂର୍ଣ୍ଣାନନ୍ଦ ମେହେର, ସାମାଜିକ କର୍ମୀ ମୟସେନ ରଣା, ଶିବ କର୍ମୀ, କୃଷ୍ଣ ଚନ୍ଦ୍ର ସାହୁ, ବିଶ୍ୱଜିତ ମେହେର, ଶୁଶାନ୍ତ ମେହେର, ରାଜକୁମାର ସେଠୀ, ପ୍ରମୋଦ କୁମାର ମେହେର, ଗୋପୀନାଥ ହୋତା, କିଶୋର ମେହେର, ବିଭୁତି ଭୂଷଣ ସାହୁ, ଶୁଶାନ୍ତ ସାହୁ, ବିଦେଶୀ ସାହୁ, ବିଶ୍ୱଜିତ ନାୟକ, ଆକାଶ ଜେନା, ଶଶାଙ୍କ ପ୍ରଧାନ ପ୍ରମୁଖ ଯୋଗ ଦେଇ ଆଲୋଚ଼ନାରେ ଅଂଶଗ୍ରହଣ କରିଥିବାବେଳେ ଆସନ୍ତା ୩୦ ତାରିଖ ଯଜ୍ଞ ଶୁଭସ୍ତମ୍ଭ ପ୍ରସ୍ତୁତି ବୈଠକରେ ସମସ୍ତ ସଦସ୍ୟ ଯୋଗଦାନ ସହ ଜୁନ ୧୦ ତାରିଖରେ ଶୁଭସ୍ତମ୍ଭ ସ୍ୱାଗତ ଓ ଜୁନ ୧୧ ତାରିଖ ପବିତ୍ର ଶୀତଳ ଷଷ୍ଠୀ ଦିନ ସାହାଜପାଲ ଠାରୁ ଡମ୍ବରୁଗଡ଼ ମଠ ପର୍ଯ୍ୟନ୍ତ ଶୋଭାଯାତ୍ରାରେ ସମସ୍ତେ ସାମିଲ ହୋଇ ସମସ୍ତ ସହଯୋଗ କରିବାପାଇଁ ଅନୁରୋଧ କରାଯାଇଥିଲା । ଶେଷରେ ମନ୍ଦିର ପୂଜକ ହରିବୋଲ ଦେଇ ଥିଲେ ଓ ଶାନ୍ତିପାଠ କରାଯାଇ ସଭାସାଙ୍ଗ କରାଯାଇଥିଲା ।

# ଉର୍ଦ୍ଦୁ କବି ସମ୍ରାଟ ଡଃ ସଲମାନ ରାଗିବଙ୍କ ପରଲୋକ



**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶାର ଜଣାଶୁଣା ଖ୍ୟାତାନାମା ଉର୍ଦ୍ଦୁ କବି ସମ୍ରାଟ ଡଃ ସଲମାନ ରାଗିବଙ୍କ ପରଲୋକ ହୋଇଯାଇଛି । ସ୍ୱର୍ଗତ ରାଗିବ ପିତା ହାପିଜୁଲ୍ଲା ଓ ମାତା ତାହେରା ହାପିଜଙ୍କର ପୁତ୍ର ଥିଲେ । ସେ ଶୈଳବାଳା ମହିଳା କଲେଜରେ ଆସିଷ୍ଟାଣ୍ଟ ପ୍ରଫେସର (ଉର୍ଦ୍ଦୁ) ଭାବେ କାର୍ଯ୍ୟ କରୁଥିଲେ । ଦୀର୍ଘ ବର୍ଷ ହେଲା କର୍କଟ ଜନିତ ରୋଗରେ ଚିକିତ୍ସିତ ଥିଲେ । ଗତ ୩୧.୦୫.୨୦୨୪ ରେ କଟକ ଏସ୍.ସି.ବି ମେଡିକାଲ କଲେଜ ରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ବରଣ କରିଛନ୍ତି । ତାଙ୍କର କଟକ ସ୍ଥିତ କଦମ ରସୁଲରେ ଅନ୍ତିମ ସଂସ୍କାର କରାଯାଇଥିଲା । ସେ ଜଣେ ମେଳାପୀ, ମିଷ୍ଟଭାଷୀ ଓ ପରୋପକାରୀ ବ୍ୟକ୍ତି ଥିବାରୁ ତାଙ୍କର ପରଲୋକରେ ରାଜ୍ୟ ଓ ଉର୍ଦ୍ଦୁ କବି ଦୁନିଆରେ ଶୋକର ଛାୟା ଖେଳି ଯାଇଛି । ତାଙ୍କର ପରଲୋକର ଖବର ପାଇ ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ସହ ସ୍ଥାନୀୟ ଲୋକ ତାଙ୍କ ବାସ ଭବନରେ ପହଞ୍ଚି ଶ୍ରଦ୍ଧା ସୁମନ ଅର୍ପଣ କରି ଶୋକ ପ୍ରକାଶ କରିଥିଲେ । ପରଲୋକ ସମୟରେ ତାଙ୍କର ପତ୍ନୀ ତରନୁମ ବିବି ଓ ପରିବାରର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ ।

# ରମ୍ଭା ଚନ୍ଦନ ଯାତ୍ରା : ମନ ମୋହୁଛି ପାତାଳ ଭୈରବୀ ଭିଡ଼ ଓ ମାନସିକ ଧାରୀଙ୍କ ଭୟଙ୍କର ବେଶ



**ରମ୍ଭା, ନ୍ୟୁଜ୍‌ବ୍ୟୁରୋ**

ଦକ୍ଷିଣ ଓଡ଼ିଶାର ପ୍ରସିଦ୍ଧ ଐତିହାସିକ ରମ୍ଭା ଚନ୍ଦନ ଯାତ୍ରା ମଙ୍ଗଳବାର ପଞ୍ଚମ ଦିନରେ ପହଞ୍ଚିଛି । ଯାତ୍ରାକୁ ଉପଭୋଗ କରିବା ପାଇଁ ବହୁ ଉଚ୍ଚତା ସମ୍ପନ୍ନ ତୋରଣ ସାଙ୍ଗକୁ ମେଢ଼ ନିର୍ମାଣ ରାସ୍ତା ପାର୍ଶ୍ୱରେ ସାହିବସ୍ତି ମୁହଁରେ ଦଣ୍ଡାୟମାନ ହୋଇଛନ୍ତି । ପଞ୍ଚମ ଦିନରେ ସହରକୁ ରଙ୍ଗ ବେରଙ୍ଗର ଆଲୋକମାଳାରେ ଚିକିମିକି କରି ଯାତ୍ରା ଦର୍ଶକଙ୍କୁ ଆକର୍ଷିତ କରିଛି । ପ୍ରତ୍ୟହ ସନ୍ଧ୍ୟାରେ ଠାକୁର ମଦନ ମୋହନଙ୍କୁ ସବାରୀରେ ନିଆଯାଇ ଚପ ଖେଳ ସହ ଚନ୍ଦନ ପୋଖରୀରେ ସ୍ନାନ କରାଯାଇ ଘଣ୍ଟ, ମୃଦଙ୍ଗ, ବାଜା, ସଂକୀର୍ତ୍ତନ ମାଧ୍ୟମରେ ପହଣ୍ଡି ବିଜେ କରାଯାଇ ସାହି ବସ୍ତି ପରିଭ୍ରମଣ କରାଯାଉଛି । ଦିନରେ ଖରା ଗରମକୁ ଦର୍ଶକ ଧିମେଇ ଯାଇ ସନ୍ଧ୍ୟା ୫ ଘଣ୍ଟିଆ ପରେ ଆସ୍ତେ ଆସ୍ତେ ବୃଦ୍ଧି ଘଟୁଥିବା ଲକ୍ଷ୍ୟ କରାଯାଇଛି । ଦିନ ବେଳା ରାସ୍ତାଘାଟ ଶୂନ୍‌ଶାନ୍ ଦେଖାଯାଉଛି । ବିଶେଷ କରି ମାନସିକ ଧାରୀଙ୍କ ବେଶ ପରିପାଟି, ରାମ ଦୋଳି, ମିନା ବଜାର, ଅପେରା, ଗୁପଚୁପ, ଦହିବରା, ମଲେଇ, ମନୋହର ସାମାନ ଯାତ୍ରାକୁ ଦୃଢ଼ୀଭୁତ କରିଛି । ବିଳମ୍ବିତ ରାତ୍ରରେ ସ୍ଥାନେ ସ୍ଥାନେ ଗୋଟି ପୁଅ ନାଚ, ଭାରତ ନୀଳା ପ୍ରମୁଖ ପରିବେଷଣ ହେଉଥିବା ଜଣାଯାଇଛି ।

# ୧୫୦ କେଜି ଡ୍ରଗ୍ସ ଜବତ : ୨ ଗିରଫ

**ମୁର୍ଶିଦାବାଦ**

ଡ୍ରଗ୍ସ ଚୋରା ଚାଲାଣ ଅଭିଯୋଗରେ ଜିଲ୍ଲାର ରଘୁନାଥଗଞ୍ଜ ପୋଲିସ ଷ୍ଟେସନ ଦୁଇ ଜଣଙ୍କୁ ଗିରଫ କରିଛି । ଗିରଫ ବ୍ୟକ୍ତିଙ୍କ ନାମ ଇସାକ ମହମ୍ମଦ ଏବଂ ଆର୍ଯ୍ୟନ୍ ଖାନ ବୋଲି ଜଣାପଡିଛି । ପୋଲିସ ସୂତ୍ର ଅନୁଯାୟୀ, ଉଭୟ ରାଜସ୍ଥାନର ଅଲଓବର ଜିଲ୍ଲାର ବାସିନ୍ଦା । ମିଳିଥିବା ସୂଚନା ଅନୁଯାୟୀ, ରଘୁନାଥଗଞ୍ଜ ପୋଲିସ ଷ୍ଟେସନ ଗୁପ୍ତ ସୂତ୍ରରୁ ସୂଚନା ପାଇବା ପରେ ଏକ ଗାଡିକୁ ଜବତ କରିଛି । ଉକ୍ତ ଗାଡିରୁ ପ୍ରାୟ ୧୫୦ କେଜି ଡ୍ରଗ୍ସ ଜବତ କରାଯାଇଛି । ଗିରଫ ଲୋକମାନେ କେଉଁଠାରୁ ଏହା ପାଇଲେ ତାହା ପୋଲିସ ଅନୁସନ୍ଧାନ କରୁଛି ।

# ଇନଟେକ ସୋନପୁର ଚ୍ୟାପ୍ଟରର ବାର୍ଷିକ ସମାବେଶ




**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ଇନଟେକ ସୋନପୁର ଚ୍ୟାପ୍ଟରର ବାର୍ଷିକ ସମାବେଶ ସ୍ଥାନୀୟ ହୋଟେଲ ପ୍ରୋଗ୍ରେସ ଇନ ରେ ଅନୁଷ୍ଠିତ ହୋଇଯାଇଛି । ଚ୍ୟାପ୍ଟର ଆବାହକ ପ୍ରଦ୍ୟୁମ୍ନ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଅନୁଷ୍ଠାନର ବିଗତ ଦିନରେ ହୋଇଥିବା ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ଆଲୋଚ଼ନା ହେବା ସହ ଆଗାମୀ ସମୟର କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରାଯାଇଥିଲା । ଲୋକବାଦ୍ୟ ନିର୍ମାଣ କର୍ମଶାଳା, ଷୋହଳ ସୁଆଙ୍ଗ ଦଣ୍ଡନାଟର ବୃତ୍ତ ପ୍ରସ୍ତୁତି, ଗଞ୍ଜପା ପ୍ରସ୍ତୁତି କର୍ମଶାଳା ପରି କାର୍ଯ୍ୟକ୍ରମ ଆଗାମୀ ଦିନରେ କରାଯିବାକୁ ନିଷ୍ପତ୍ତି ନିଆଯିବା ସହ ବୈଦ୍ୟନାଥର ଭଗ୍ନ କାଳେଶ୍ୱର ମନ୍ଦିର ପୁନଃ ନିର୍ମାଣ ପାଇଁ ସରକାରଙ୍କୁ ପ୍ରସ୍ତାବ ଦିଆଯିବାକୁ ସଭାରେ ଆଲୋଚ଼ନା ହୋଇଥିଲା । ଇନଟେକ ସୋନପୁର ଚ୍ୟାପ୍ଟର ପାଇଁ ନୂତନ ସଭ୍ୟପଦ ଗ୍ରହଣ କରାଯିବାକୁ ମତ ପ୍ରକାଶ ପାଇଥିଲା । ସଭାରେ ଅନ୍ୟ ମାନଙ୍କ ମଧ୍ୟରେ ଡାକ୍ତର ରାଜେନ୍ଦ୍ର କୁମାର ମିଶ୍ର, ସୁଧାଂଶୁ ଶେଖର ମିଶ୍ର, ଇଂ ସୁରେନ୍ଦ୍ର ମେହେର, ଗଦାଧର ବାରିକ, ଡଃ ସନ୍ତୋଷ ପାଢ଼ୀ, ଡଃ. ମୀନକେତନ କୁମ୍ଭାର, ଡଃ. ରେଣୁକା ମିଶ୍ର, ଡଃ. ନାରାୟଣ ପ୍ରସାଦ ରାୟଗୁରୁ ପ୍ରମୁଖ ଉପସ୍ଥିତ ଥିଲେ । ଚ୍ୟାପ୍ଟରର ସହ ଆବାହକ ବନମାଳି ପଣ୍ଡା ସ୍ୱାଗତ ଭାଷଣ ଦେଇଥିବା ବେଳେ ଆଜୀବନ ସଦସ୍ୟ ଡଃ. ସୌରଭ ରଂଜନ ଖମାରୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜିଲ୍ଲାସ୍ତରୀୟ ରବି ଧାନ କ୍ରୟ ମଣ୍ଡି ଶୁଭାରମ୍ଭ



**ବୌଦ୍ଧ, ନ୍ୟୁଜ୍‌ବ୍ୟୁରୋ**

ଜିଲ୍ଲା ଯୋଗାଣ କାର୍ଯ୍ୟାଳୟ ଓ ଖୁଣ୍ଟବନ୍ଧ ସେବା ସମବାୟ ସମିତି ପକ୍ଷରୁ ଜିଲ୍ଲାସ୍ତରୀୟ ରବି ଧାନ କ୍ରୟ ମଣ୍ଡିର ଶୁଭାରମ୍ଭ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଉପ ନିବନ୍ଧକ ହାଡିବନ୍ଧୁ ମହାକୁଡ ଓ ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀନାଥ ହାଁସଦା ଅତିଥି ଭାବରେ ଯୋଗଦେଇ ପାରମ୍ପରିକ ପୂଜାର୍ଚ୍ଚନା କରି ରବିଧାନ କ୍ରୟ ମଣ୍ଡିର ଶୁଭାରମ୍ଭ କରିଥିଲେ । ଧାନ ବିକ୍ରୟ ପାଇଁ ପିକରଣ କରି ଟୋକନ ପାଇଥିବା ଚାଷୀମାନେ ନିଜନିଜ ଧାନ ଧରି ମଣ୍ଡିକୁ ଆସିଛନ୍ତି । ଏହି ଜିଲ୍ଲାସ୍ତରୀୟ ମଣ୍ଡି ଶୁଭାରମ୍ଭ ଅବସରରେ ବୌଦ୍ଧ ନିୟନ୍ତ୍ରିତ ବଜାର କମିଟିର ସମ୍ପାଦକ ସଞ୍ଜୟ କୁମାର ପଟ୍ଟନାୟକ, ଖୁଣ୍ଟବନ୍ଧ ସେବା ସମବାୟ ସମିତିର ସଭାପତି ରାଜକିଶୋର ଦେହୁରୀ, ସମ୍ପାଦକ ଦେବାଶିଷ ମିଶ୍ରଙ୍କ ସମେତ ପରିଚ଼ାଳନା କମିଟିର ସଦସ୍ୟ, ଆରଏମସି କର୍ମଚ଼ାରୀ ଓ ମିଲର ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

# ମଙ୍ଗୁଳି ଛକରେ ଜଳସେବା କାର୍ଯ୍ୟକ୍ରମ

**ଚୌଦ୍ୱାର, ନ୍ୟୁଜ୍‌ବ୍ୟୁରୋ**

ଅବସରପ୍ରାପ୍ତ ବାୟୁସେନା ସଂଘର କଟକ ଶାଖା ଆନୁକୂଲ୍ୟରେ ୧୬ ନମ୍ବର ଓ ୫୫ ନମ୍ବର ଜାତୀୟ ରାଜପଥର ସଂଯୋଗସ୍ଥଳ ବ୍ୟସ୍ତ ବହୁଳ ମଙ୍ଗୁଳି ଛକରେ ଜଳସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଗତ କିଛିଦିନ ଧରି ପ୍ରଚଣ୍ଡ ରୌଦ୍ରତାପ ଓ ଗୁଳୁଗୁଳି ହେତୁ ଯାତ୍ରୀ ଓ ପଥଚାରୀ ମାନଙ୍କ ଯାତନାକୁ ଦେଖି ସଂଘ ତରଫରୁ ତୃଷାର୍ତ୍ତମାନଙ୍କ ପାଇଁ ଜଳସେବା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ସଂଘର ସଦସ୍ୟ ପବିତ୍ର ମୋହନ ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସଭାପତି ହୃଷିକେଶ ସ୍ୱାଇଁ,ସମ୍ପାଦକ ନବ କିଶୋର ସାହୁ, ବିମଳ ପ୍ରସାଦ ଜେନା, ବିଭୁତି ଭୂଷଣ ପଟ୍ଟନାୟକ,ରବୀନ୍ଦ୍ର ମହାପାତ୍ର, ଉମେଶ ଚନ୍ଦ୍ର ମହାରଣା, ପ୍ରଦୀପ କୁମାର ସାମଲ, ଶୁଭେନ୍ଦୁ କାନୁନଗୋ ପ୍ରମୁଖ ତୃଷାର୍ତ୍ତ ଯାତ୍ରୀ ଓ ପଥଚାରୀମାନଙ୍କୁ ଜଳଦାନ କରିଥିଲେ । ସଂଘର ଏତାଦୃଶ କାର୍ଯ୍ୟକ୍ରମକୁ ସ୍ଥାନୀୟ ବାସିନ୍ଦା ପ୍ରଶଂସା କରିଥିଲେ ।




# କାର୍ଯ୍ୟରତ ପୋଲିଂ ଅଫିସର ଚେତା ହରାଇଲେ

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ କପାଳେଶ୍ୱର ପଞ୍ଚାତର ଗରାପୁର ୧୩୬ନଂ ବୁଥ୍‌ରେ ଜଣେ କାର୍ଯ୍ୟରତ ପୋଲିଂ ଅଫିସର ମତଦାନ ଚାଲୁଥିବା ସମୟରେ ହଠାତ୍ ଚେତା ହରାଇଥିବା ଜଣାପଡ଼ିଛି । ୧୩୬ ନଂ ବୁଥ୍‌ର ଫାଷ୍ଟ ପୋଲିଂ ଅଫିସର ଭାବେ ନିୟୋଜିତ ହୋଇଥିବା ଦୁଲାଲ କୁମାର ସାହୁ ମାତ୍ରାଧିକ ଗ୍ରୀଷ୍ମ ପ୍ରବାହ ଯୋଗୁଁ କାର୍ଯ୍ୟ କରୁଥିବା ସମୟରେ ହଠାତ୍ ଚେତା ହରାଇ ତଳେ ପଡ଼ିଯାଇଥିଲେ । ତାଙ୍କୁ ତୁରନ୍ତ ପ୍ରିଜାଇଡିଂ ଅଫିସରଙ୍କ ସହାୟତା ରେ ସ୍ଥାନୀୟ ଲୋକେ କେନ୍ଦ୍ରାପଡ଼ା ମୁଖ୍ୟ ଚିକିତ୍ସାଳୟକୁ ନେଇ ଚିକିତ୍ସା କରାଇଥିବା ଜଣାପଡିଛି । ପ୍ରିଜାଇଡିଂ ଅଫିସରଙ୍କ ଦ୍ୱାରା ଖବର ପାଇ ସେକ୍ଟର ଅଫିସର ତୁରନ୍ତ ଘଟଣା ସ୍ଥଳରେ ପହଞ୍ଚି ତାଙ୍କ ସିଟ୍‌ରେ ବସି କାର୍ଯ୍ୟ କରୁଥିବା ଦେଖିବାକୁ ମିଳିଛି । ତେବେ ମତଦାନ ସମୟରେ କୌଣସି ଅସୁବିଧା ହୋଇ ନଥିବା ଜଣାପଡ଼ିଛି ।

# ଶାନ୍ତି ଶୃଙ୍ଖଳାର ସହ ସାମ୍ବିଧାନିକ ଅଧିକାର ସାବ୍ୟସ୍ତ କଲେ ସଚେତନ ଭୋଟର

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

ସାଧାରଣ ନିର୍ବାଚନର ଶେଷ ପର୍ଯ୍ୟାୟ ପ୍ରକ୍ରିୟା ଶେଷ ହୋଇଛି । ଜିଲ୍ଲାର ସଚେତନ ମତଦାତାମାନେ ୫ବର୍ଷରେ ଥରେ ମିଳୁଥିବା ନିଜର ସାମ୍ବିଧାନିକ ଅଧିକାର ସାବ୍ୟସ୍ତ କରିଛନ୍ତି । ରିପୋର୍ଟ ଲେଖା ହେଲା ବେଳକୁ ଏକାଧିକ ବୁଥ୍‌ରେ ଭୋଟିଂ ପ୍ରକ୍ରିୟା ଚାଲିଥିବା ସୂଚନା ମିଳିଛି । ଭୋଟ ଦେବା ପାଇଁ ବହୁ ମତଦାତା ଏବେ ମଧ୍ୟ ଧାଡିରେ ଅପେକ୍ଷା କରି ରହିଥିବା ଦେଖିବାକୁ ମିଳିଛି । କେନ୍ଦ୍ରାପଡା ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ସୂର୍ଯ୍ୟବଂଶୀ ମୟୂର ବିକାଶ ପତ୍ନୀ ଐସୂର୍ଯ୍ୟା ପ୍ରଦୀପ ଠାକେରେଙ୍କ ସହ କେନ୍ଦ୍ରାପଡା ସରକାରୀ ହାଇସ୍କୁଲ ବୁଥ୍ ନଂ ୨୧୭ ରେ ପହଞ୍ଚି ଧାଡ଼ିରେ ଛିଡ଼ା ହୋଇ ନିଜର ମତ ଅଧିକାର ସାବ୍ୟସ୍ତ କରିଥିବା ଜଣାପଡିଛି । ସେହିଭଳି ବିଧାନସଭା ପ୍ରାର୍ଥୀ ଗଣେଶ୍ୱର ବେହେରା, ଗୀତାଳୀ ସେଠୀ, ସିପ୍ରା ମଲିକ, ପ୍ରତାପ କଶରୀ ଦେବ, ଅତନୁ ସବ୍ୟସାଚୀ ନାୟକ, କୃଷ୍ଣ ପଣ୍ଡା, ରତିକାନ୍ତ କାନୁନଗୋ, ଦେବସ୍ମିତା ଶର୍ମା ପ୍ରମୁଖ ନିଜ ନିଜ ବୁଥ୍‌ରେ ଭୋଟ୍ ଦେଇ ମତାଧିକାର ସାବ୍ୟସ୍ତ କରିଛନ୍ତି । ତେବେ ଜିଲ୍ଲାର ୫ଟି ବିଧାନସଭା କ୍ଷେତ୍ରରେ ସନ୍ଧ୍ୟା ୫ଟା ସୁଦ୍ଧା ୫୯.୮୭ ଶତକଡ଼ା ଭୋଟିଂ ହୋଇଥିବା ସୂଚନା ମିଳିଛି । ତେବେ ସର୍ବାଧିକ ମହାକାଳପଡ଼ା ବିଧାନସଭା କ୍ଷେତ୍ରରେ ୬୧% ଭୋଟ୍ ହେଇଥିବା ବେଳେ କେନ୍ଦ୍ରାପଡ଼ା ନିର୍ବାଚନ ମଣ୍ଡଳୀରେ ୫୮.୬୦ % ମତଦାତା ଭୋଟ ଦେଇଛନ୍ତି । ସେହିଭଳି ପାଟକୁରାରେ ୬୦.୧୪, ଆଳିରେ ୬୦.୧୨, ରାଜନଗର ରେ ୫୯.୪୭ % ଭୋଟ ହୋଇଛି । ଲୋକସଭା କ୍ଷେତ୍ରରେ ମୋଟ୍ ୬୧.୯୬ % ଭୋଟ ହୋଇଥିବା ବେଳେ ମାହାଙ୍ଗା ନିର୍ବାଚନ ମଣ୍ଡଳୀରେ ୬୭.୬%, ସାଲେପୁର ରେ ୬୬.୮ %, ମହାକାଳପଡ଼ାରେ ୬୧ %, ପାଟକୁରା ୬୦.୧୪ %, କେନ୍ଦ୍ରାପଡ଼ା ୫୮.୬୦%, ଆଳି ୬୦.୧୨% ଓ ରାଜନଗର ୫୯.୪୭ % ଭୋଟ ହୋଇଥିବା ଜଣାପଡିଛି । ତେବେ କାଁ ଭାଁ ଅଧିକ ଉତ୍ତାପ ଯୋଗୁଁ ମେସିନ ସାମୟିକ ଭାବେ ଅଚଳ ହୋଇଯିବା କାରଣରୁ ଭୋଟଦାନ ପ୍ରକ୍ରିୟା ବାଧା ପାଇଥିଲେ ମଧ୍ୟ ପରବର୍ତ୍ତୀ ଅବସ୍ଥାରେ ଏହାର ବିକଳ୍ପ ବ୍ୟବସ୍ଥା ତୁରନ୍ତ କରାଯାଇଥିଲା । ସେହିଭଳି କେନ୍ଦ୍ରାପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀ ଅଧିନ ନୀଳକଣ୍ଠପୁର ପଞ୍ଚାୟତରେ ଜଣେ ବ୍ୟକ୍ତିଙ୍କ ଛୁରା ମାଡରେ ବିଜେପି କର୍ମୀ ଗୁରୁତର ଆହତ ହୋଇଥିବା ଓ ଏନେଇ ଥାନାରେ ଅଭିଯୋଗ ହୋଇଥିବା ଜଣାପଡ଼ିଛି । ତେବେ ଚଳିତ ୨୦୨୪ ନିର୍ବାଚନ ଶାନ୍ତି ଶୃଙ୍ଖଳାର ସହିତ ସମାପ୍ତ ହୋଇଥିବା ଜଣାପଡିଛି । ପୋଲିସ ପ୍ରଶାସନ ପକ୍ଷରୁ ଆଇନ ଶୃଙ୍ଖଳା ବଜାୟ ରଖିବା ଓ ଶୃଙ୍ଖଳିତ ଭାବେ ଭୋଟ ଦାନ ପ୍ରକ୍ରିୟା ପରିଚାଳନା କରିବା ପାଇଁ ବ୍ୟାପକ ପୋଲିସ ବ୍ୟବସ୍ଥା ହୋଇଥିବା ଦେଖିବାକୁ ମିଳିଥିଲା ।

# କେନାଲ କଂକ୍ରିଟ କାମ ନିମ୍ନମାନର ଅଭିଯୋଗ

**ବୌଦ୍ଧ, ନ୍ୟୁଜ୍‌ବ୍ୟୁରୋ**

ସାଲୁଙ୍କି ଜଳସେଚ଼ନରୁ କେନାଲ ଯୋଗେ ଚ଼ାଷୀ କିପରି ସୁବିଧାରେ ଚାଷ ପାଇଁ ପାଣି ପାଇପାରିବେ ସେଥିପାଇଁ ପ୍ରତିବର୍ଷ କେନାଲକୁ ମନରେଗା ଯୋଜନାରେ ଉନ୍ନତିକରଣ ଓ କଂକ୍ରିଟକରଣ କରାଯାଉଛି । ଯାହାଫଳରେ ଚାଷୀ କମ୍ ସମୟରେ ପାଣି ପାଇପାରିବେ ଏବଂ ସୁବିଧାରେ ନିଜ ଚାଷ ଜମିକୁ ପାଣି ମଡେଇ ପାରିବେ । ହେଲେ କନିଷ୍ଠ ଯନ୍ତ୍ରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକା ଯୋଗୁଁ ଏହି କାମ ନିମ୍ନମାନର ହେଉଥିବା ଅଭିଯୋଗ ହେଉଛି । ଏପରି ଅଭିଯୋଗ ଆସିଛି ଜହ୍ନ । ପଙ୍କରୁ ସୂଚ଼ନାମତେ ସାଲୁଙ୍କି ଜଳସେଚ଼ନ ବିଭାଗର ଜହ୍ନ ପଙ୍କ ଶାଖା କେନାଲର କାମ ପ୍ରାୟ ଶହେ ମିଟର କଂକ୍ରିଟ କାର୍ଯ୍ୟ ନିକଟରେ ସରିଛି । ତେବେ ଏହି କାମ କେଉଁ ଅନୁଦାନରୁ କେତେ ଟଙ୍କା ଓ କିଏ କାମ କରୁଛି କୌଣସି ସୂଚନା ଫଳକ ଲାଗି ନଥିବାରୁ ଜନ ସାଧାରଣଙ୍କୁ ଅନ୍ଧାରରେ ରଖି କାର୍ଯ୍ୟ କରାଯାଉଛି । ତେବେ ଅଟକଳ ମୁତାବକ ସିମେଣ୍ଟ, ବାଲି ଓ ଚ଼ିପ୍ସର ପରିମାଣ ଠିକ୍ ରହୁନଥିବାରୁ ଏହାର ସ୍ଥାୟୀତ୍ୱକୁ ନେଇ ପ୍ରଶ୍ନବାଚ଼ୀ ସୃଷ୍ଟି ହେଉଛି । ଅନ୍ୟପକ୍ଷରେ କାର୍ଯ୍ୟ ସ୍ଥଳରେ ଠିକାଦାର ଓ ଯନ୍ତ୍ରୀ ରହୁ ନ ଥିବାରୁ ମୋହରି ଦ୍ୱାରା ଏହି କାର୍ଯ୍ୟ ଚାଲୁଅଛି, ଯାହାକି ନିମ୍ନମାନର ହେବା ସ୍ୱାଭାବିକ । ତେବେ ସୂଚ଼ନା ଫଳକ ନେଇ ଠିକାଦାରଙ୍କୁ ଯୋଗାଯୋଗ କରିବାରୁ ଟେଣ୍ଡର କାମରେ ସୂଚ଼ନା ଫଳକ ଲାଗେନାହିଁ ବୋଲି କହିଥିଲେ । କାର୍ଯ୍ୟ ହେଲା ଦିନଠାରୁ ଗୋଟିଏ ଦିନ ବି ଏଥିରେ ପାଣି ଦିଆଯାଇନଥିବାରୁ ଏହାର ସ୍ଥାୟୀତ୍ୱକୁ ନେଇ ଉଠିଛି ପ୍ରଶ୍ନବାଚ଼ୀ । ରାଜ୍ୟ ସରକାର କୌଣସି ଉନ୍ନୟନ ମୂଳକ କାର୍ଯ୍ୟପୂର୍ବରୁ ସ୍ୱଚ୍ଛତା ପାଇଁ ସୂଚ଼ନା ଫଳକ ବାଧ୍ୟତାମୂଳକ କରିଥିବାବେଳେ ଏଠାରେ ୫-ଟିର କେଉଁ ନିୟମକୁ ଅବଲମ୍ବନ କରା ଯାଉଛି । ସାଧାରଣରେ ପ୍ରଶ୍ନବାଚ଼ୀ ସୃଷ୍ଟି ହେଉଛି । ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି ।



# ଜିଲ୍ଲା ଟପ୍ପର ଦିବ୍ୟଜ୍ୟୋତିଙ୍କୁ ସମ୍ବର୍ଦ୍ଧନା



**ଚୌଦ୍ୱାର, ନ୍ୟୁଜ୍‌ବ୍ୟୁରୋ**

ମ୍ୟାଟ୍ରିକ୍ ପରୀକ୍ଷାରେ ଚୌଦ୍ୱାର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ର ଦିବ୍ୟଜ୍ୟୋତି ନାୟକ ୫୬୦ନମ୍ବର ରଖି କଟକ ଜିଲ୍ଲାରେ ସର୍ବଶ୍ରେଷ୍ଠ ଛାତ୍ରର କୃତିତ୍ୱ ଅର୍ଜନ କରିଛନ୍ତି । ସେ ଆଠଗଡ଼ ବ୍ଲକ ବ୍ରହ୍ମପୁର ଗ୍ରାମର ଦୀନେଶ ନାୟକ ଓ ଗୀତାଞ୍ଜଳି ନାୟକଙ୍କ ସୁପୁତ୍ର ଅଟନ୍ତି । ଜିଲ୍ଲାସ୍ତରରେ ଟପ୍ପର ହୋଇ ଆୟୁସ୍ମାନ ଦିବ୍ୟଜ୍ୟୋତି ନିଜ ବିଦ୍ୟାଳୟ ସହିତ ଚୌଦ୍ୱାର ପାଇଁ ଗୌରବ ଆଣିଥିବାରୁ ଚୌଦ୍ୱାର ପ୍ରେସ କ୍ଲବ ତରଫରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ସାମ୍ବାଦିକ ଆଶୁତୋଷ ଦାସଙ୍କ ଆବାହାକତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ରମେଶ ଚନ୍ଦ୍ର ସାମଲ, କାର୍ଯକାରୀ ସଭାପତି ଅଧ୍ୟାପକ ସୌରେନ୍ଦ୍ର କୁମାର ପଣ୍ଡା,ଗଙ୍ଗାଧର ସାହୁ,ଶୁଭେନ୍ଦୁ ସାମଲ, ବିମଳ କୁମାର ବେଉରା, ସୁଧାକର ସାମନ୍ତରାୟ, ପ୍ରକାଶ ନାୟକ, ଅଜିତ୍ କୁମାର ସ୍ୱାଇଁ, ବିଶ୍ୱଜିତ ଭଞ୍ଜ, ଅଶୋକ କୁମାର ଦାସ, ଲକ୍ଷ୍ମୀଧର ଦାସ, ନଳିନିକାନ୍ତ ପଢିଆରୀ, ସୁରେଶ କୁମାର ପୃଷ୍ଟି, ସାଗର ସାହୁ ପ୍ରମୁଖ ଉପସ୍ଥିତ ରହି ଦିବ୍ୟଜ୍ୟୋତିଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଓ ଟ୍ରଫି ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ ।

# ଆଇନସେବା ପ୍ରାଧିକରଣ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

**ବୌଦ୍ଧ, ନ୍ୟୁଜ୍‌ବ୍ୟୁରୋ**



ବୌଦ୍ଧଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ଶାଶ୍ୱତୀ ମିଶ୍ରଙ୍କ ତତ୍ତ୍ୱାବଧାନରେ ବୌଦ୍ଧ ବ୍ଲକରେ ଭ୍ରାମ୍ୟମାଣ ଯାନ ଦ୍ୱାରା ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଗ୍ରାମ ଗ୍ରାମ ବୁଲି ପିଏଲଭି ମାନଙ୍କ ଦ୍ୱାରା ଲୋକମାନଙ୍କୁ ଲିଫଲେଟ୍ ବଣ୍ଟନ ସହ ଆଇନ ଅନୁଷ୍ଠାନ ମାନଙ୍କ ଦ୍ୱାରା ମିଳୁଥିଲା ମାଗଣା ଆଇନସେବା ଉପରେ ସଚେତନ କରାଯାଇଥିଲା ।

## ଅହମଦୀୟା ମୁସଲିମ ସମ୍ପ୍ରଦାୟରେ ଖିଲାଫତ ଦିବସ ପାଳିତ

# ଅହମଦୀୟା ଖିଲାଫତ ବିଶ୍ୱରେ ଶାନ୍ତି ଆଣିବ : ସୟଦ ତୟବ ଅହମଦ ସଲିମ୍

**କଟକ, ନ୍ୟୁଜ୍‌ବ୍ୟୁରୋ**

ଖିଲାଫତର ଅର୍ଥ ହେଲା କୌଣସି ଅବତାର ବା ଯୁଗସଂସ୍କାରକ ଅଥବା ନବି, ରସୁଲଙ୍କ ମରଣାନ୍ତେ ତାଙ୍କ କାର୍ଯ୍ୟକୁ ଐଶୀ ଆଦେଶାନୁଯାୟୀ ଆଗକୁ ବଢାଇବା । ଖିଲାଫତ ଏକ ଐଶୀ ଉପହାର । ଯେପରି ପୈଗମ୍ବର ହଜରତ ମୁହମ୍ମଦ ସଲ୍ଲମଙ୍କ ପରେ ଇସଲାମ ଇତିହାସରେ ହଜରତ ଅବୁବକର ସିଦ୍ଦିକ, ହଜରତ ଉମର ଫାରୁକ, ହଜରତ ଉସମାନ ଗନି ଏବଂ ହଜରତ ଅଲି ଇସଲାମୀୟ ଖିଲାଫତର କାର୍ଯ୍ୟଭାରକୁ ତୁଲାଇଥିଲେ । ଖିଲାଫତ ପଦବୀରେ ଅଧିଷ୍ଠିତ ମହାପୁରୁଷଙ୍କୁ ଖଲିଫା କୁହାଯାଏ । ଇସଲାମୀୟ ଖିଲାଫତ ବ୍ୟବସ୍ଥାର ପରି ସମାପ୍ତି ପରେ ପୈଗମ୍ବର ହଜରତ ମୁହମ୍ମଦ ସଲ୍ଲମଙ୍କ ୧୪୦୦ ବର୍ଷ ପରେ ଅହମଦୀୟା ମୁସଲିମ ସମାଜରେ ପୁନର୍ବାର ଖିଲାଫତର ସୁବ୍ୟବସ୍ଥା ୧୯୦୮ ମସିହାରୁ ଯୁଗସଂସ୍କାରକ ହଜରତ ମିର୍ଜା ଗୁଲାମ ଅହମଦଙ୍କ ବିୟୋଗ ପରେ ଅହମଦୀୟା ଖିଲାଫତର ସୂତ୍ରପାତ ହୋଇଥିଲା । ଏହିଭଳି ମତ ପ୍ରକାଶ ପାଇଛି, ମଙ୍ଗଳାବାଗ ସ୍ଥିତ ଅହମଦୀୟା ମୁସଲିମ ମିଶନ ଠାରେ ଅନୁଷ୍ଠିତ ଖିଲାଫତ ଦିବସ ପାଳିତ ଉତ୍ସବରେ । ଏହି ଉତ୍ସବରେ କଟକ ଅହମଦୀୟା ମୁସଲିମ ସଂଗଠନର ସଭାପତି ସୟଦ ତୟବ ଅହମଦ ସଲିମ ପୌରୋହିତ କରିଥିଲେ । ପବିତ୍ର କୋରାନ ପାଠ ଅବରାର ଅଲ୍ଲି କରିଥିବା ବେଳେ ଶତବାର୍ଷିକୀ ଖିଲାଫତ ଶପଥ ପାଠ ସୟଦ ମୁତାହର ଅହମଦ କରାଇଥିଲେ । ସୟଦ ଅବୁନସର ତବଶିର ଅହମଦ ଉର୍ଦ୍ଦୁ ସଂଗୀତ ଗାନ କରିଥିଲେ । ମୁଖ୍ୟବକ୍ତା ଭାବେ ଯୋଗଦେଇ ସୟଦ ୟହିଆ ଅହମଦ କହିଲେ, ଖିଲାଫତ ବ୍ୟବସ୍ଥା ଦ୍ୱାରା ବିଶ୍ୱରେ ଭାଇଚାରା ଏବଂ ସହିଷ୍ଣୁତା ସ୍ଥାପିତ ହୋଇଥାଏ । ସଂଗଠନର ସମସ୍ତ ବ୍ୟକ୍ତି ଏକ କୁଟୁମ୍ବ ଭଳି । ଏହା ଏକତା ଓ ଅଖଣ୍ଡତାର ଏକ ବଳିଷ୍ଠ ପ୍ରମାଣ । ଦ୍ୱିତୀୟ ବକ୍ତା ଭାବେ ହଫିଜୁଦ୍ଦିନ ଖାଁ ଯୋଗଦେଇ କହିଲେ,ଅହମଦୀୟା ମୁସଲିମ ସଂଗଠନରେ ସର୍ବପ୍ରଥମେ ହଜରତ ମୌଲାନା ହକିମ ନୁରୁଦ୍ଦିନ, ଦ୍ୱିତୀୟରେ ହଜରତ ମିର୍ଜା ବଶିରୁଦ୍ଦିନ ମହମୁଦ ଅହମଦ, ତୃତୀୟରେ ହଜରତ ମିର୍ଜା ନାସର ଅହମଦ, ଚତୁର୍ଥରେ ହଜରତ ମିର୍ଜା ତାହେର ଅହମଦଙ୍କ ବିୟୋଗ ପରେ ଏବେ ଅହମଦୀୟା ମୁସଲିମ ସଂପ୍ରଦାୟର ୫ମ ଖଲିଫା ହଜରତ ମିର୍ଜା ମସରୁର ଅହମଦ ଖିଲାଫତ କାର୍ଯ୍ୟଭାର ସୂଚାରୁ ରୂପେ ତୁଲାଇ ଆସିଛନ୍ତି । ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୌଲାନା ଫଜଲ ହକ ଖାଁ କହିଲେ, ଖଲିଫା ସମଗ୍ର ବିଶ୍ୱ ପାଇଁ ନ୍ୟାୟର ପ୍ରତୀକ ଭାବେ ଆବିର୍ଭାବ ହୋଇଛନ୍ତି । ସେ ମହାମାନ୍ୟଙ୍କ ଉପରେ ସଦା ସର୍ବଦା ପ୍ରଭୁଙ୍କ ଆଶୀର୍ବାଦ ରହିଛି । ଖଲିଫା ପଦବୀ ପାଇଁ କେବଳ ଈଶ୍ୱର ହିଁ ଜଣେ ଏକେଶ୍ୱର ବିଶ୍ୱାସୀ, ସତ୍ୟନିଷ୍ଠ ଓ ଧର୍ମପରାୟଣ ବ୍ୟକ୍ତିଙ୍କୁ ଚୟନ କରିଥାନ୍ତି । ସଭାପତିତ୍ୱ ଭାଷଣରେ ସୟଦ ତୟବ ଅହମଦ ସଲିମ କହିଲେ,ଏହି ଖିଲାଫତ ସଂସ୍ଥା ଦ୍ୱାରା ସମଗ୍ର ବିଶ୍ୱର ୨୧୪ଗୋଟି ରାଷ୍ଟ୍ରରେ ଅହମଦୀୟା ମୁସଲିମ ସଂଗଠନ ମାନବ କଲ୍ୟାଣକାରୀ ଯୋଜନା, ବିଶ୍ୱ ଭାତୃଭାବ ଏବଂ ବିଶ୍ୱଶାନ୍ତି ପାଇଁ ମହାନ କାର୍ଯ୍ୟମାନ ସମ୍ପାଦନ କରାଯାଉଛି । ଅହମଦୀୟା ଖିଲାଫତ ବିଶ୍ୱରେ ଶାନ୍ତି ଆଣିବ ବୋଲି ସେ କହିଥିଲେ । ଏହି ଉତ୍ସବରେ ମଙ୍ଗଳାବାଗ, ପିଠାପୁର, ଓ.ଏମ.ପି, ବକ୍ସିବଜାର, ସିଦ୍ଧେଶ୍ୱରସାହି, ସତିଚୌରା, ତୁଳସୀପୁର, ବିଡ଼ାନାଶି ଏବଂ ସି.ଡ଼ି.ଏରୁ ଶତାଧିକ ଅହମଦି ଶ୍ରଦ୍ଧାଳୁମାନେ ଯୋଗଦେବା ସହ ବିଶ୍ୱଶାନ୍ତି ଓ ତୃତୀୟ ବିଶ୍ୱଯୁଦ୍ଧରୁ ସୁରକ୍ଷିତ ରହିବା ପାଇଁ ନିରବ ପ୍ରାର୍ଥନା କରିଥିଲେ ।

# ସରକାରୀ ବାଳିକା ବିଦ୍ୟାଳୟର ସଫଳତା

**ବୌଦ୍ଧ, ନ୍ୟୁଜ୍‌ବ୍ୟୁରୋ**

ବୌଦ୍ଧଜିଲ୍ଲା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଧନ୍ଦାମୂଳକ ପାଠ୍ୟକ୍ରମ ଇଲେକ୍‌ଟ୍ରୋନିକ୍ସ ଓ ହାର୍ଡୱେର ବିଭାଗର ଛାତ୍ରୀମାନେ ଚଳିତବର୍ଷ କୃତିତ୍ୱର ସହିତ ଉତ୍ତୀର୍ଣ୍ଣ ହୋଇଛନ୍ତି । ଏହି ବିଭାଗର ୬ ଜଣ ଛାତ୍ରୀ ମନୀଷା ରାଣୀ ପୁରୋହିତ, ଲିଜା ବଡମାଳି, ଦୀପିକା ବାରିକ, ଝୁମାଲି ନାଏକ, ରେଶ୍ମା ଦଳବେହେରା, ପ୍ରାଚ଼ୀ ପ୍ରିୟଦର୍ଶିନୀ ବେହେରା ୧୦୦ ପ୍ରତିଶତ ନମ୍ବର ରଖିଥିବା ବେଳେ ୧୦ ଜଣ ଛାତ୍ରୀ ୯୦ ରୁ ୯୯ ଶତକଡ଼ା ନମ୍ବର ରଖି ସଫଳତା ପାଇଛନ୍ତି । ପ୍ରଶିକ୍ଷକ ଚିନ୍ମୟ କୁମାର ପଥ୍ରିମାଳି, ପ୍ରଧାନ ଶିକ୍ଷକ ପୂର୍ଣ୍ଣଚ଼ନ୍ଦ୍ର ସାମଲ ଓ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଉଦ୍ୟମ ଯୋଗୁଁ ବିଦ୍ୟାଳୟରେ ଧନ୍ଦାମୂଳକ ଶିକ୍ଷାର ପ୍ରଚ଼ାର ପ୍ରସାର ଯୋଗୁଁ ସଫଳତା ହାସଲ କରିଥିବା ଆଲୋଚନା ହେଉଛି ।

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୩ ଜୁନ୍ ୨୦୨୪ ସୋମବାର





# ଯାଜପୁରରେ ୧୬୩୭ କେନ୍ଦ୍ରରେ ଶାନ୍ତି ଶୃଙ୍ଖଳାର ସହ ମତଦାନ ସମାପ୍ତ

**ଯାଜପୁର, ନ୍ୟୁଜ ବ୍ୟୁରୋ**

ସକାଳ ୭ ଘଟିକା ସମୟଠାରୁ ସନ୍ଧ୍ୟା ୬ ଘଟିକା ପର୍ଯ୍ୟନ୍ତ ଜିଲ୍ଲାର ୧୬୩୭ ମତଦାନ କେନ୍ଦ୍ରରେ ଶାନ୍ତି ଶୃଙ୍ଖଳାର ସହ ମତଦାନ ଅନୁଷ୍ଠିତ ହୋଇ ଯାଇଛି । ଏକ କାଳୀନ ସାଧାରଣ ନିର୍ବାଚନ ୮ ସଂରକ୍ଷିତ ଯାଜପୁର ଲୋକସଭା ଆସନ ଅନ୍ତର୍ଗତ ୪୮ ସଂରକ୍ଷିତ ବିଞ୍ଝାରପୁର ବିଧାନସଭା ଆସନ, ୪୯ ବରୀ, ୫୦ ବଡ଼ଚଣା, ୫୧ ଧର୍ମଶାଳା, ୫୨ ଯାଜପୁର, ୫୩ କୋରେଇ ଏବଂ ୫୪ ସୁକିନ୍ଦା ବିଧାନସଭା ଆସନ ନିମନ୍ତେ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ମତେ ଓଡ଼ିଶାରେ ଅନୁଷ୍ଠିତ ହୋଇଥିବା ଶନିବାର ଚତୁର୍ଥ ପର୍ଯ୍ୟାୟ ଏବଂ ରାଷ୍ଟ୍ରୀୟ କ୍ଷେତ୍ରରେ ଅନୁଷ୍ଠିତ ହୋଇଥିବା ସପ୍ତମ ସି ଡୁଲରେ ଜିଲ୍ଲାର ସମସ୍ତ ବିଧାନସଭା ନିର୍ବାଚନ ମଣ୍ଡଳୀରେ ବିଧାନସଭା ଆସନ ଏବଂ ଲୋକସଭା ଆସନ ନିମନ୍ତେ ମତଦାନ ଅନୁଷ୍ଠିତ ହୋଇଯାଇଅଛି । ମତଦାନକୁ ଶାନ୍ତି ଶୃଙ୍ଖଳାର ସହ ପରିଚାଳନା ନିମନ୍ତେ ଆରକ୍ଷୀ ଅଧିକ୍ଷକ, ଯାଜପୁର ଭିନୀତ ଅଗ୍ରୱାଲ, ସମସ୍ତ ବିଧାନ ସଭା ନିର୍ବାଚନ ମଣ୍ଡଳୀର ୫ ଜଣ ରିଟର୍ଣ୍ଣିଂ ଅଫିସର ତଥା ଅତିରିକ୍ତ ଜିଲ୍ଲାପାଳ, ପ୍ରଶାସନ ନବକ୍ରୀଷ୍ଣ ଜେନା, ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ ଶୁଭେନ୍ଦ୍ର କୁମାର ସାମଲ, ଅତିରିକ୍ତ ଜିଲ୍ଲାପାଳ, କଳିଙ୍ଗ ନଗର ଲଙ୍କେଶ୍ୱର ଅମାତ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଅଶୋକ କୁମାର ବେହୁରିଆ, ଉପଜିଲ୍ଲାପାଳ ଅଂଶୁମାନ ଶତପଥୀ, ଅତିରିକ୍ତ ଉପ ଜିଲ୍ଲାପାଳ ଶ୍ରୀମତୀ ମନୋରମା ଜାଲି ନିର୍ବାଚନ ପରିଚାଳନା କରିଥିଲେ । ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ନିଖିଲ ପବନ କଲ୍ୟାଣ ଜିଲ୍ଲା କଣ୍ଟ୍ରୋଲ ରୁମରେ ଉପସ୍ଥିତ ରହି ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ । ବିଞ୍ଝାରପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୧୫୭ ନମ୍ବର୍ ବୁଥର ବି ଏଲ ଓ ମନୋରଞ୍ଜନ ସାହୁ କର୍ତ୍ତବ୍ୟରତ ଥିବା ସମୟରେ ତାଙ୍କ ଛାତିରେ ଯନ୍ତ୍ରଣା ଅନୁଭବ ହେବାରୁ ତାଙ୍କୁ ତୁରନ୍ତ ଇଶ୍ୱର ପୁର ମେଡ଼ିକାଲକୁ ନିଆଯାଇଥିଲା । ଡାକ୍ତରଙ୍କ ଦ୍ୱାରା ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା । ତାଙ୍କ ମୃତ୍ୟୁରେ ଜିଲ୍ଲାପାଳ ମର୍ମାହତ ହେବାସହ ସ୍ୱର୍ଗତ ମନୋରଞ୍ଜନ ସାହୁଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଇଶ୍ୱରଙ୍କ ନିକଟରେ ପ୍ରାର୍ଥନା କରିବା ସହ ଶୋକ ସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି । ପ୍ରକାଶ ଥାଉକି ମତଦାନ ପ୍ରକ୍ରିୟାରେ ସମଗ୍ର ଜିଲ୍ଲାରେ ମତଦାନ ମଧାହ୍ନ ୧୨ ଘଟିକା ସମୟରେ ୧୯.୨୪ ଶତକଡା ଥିବା ବେଳେ ଅପରାହ୍ନ ୩ଘଟିକା ସୁଦ୍ଧା ୪୮.୮୦ ଶତକଡା, ଅପରାହ୍ନ ୫ଘଟିକା ସୁଧା ୬୨.୯୨ ଶତକଡା ରହିଥିବାବେଳେ ଜିଲ୍ଲାର ସମୁଦାୟ ମତଦାନ ହାରାହାରି ୬୭.୬୫ ଶତକଡା ରହିଥିବା ଜିଲ୍ଲା ନିର୍ବାଚନ କାର୍ଯ୍ୟାଳୟରୁ ସୂଚନା ମିଳିଛି ।

# ୮ ବିଧାନସଭା ଆସନରେ ୯୯ ଏବଂ ସଂସଦୀୟ ଆସନରେ ୧୩ ଜଣଙ୍କ ଭାଗ୍ୟ ସିଲ୍

**ବାରିପଦା, ନ୍ୟୁଜ ବ୍ୟୁରୋ**




ଶନିବାର ଶେଷ ପର୍ଯ୍ୟାୟ ନିର୍ବାଚନରେ ମୟୂରଭଞ୍ଜ ଜିଲ୍ଲାର ଲୋକସଭା କ୍ଷେତ୍ରରେ ଥିବା, ବାରିପଦା, ଉଦଳା, ମୋରଡା, ବାଙ୍ଗିରିପୋଷି, ସାରସକଣା ଏବଂ ଜଶିପୁର ଆଦି ୭ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ଏବଂ ବାଲେଶ୍ୱର ଲୋକସଭା କ୍ଷେତ୍ରରେ ଥିବା ବଡ଼ସାହି ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ମତଦାନ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାରେ ୨୧୨୭ଟି ବୁଥ ସହ ଗୋଟିଏ ସହାୟକକାରୀ ବୁଥରେ ମତଦାନ ହୋଇଥିବା ବେଳେ, କେତୋଟି ବୁଥରେ ଇଭିଏମ ଖରାପ କାରଣରୁ ଅଳ୍ପ ସମୟ ଭୋଟଦାନ ବାଧାପ୍ରାପ୍ତ ହୋଇଥିବା ବେଳେ, ପ୍ରାୟତଃ ଶାନ୍ତି ଶୃଙ୍ଖଳାରେ ମତଦାନ ସମାପ୍ତ ହୋଇଛି । ଜିଲ୍ଲାରେ ଥିବା ୧୫୧ଟି ସମ୍ବେଦନଶୀଳ ବୁଥ ମଧ୍ୟରୁ ୧୪୩ଟି ପୋଲିଂ ଷ୍ଟେସନରେ ସିଧାସଳଖ ୱେବକାଷ୍ଟିଙ୍ଗ ବ୍ୟବସ୍ଥା କରା ଯାଇଥିଲା । ୪୨୬ଟି ସଖୀ ବୁଥ, ୬୨୪ଟି ମିଳିତ ବୁଥ, ୯ଟି ଭିନ୍ନକ୍ଷମ ମାନଙ୍କ ପାଇଁ ଉଦ୍ଦିଷ୍ଟ ସ୍ୱତନ୍ତ୍ର ବୁଥ, ଏବଂ ୮୦ଟି ଯୁବ ବୁଥରେ ମଧ ସୁନ୍ଦର ଭାବରେ ବ୍ୟବସ୍ଥା କରାଯାଇ ଥିବାରୁ ଲୋକେ ଶାନ୍ତି ଶୃଙ୍ଖଳାରେ ନିଜନିଜର ମତଦାନ କରିଥିଲେ । ପ୍ରାୟତଃ ସକାଳ ଓଳି ବୁଥ ମାନଙ୍କରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା । ପ୍ରବଳ ଗୁଳୁଗୁଳି ପାଇଁ କିଛି ସ୍ଥାନରେ ଭିଡ଼ ଦେଖି ଲୋକେ ଅସନ୍ତୋଷ ପ୍ରକାଶ କରିଥିଲେ । ନିର୍ବାଚନ ତ୍ରୁଟି ବିଚ୍ୟୁତିକୁ ସମାଧାନ କରିବା ତଥା ଶାନ୍ତି ଶୃଙ୍ଖଳାରେ ଭୋଟ ଦାନ ଚାଲିବା ପାଇଁ ୫୪ଟି ଫ୍ଲାଇଙ୍ଗ ସ୍କ୍ୱାର୍ଡ, ୫୪ଟି ଷ୍ଟାଟିକ ସର୍ଭିଲେନ୍ସ ଟିମ ଏବଂ ୧୮ଟି ଭିଡ଼ିଓ ସର୍ଭିଲେନ୍ସ ଟିମ ଜିଲ୍ଲା ପ୍ରଶାସନ ତରଫରୁ କାର୍ଯ୍ୟରତ ଥିଲେ । ସେହିପରି ପୋଲିସ ବିଭାଗ ପକ୍ଷରୁ ୧୬୯ଟି ମୋବାଇଲ ପାର୍ଟି, ୦୫ଟି ଇଭିଏମ ଷ୍ଟ୍ରଙ୍ଗ ରୁମ୍ ସୁରକ୍ଷା ଟିମ୍ ପୋଲିସ ପକ୍ଷରୁ କରାଯାଇଥିବା ବେଳେ, ୧୦ଟି ଆନ୍ତଃ ରାଜ୍ୟ ଚେକ୍ ପୋଷ୍ଟ, ୭ଟି ଅନ୍ତଃ ଜିଲ୍ଲା ଚେକ ପୋଷ୍ଟ, ୮ଟି ମୋବାଇଲ ଚେକ ପୋଷ୍ଟ ଏବଂ ୦୯ଟି ଷ୍ଟାଟିକ ଚେକ ପୋଷ୍ଟ କାର୍ଯ୍ୟ କରୁଥିଲେ । ଏହି ଶେଷ ପର୍ଯ୍ୟାୟରେ ଜିଲ୍ଲାର ୮ଟି ବିଧାନସଭା ଆସନରେ ୯୯ ଜଣ ବିଧାୟକ ପ୍ରାର୍ଥୀ ଏବଂ ମୟୁରଭଞ୍ଜ ସଂସଦୀୟ ଆସନରେ ୧୩ ଜଣ ସାଂସଦ ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମ ମେସିନରେ ସିଲ ହୋଇଯାଇଥିବାର ଜଣାଯାଇଛି । ଏହି ଜିଲ୍ଲାର ସର୍ବମୋଟ ୧୭ଲକ୍ଷ ୪୨ହଜାର ୬ଶହ ୭୪ ଜଣ ଭୋଟର ନିଜ ମତଦାନ ସାବ୍ୟସ୍ତ କରିଥିବା ବେଳେ, ସେଥି ମଧ୍ୟରୁ ୮ଲକ୍ଷ ୬୩ହଜାର ୪ଶହ ୧୯ ଜଣ ପୁରୁଷ, ୮ଲକ୍ଷ ୭୯ହଜାର ୧ଶହ ୭୫ ଜଣ ମହିଳା ଏବଂ ୮୦ ଜଣ ସମଲିଙ୍ଗୀ ଭୋଟର ରହିଥିଲେ । ସେଥିମଧ୍ୟରୁ ମିଳିଥିବା ଶେଷ ରିପର୍ଟ ସୁଦ୍ଧା ମୟୁରଭଞ୍ଜ ଲୋକସଭା ଆସନରେ ଭୋଟହାର ୬୪.୧୭% ରହିଥିବା ବେଳେ, ବିଧାନସଭା ଆସନ ଗୁଡିକ ମଧ୍ୟରେ ବଡ଼ସାହି ୬୬.୮୦%, ବାଙ୍ଗିରିପୋଷି ୬୪.୨୮%, ବାରିପଦା ୬୧.୬୦%, ଜଶିପୁର ୭୦.୧୧%, ମୋରଡା ୬୩.୧୨%, ରାଇରଙ୍ଗପୁର ୬୨.୪୦%, ସାରସକଣା ୬୨.୨୦%, ଉଦଳା ୬୫.୭୨% ଭୋଟର ନିଜର ମତଦାନ ସାବ୍ୟସ୍ତ କରିଥିବାର ରିପର୍ଟ ମିଳିଛି । ତେବେ ଏହି ଭୋଟହାର ସଂଖ୍ୟା ୫ଟା ସୁଦ୍ଧା ମିଳିଥିବା ବେଳେ ଅନେକ ବୁଥରେ ୫ଟା ପରେ ମଧ କିଛି ସମୟ ଧରି ଭୋଟଦାନ ଚାଲିଥିଲା । ଏଣୁ ଭୋଟ ହାର ନିଶ୍ଚିତ ବଢ଼ିବ ବୋଲି ଜଣାଯାଇଛି । ତେବେ ଏହା ସକାଳ ୫.୩୦ ମିନିଟରୁ ପ୍ରତ୍ୟେକ ବୁଥରେ ମକପୋଲ ଆରମ୍ଭ ହୋଇ ସମସ୍ତ ପ୍ରସ୍ତୁତି ସରିବା ପରେ ସକାଳ ୭ଘଟିକାରୁ ମତଦାନ ଆରମ୍ଭ ହୋଇଥିଲା । ତେବେ ମତଦାନ ସରିବା ପରେ ସମସ୍ତ ଇଭିଏମ ଏବଂ ଭିଭିପାଟକୁ ପୋଲିଙ୍ଗ ପାର୍ଟିମାନେ ଆଣି ଷ୍ଟ୍ରଙ୍ଗ ରୁମରେ ଜମା କରିଥିବା ବେଳେ, ଷ୍ଟ୍ରଙ୍ଗ ରୁମକୁ ପୋଲିଙ୍ଗ ପାର୍ଟି ଆସିବା ରାସ୍ତାକୁ ୱାନୱେ ଟ୍ରାଫିକ ବ୍ୟବସ୍ଥା କରାଯାଇଛି । ସେହିପରି ବାରିପଦାରେ ଦୁଇଟି, ଉଦଳା, କରଞ୍ଜିଆ ଏବଂ ରାଇରଙ୍ଗପୁର ରେ ଗୋଟିଏ ଲେଖାଏଁ ମୋଟ ୫ଟି ଷ୍ଟ୍ରଙ୍ଗ ରୁମରେ ମେସିନ ଗୁଡିକୁ କଡା ସୁରକ୍ଷା ବଳୟ ଭିତରେ ରଖାଯାଇଛି । ଆଗାମୀ ୪ତାରିଖରେ ଭୋଟ ଗଣତି ପରେ ଫଳାଫଳ ଜଣାପଡିବ ।

# ଜଗତସିଂହପୁରର ୧୦୫୧ଟି ବୁଥରେ ଶେଷ ହେଲା ନିର୍ବାଚନ





**ଜଗତସିଂହପୁର, ନ୍ୟୁଜ ବ୍ୟୁରୋ**

ଶେଷ ପର୍ଯାୟ ନିର୍ବାଚନ ଜଗତସିଂହପୁର କାଁ ଭାଁ ଗଣ୍ଡଗୋଳରେ ଶେଷ ହୋଇଛି । ଜଗତସିଂହପୁର ଜିଲ୍ଲାରେ ଥିବା ପାରାଦ୍ୱୀପ, ତିର୍ତ୍ତୋଲ, ବାଲିକୁଦା-ଏରସମା ଓ ଜଗତସିଂହପୁର ନିର୍ବାଚନୀ ମଣ୍ଡଳୀର ୧୦୫୧ଟି ବୁଥରେ ଶେଷ ପର୍ଯ୍ୟାୟ ମତଦାନ ଶାନ୍ତିପୂର୍ଣ୍ଣ ଭାବେ ଶେଷ ହୋଇଛି । କାଁ ଭାଆ ଇଭିଏମ ମେସିନର ସମସ୍ୟା ସାଙ୍ଗକୁ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଓ ଗୁଳୁଗୁଳି ଯୋଗୁଁ କିଛିଟା ସମସ୍ୟା ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଥିଲା । ତେବେ ଜିଲ୍ଲାରେ ଥିବା ୯ ଲକ୍ଷ ୬୦ ହଜାର ୭୩୯ ଭୋଟରଙ୍କ ମଧ୍ୟରୁ ୭ ଲକ୍ଷ ୫ ହଜାରରୁ ଉର୍ଦ୍ଧ ଭୋଟର ମତଦାନ କରିଥିବାର ସୂଚନା ମିଳିଛି । ଚଳିତ ନିର୍ବାଚନରେ ମହିଳା ଓ ନୂଆ ଭୋଟର ମାନଙ୍କର ଭୋଟ ଦାନ ପ୍ରତି ଅଧିକ ଆଗ୍ରହ ଥିବା ଦେଖିବାକୁ ମିଳିଛି । ଜଗତସିଂହପୁର ଜିଲ୍ଲାର ପାରାଦ୍ୱୀପ ନିର୍ବାଚନ ମଣ୍ଡଳୀରେ ବିଜେଡି ଓ ବିଜେପି ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦିତା ହୋଇଥିଲେ ମଧ ବିଜେପି ପ୍ରତି ଅଧିକ ଜନ ସମର୍ଥନ ଦେଖିବାକୁ ମିଳିଛି । ଅପରପକ୍ଷରେ ତିର୍ତ୍ତୋଲ ସଂରକ୍ଷିତ ଆସନରେ ବିଜେଡି, କଂଗ୍ରେସ ଓ ବିଜେପି ମଧ୍ୟରେ ତ୍ରିମୁଖୀ ପ୍ରତିଦ୍ୱନ୍ଦିତା ହୋଇଥିବା ସମୟରେ ମୁଖ୍ୟତଃ ବିଜେଡି ଓ କଂଗ୍ରେସ ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦିତା ହୋଇଥିବାର ଦେଖିବାକୁ ମିଳିଛି । ତିର୍ତ୍ତୋଲ ବିଧାନସଭା କ୍ଷେତ୍ରରେ କଂଗ୍ରେସର ସ୍ଥିତି ଉତ୍ସାହ ଜନକ ଥିବାର ଦେଖିବାକୁ ମିଳିଛି । ବାଲିକୁଦା- ଏରସମା ବିଧାନସଭା କ୍ଷେତ୍ରରେ ସ୍ୱାଧୀନ ପ୍ରାର୍ଥି ସଂଜୀବ ବିଶ୍ୱାଳଙ୍କ ଆବିର୍ଭାବ ବିବାଦମାନ ସୃଷ୍ଟି କରିଛି । ଏଠାରେ ବିଜେଡି, ବିଜେପି ଓ କଂଗ୍ରେସ ମଧ୍ୟରେ ତ୍ରିମୁଖୀ ପ୍ରତିଦ୍ୱନ୍ଦିତା ହୋଇଥିଲେ ମଧ ବିଜେଡି ଓ ବିଜେପି ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦିତା ହୋଇଛି । ଜଗତସିଂହପୁର ବିଧାନସଭା କ୍ଷେତ୍ରରେ ବିଜେଡି ଓ ବିଜେପି ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦିତା ହୋଇଛି ।

# ରକ୍ଷକ ସାଜିଲା ଭକ୍ଷକ : ଡକାୟତି ମାମଲାରେ ଜଣେ କନେଷ୍ଟେବଲ ସହ ୧୩ ଗିରଫ

**ନବରଙ୍ଗପୁର, ନ୍ୟୁଜ ବ୍ୟୁରୋ**

ରକ୍ଷକ ସାଜିଲା ଭକ୍ଷକ । ଡକାୟତି ଘଟଣାରେ ଜଡିତ ଅଭିଯୋଗ ରେ ଗିରଫ ହେଲେ ପୋଲିସ ବିଭାଗ ରେ କାର୍ଯ୍ୟରତ କନେଷ୍ଟବଳ । କୋରାପୁଟ ଜିଲ୍ଲାରେ କାର୍ଯ୍ୟରତ ଏପିଆର ପୋଲିସ କନେଷ୍ଟବଳ ସୋନୁ ଯାନୀ ଙ୍କ ସହ ଗିରଫ ହେଲେ ଅନ୍ୟ ୧୨ ଅଭିଯୁକ୍ତ ଓ ଜଣେ ଚୋରୀ ସାମଗ୍ରୀ ସୁନା , ରୁପା ରଖି ଟଙ୍କା ଦେଇଥିବା ବ୍ୟକ୍ତି । ନିର୍ବାଚନ ରେ ବ୍ୟବହାର ପାଇଁ କୋଟି କୋଟି ଟଙ୍କା ରଖିଥିବା ସନ୍ଦେହ କରି ଡକାୟତି ହୋଇଥିବା ନେଇ ଖୁଲାସା କରିଛି ପୋଲିସ । ଏନେଇ ଶନିବାର ସ୍ଥାନୀୟ ନବରଙ୍ଗପୁର ଟାଉନ ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି ନବରଙ୍ଗପୁର ଏସପି ରୋହିତ ବର୍ମା । ଜିଲ୍ଲାର ବିଶିଷ୍ଟ ବ୍ୟବସାୟୀ ତଥା ବରିଷ୍ଠ ବିଜେଡି ନେତା ସୁନୀଲ ସାହୁଙ୍କ ନବରଙ୍ଗପୁର ଥାନା ଅନ୍ତର୍ଗତ ଡଙ୍ଗରଭେଜା ସ୍ଥିତ ପୈତୃକ ବାସଭବନ ରେ ଓ ଭଡା ଘରେ ଥିବା ଦମ୍ପତି ଶିକ୍ଷୟତ୍ରୀ କୁମୁଦିନି ବେହେରା ଓ ତାଙ୍କ ସ୍ୱାମୀ ରୋହିତ ବେବେରାଙ୍କୁ ବନ୍ଧୁକ ମୁନ ରେ ଭୟଭିତ କରି ଲୁଟ କରିବା ଅଭିଯୋଗରେ ୧୩ ଜଣ ଅଭିଯୁକ୍ତଙ୍କୁ ଗିରଫ କଲା ପୋଲିସ । ସାଧାରଣ ନିର୍ବାଚନ ପାଇଁ କୋଟି କୋଟି ଟଙ୍କା ଆସିଥିବା ଭାବିବା ସହ ବିଶିଷ୍ଟ ବ୍ୟବସାୟୀ ତଥା ବିଜେଡି ନେତା ସୁନୀଲ ସାହୁ ଙ୍କ ପୈତୃକ ଘରେ ଟଙ୍କା ରଖା ଯାଇଥିବା ସନ୍ଦେହ କରି ଗତ ମେ ୧୪ ତାରିଖ ରାତିରେ ତାଙ୍କର ଡଙ୍ଗରଭେଜା ସ୍ଥିତ ପୈତୃକ ବାସଭବନ ରେ ତାଲା ଭାଙ୍ଗି ଆଠ ଜଣ ଦୁର୍ବୃର୍ତ୍ତ ଘର ଭିତରକୁ ପଶି ଥିଲେ । କିନ୍ତୁ, ସେଠାରେ କିଛି ନମିଳିବାରୁ ତାଙ୍କର ଭଡା ଘରେ ଥିବା ଶିକ୍ଷୟିତ୍ରୀଙ୍କ ଘରକୁ ପଶିଥିଲେ । ଆଠ ଜଣଙ୍କ ମଧ୍ୟରୁ ଛଅ ଜଣଙ୍କ ହାତ ରେ ବନ୍ଧୁକ ଓ ଅନ୍ୟ ଦୁଇ ଜଣ ଙ୍କ ହାତରେ ଖଣ୍ଡା ଧରି ଭଡା ରେ ଥିବା ରୋହିତ ବେହେରା ଓ ତାଙ୍କ ପତ୍ନୀ ଙ୍କୁ ବନ୍ଧୁକ ମୁନ ରେ ଧମକ ଦେଇ ସୁନା ଗହଣା ଅଳଙ୍କାର ଓ କିଛି ଟଙ୍କା ଲୁଟ କରି ନେଇଥିଲେ । ଯାହାର ଆନୁମାନିକ ମୂଲ୍ୟ ୭ ଲକ୍ଷ ଟଙ୍କା ହେବ ବୋଲି ଆଭିଯୋଗ ହୋଇଥିଲା । ଏନେଇ ନବରଙ୍ଗପୁର ଥାନାରେ ଆଭିଯୋଗ ପରେ ୨୧୬/୨୪ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ କଲା ପୋଲିସ । ଏତଲା ଆଧାରରେ ପୋଲିସ ମାମଲାକୁ ଅତି ଗୁରତର ସହ ନେଇଥିଲେ । ଏସପିଙ୍କ ନିର୍ଦ୍ଦେଶ କ୍ରମେ ଏସଡିପିଓ କୃଷ୍ଣ ଚନ୍ଦ୍ର ଭତ୍ରା ଓ ନବରଙ୍ଗପୁର ଥାନାଧିକାରୀ ସମ୍ବିତ କୁମାର ବେହେରା, ଏସାଇ ସବୀର ଅହମ୍ମଦ, ଏ ଏସାଇ ତୁଳସୀ ରାମ ପୂଜାରୀଙ୍କ ନେତୃତ୍ୱ ଏକ ସ୍ୱେଶାଲ ଟିମ ଗଠନ କରାଗଲା । ଏଥିରେ ସାଇବର ସେଲ କର୍ମଚାରୀ ମଧ ସାମିଲ ଥିଲେ । ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୧୨ ଜଣ ଅଭିଯୁକ୍ତ ଓ ଜଣେ ଚୋରୀ ସାମଗ୍ରୀ କିଣି ସେମାନଙ୍କୁ ଟଙ୍କା ଦେଇଥିବା ବ୍ୟକ୍ତି ଙ୍କୁ ଗିରଫ କରାଗଲା । ଏହି ଘଟଣାର ଆଉ ଦୁଇଜଣ ବ୍ୟକ୍ତି ଡକାୟତି ଘଟଣାରେ ସମ୍ପୃକ୍ତି ଥିବା ଏସପି ସୂଚନା ଦେଇଛନ୍ତି । ସେମାଙ୍କୁ ଧରିବାକୁ ପୋଲିସ ପ୍ରଚେଷ୍ଟା କରୁଥିବା କହିଛନ୍ତି ନବରଙ୍ଗପୁର । ଗିରଫ ୧୩ ଜଣଙ୍କ ମଧ୍ୟରୁ ୧୧ ଜଣ ପୋଡ଼ଶି କୋରାପୁଟ ଜିଲ୍ଲାର ହୋଇଥିବା ବେଳେ ଦୁଇ ଜଣ ନବରଙ୍ଗପୁର ଜିଲ୍ଲାର ଅଟନ୍ତି । ଗିରଫ ଅଭିଯୁକ୍ତ ମାନେ ହେଲେ କୋରାପୁଟ ଜିଲ୍ଲା ଜୟପୁର ଥାନା ଉମୁରି ଗାଁର ଶିବ ଶଙ୍କର ହରିଜନ, ତେଲିଆ ଗାଁର ବିକାଶ ହରିଜନ, ଉମୁରି ଗାଁର ବିକାଶ ହରିଜନ, ଜୟପୁର ହାଟପଦା ସାହିର ସଞ୍ଜୟ ବେନିଆ, ବିରେନ୍ଦ୍ର ଟାକ୍ରି, ଖ୍ରୀଷ୍ଟିୟାନ ପେଟାର ଆକବର ଗରଡ଼ା, ଜୟପୁର ଥାନା ମୁନିଗୁଡା ଗାଁର ସୁଶାନ୍ତ କନ୍ଧପାନ, ହାଟପଦା ସାହିର ମୋହନ ସାଗର ହୋଇଥିବା ବେଳେ କୋରାପୁଟ ଜିଲ୍ଲା କୁନ୍ଦୁରା ଥାନା ଅନ୍ତର୍ଗତ ଭୁସଙ୍ଗଗୁଡାର ଆନନ୍ଦ ହରିଜନ ଓ ନବରଙ୍ଗପୁର ସହରର ସେନାପତିସାହି ର ଜହନ ଯତୀନ ସୁନା ଓ ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ଥାନା ଅନ୍ତର୍ଗତ ମରାଳି ଗ୍ରାମର ବିରଞ୍ଚି ମହାନନ୍ଦିଆ ଓ କୋରାପୁଟ ଜିଲ୍ଲା ବି. ସିଙ୍ଗପୁର ଥାନା ଅଧିନ ବୋଡିଗାଁ ର ସୋନୁ ଯାନୀ । ସୋନୁ ଯାନୀ ହେଉଛନ୍ତି କୋରାପୁଟ ଜିଲ୍ଲା ପୋଲିସର ଏପିଆର କନେଷ୍ଟେବଳ । ସୋନୁ ସେଦିନ ଡକାୟତ ଚାଲିଥିବା ବେଳେ ସେମାନଙ୍କ ସହ ମିଶି ବାହାରେ ପୋଲିସର ଗୋତିବିଧିକୁ ତୀକ୍ଷଣ ନଜର ରଖୁଥିଲେ ବୋଲି ସୂଚନା ଦେଇଛନ୍ତି ନବରଙ୍ଗପୁର ଏସପି । ସେହିଭଳି ଚୋରୀ ସାମଗ୍ରୀକୁ ଗ୍ରହଣ କରି ଅଭିଯୁକ୍ତ ମାନଙ୍କୁ ଟଙ୍କା ଦେଇଥିବା ଜୟପୁର ଥାନା ଅନ୍ତର୍ଗତ ଭୁପତି ସାହିର ଏଲ. ଅଶୋକ କୁମାରକୁ ମଧ ନବରଙ୍ଗପୁର ପୋଲିସ ଗିରଫ କରିଛି । ସେମାନଙ୍କ ଠାରୁ ୨୮.୪ ଗ୍ରାମ ସୁନା, ୩୦୦ ଗ୍ରାମ ରୁପା, ତିନୋଟି ବାଇକ, ଦୁଇଟି ଖେଳନା ବନ୍ଧୁକ, ଦୁଇଟି ଛୁରୀ, ଫେସ ମାସ୍କ , ଆଇରନ ରୋଡ଼, ୧୨ ଟି ମୋବାଇଲ ଫୋନ ଜବତ ହୋଇଛି । ସେମାନଙ୍କୁ ଶନିବାର ପୋଲିସ କୋର୍ଟଚାଲାଣ କରିଥିବା ନବରଙ୍ଗପୁର ଏସପି ରୋହିତ ବର୍ମା ସୂଚନା ଦେଇଛନ୍ତି । ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସପି ବଟକୃଷ୍ଣ ମିଶ୍ର, ଏସଡିପିଓ କୃଷ୍ଣ ଚନ୍ଦ୍ର ଭତ୍ରା, ଥାନା ଅଧିକାରୀ ସମ୍ବିତ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

# ବହୁ ବୁଥ ପରିଦର୍ଶନ ସହ ଭୋଟରଙ୍କୁ ଉତ୍ସାହିତ କଲେ ପ୍ରାର୍ଥୀ ଗଣେଶ୍ୱର



**କେନ୍ଦ୍ରାପଡ଼ା, ନ୍ୟୁଜ ବ୍ୟୁରୋ**

କେନ୍ଦ୍ରାପଡା ନିର୍ବାଚନ ମଣ୍ଡଳୀର ବିଜେଡି ପ୍ରାର୍ଥୀ ଗଣେଶ୍ୱର ବେହେରା ଶନିବାର ଚଉଦକୁଲାଟ ହାଇସ୍କୁଲରେ ନିଜର ମତଦାନ କରିବା ପରେ ବିଭିନ୍ନ ବୁଥ ବୁଲି ଭୋଟର ମାନଙ୍କୁ ଉତ୍ସାହିତ କରିଥିବା ଦେଖିବାକୁ ମିଳିଛି । ଶ୍ରୀ ବେହେରା ନିଜର ସ୍ୱଳ୍ପ ସଂଖ୍ୟକ ସହକର୍ମୀଙ୍କ ଗହଣରେ କେନ୍ଦ୍ରାପଡା ପୌରାଂଚଳର ଗୋପ ଉପ୍ରା ସ୍କୁଲ ରେ ହୋଇଥିବା ବୁଥ ନିକଟରେ ପହଁଚି ଥିଲେ । ସ୍ଥାନୀୟ କାଉନସିଲର ନିରାକାର ସ୍ୱାଇଁ, ପୂର୍ବତନ କାଉନସିଲର ପ୍ରକାଶ ପରିଡାଙ୍କ ସମେତ ରଂଜନ କର, ପପି ପଣ୍ଡା, ମଧୁ କର, ମନୋଜ ସ୍ୱାଇଁ, ଗୌତମ ସ୍ୱାଇଁ, ହିମାଂଶୁ ପଣ୍ଡା ପ୍ରମୁଖ ଯୁବ ନେତା ମାନେ ଶ୍ରୀ ବେହେରାଙ୍କୁ ସ୍ୱାଗତ କରିଥିଲେ । ସେଠାରେ ଅପେକ୍ଷା କରିଥିବା ଗ୍ରାମବାସୀ ମାନଙ୍କୁ ଅଭିନନ୍ଦନ ଜଣାଇ ଶ୍ରୀ ବେହେରା ଅନ୍ୟ ବୁଥ ପରିଦର୍ଶନରେ ଯାଇଥିବା ଦେଖିବାକୁ ମିଳିଛି ।

# ଫେରୁଛି ସାଇକେଲ ଟ୍ରେଣ୍ଡ୍, ଚାହିଦା ବଢୁଛି

**ବ୍ରହ୍ମପୁର, ନ୍ୟୁଜ ବ୍ୟୁରୋ**



ଦିନକୁ ଦିନ ଯାନବାହନର ସଂଖ୍ୟା ବଢ଼ିବା ସହ ପେଟ୍ରୋଲ, ଡ଼ିଜେଲ୍ ଓ ଇନ୍ଧନ ଦର ବଢ଼ିବାରେ ଲାଗିଛି । ସାଧାରଣ ଗାଡ଼ିଟିଏ କିଣିବା ପାଇଁ ହେଲେ ଲକ୍ଷେ ଟଙ୍କାରୁ କମ୍ ପଡୁନାହିଁ । ସେହିପରି ପେଟ୍ରୋଲ୍ ଓ ଡ଼ିଜେଲ୍ ଦର ୧୦୦ ଟଙ୍କା ଉପରେ ରହୁଛି । ଏଭଳି ସ୍ଥିତିରେ ସାଧାରଣ ତଥା ମଧ୍ୟବି☐ ପରିବାର ଲୋକଙ୍କ ପକ୍ଷେ ଗାଡ଼ିଟିଏ କିଣି ଚଲାଇବା ଏକ ପ୍ରକାର କଷ୍ଟକର ବ୍ୟାପାର ହୋଇପଡ଼ିଛି । ଏପରିକି ଯେଉଁମାନେ ପୂର୍ବରୁ ଗାଡ଼ି ମୋଟର କିଣିଥିଲେ ଦିନକୁ ଦିନ ତୈଳ ଦର ବୃଦ୍ଧି ପାଉଥିବା ଦେଖି ସେମାନେ ଏବେ ସାଇକେଲ୍ ଚଲାଇବାକୁ ପ୍ରାଥମିକତା ଦେଲେଣି । ଅନ୍ୟପକ୍ଷରେ ଶାରିରୀକ ସଚେତନ ଲୋକେ, ଅନେକ ପରିବେଶବିତ୍ ତଥା ସେମାନଙ୍କ ଦ୍ୱାରା ପ୍ରଭାବିତ ଶତାଧିକ ଲୋକ ଏବେ ଗାଡ଼ି ଛାଡ଼ି ସାଇକେଲ ମୁହାଁ ହେଉଛନ୍ତି । କ୍ରମଶଃ ସାଇକେଲ୍ ଟ୍ରେଣ୍ଡ୍ ଫେରୁଥିବା ବେଳେ ବ୍ରହ୍ମପୁର ସହରରେ ସାଇକେଲ୍ ମାର୍କ କରି ପରିବାର ପ୍ରତିପୋଷଣ କରୁଥିବା କାରିଗରମାନେ ଭଲ ଦୁଇ ପଇସା ରୋଜଗାର କରିପାରୁଛନ୍ତି । ସହରରେ ଏବେ ସ୍କୁଲ, କଲେଜ ଛାତ୍ରଛାତ୍ରୀଙ୍କ ଠାରୁ ଆରମ୍ଭ କରି ଯୁବବର୍ଗ, ଗୃହିଣୀ ଓ ବରିଷ୍ଠ ନାଗରିକ ମାନେ ସାଇକେଲ୍ ଚଳାଉଥିବା ଦେଖିବାକୁ ମିଳୁଛି । ଅନେକ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ କାମ କରୁଥିବା କର୍ମଚାରୀମାନେ ସାଇକେଲ୍‌ରେ କାର୍ଯ୍ୟାଳୟ ଆସିବାକୁ ପସନ୍ଦ କରୁଛନ୍ତି । ଭୋରରୁ ସହରର ରାସ୍ତା କଡ଼େ କଡ଼େ ବରିଷ୍ଠ ନାଗରିକମାନେ ସାଇକେଲ୍ ଚାଳନାକୁ ଏକ ବ୍ୟାୟାମ ରୂପ ଉପଯୋଗ କରୁଥିବା ମଧ ନଜରକୁ ଆସିଛି । ଏହା ସହ ସହରରେ ଥିବା ସାଇକେଲ୍ ସୋ’ ରୁମ୍ ସହ ସାଇକେଲ୍ ମରାମତି ଦୋକାନ ଗୁଡ଼ିକର ବ୍ୟବସାୟୀ ବଢିଛି । ସହରରେ ପାଖାପାଖି ୧୦୦ରୁ ଅଧିକ ସାଇକେଲ୍ ମାର୍ଟ ରହିଛି । ଆଉ ସବୁ ମାର୍ଟ ଗୁଡ଼ିକରେ ପ୍ରତିଦିନ ଭିଡ଼ ଲାଗି ରହୁଥିବା ଦେଖିବାକୁ ମିଳିଛି । ସାଇକେଲ୍ ସୋ’ ରୁମ୍ କରିଥବା ଏକ ବ୍ୟବସାୟୀ କହିଛନ୍ତି, ଗାଡ଼ି ଦର ବଢ଼ିବା ପରେ ଲୋକେ ନୂଆ ଗାଡ଼ି କିଣିବା ପାଇଁ ଆଉ ଆଗ୍ରହ ଦେଖାଉ ନାହାନ୍ତି । ଅନେକ ଲୋକ ସାଇକେଲ୍ କିଣି ସେଥିରେ ଯାତାୟତ କରିବାକୁ ପସନ୍ଦ କରୁଛନ୍ତି । ସହରରେ ଏବେ ୪ହଜାର ଟଙ୍କାରୁ ଆରମ୍ଭ ହୋଇ ୨୧ ହଜାର ଟଙ୍କା ପର୍ଯ୍ୟନ୍ତ ସାଇକେଲ୍ ରହିଛି । ତେବେ ସ୍ପୋର୍ଟ୍ସ ସାଇକେଲ୍ ଏବେ ସମସ୍ତଙ୍କ ପସନ୍ଦ ପାଲଟିଛି । ଯୁବବର୍ଗ ଓ ଛାତ୍ରଛାତ୍ରୀ ଅଧିକ ମାତ୍ରାରେ ସ୍ପୋର୍ଟ୍ସ ସାଇକେଲ୍ କିଣୁଛନ୍ତି । ସେହିପରି ସାଇକେଲ୍ ମାର୍ଟ କରିଥିବା ଆଉ ଜଣେ ବ୍ୟବସାୟୀ କହିବା ପ୍ରକାରେ ୧୬ ବର୍ଷରୁ ସାଇକେଲ୍ ମରାମତି ଦୋକାନ କରି ପରିବାର ପ୍ରତିପୋଷଣ କରି ଆସୁଛି। ୨ ଟଙ୍କାରେ ସାଇକେଲ୍ ପଙ୍କଚର ଲଗାଉଛି । ଏବେ ତାହା ୨୦ ରୁ ୩୦ ଟଙ୍କାରେ ପହଂଚିଛି । ପ୍ରତିଦିନ ୫୦୦ ରୁ ହଜାରେ ଟଙ୍କା ବେପାର ହେଉଛି । ସେହିପରି ସାଇକେଲ୍ ମାର୍ଟ କରିଥିବା ଆଉ ଜଣେ ବ୍ୟବସାୟୀ କୁହନ୍ତି ଯେତେ ଗାଡ଼ି ମୋଟର ବଢ଼ିଲେ ବି ସାଇକେଲ ଚାହିଦା ଉପରେ ପ୍ରଭାବ ପଡ଼ିପାରିନାହିଁ ଯେଉଁମାନେ କିଛି ଦିନ ତଳେ ବଜାର ହାଟକୁ ଗାଡ଼ି ନେଇ ଆସୁଥିଲେ । ସେମାନଙ୍କୁ ଏବେ ସାଇକେଲ୍‌ରେ ଆସୁଥିବା ଦେଖିବାକୁ ମିଳୁଛି । ତେଣୁ ମାର୍ଟରେ କାମ ମଧ ବଢ଼ିଛି । ଗାଡ଼ିମୋଟର ଯେତେ ବଢ଼ିଲେ ବି, ସାଇକେଲ୍ ପ୍ରତି ଲୋକଙ୍କ ଭଲ ପାଇବାକୁ ତାହା ପ୍ରଭାବିତ କରିପାରିବ ନାହିଁ ।

# ୩ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ : ଜଣେ ଗିରଫ



**ରାଇଘର, ନ୍ୟୁଜ ବ୍ୟୁରୋ**

ଓଡ଼ିଶାରୁ ଛତିଶଗଡ଼କୁ ଗଞ୍ଜେଇ ଚୋରା ଚାଲାଣ ସମୟରେ ଫରସ୍‌ଗାଓଁ ପୁଲିସ ଏହି ଚଢଉ କରି ଏକ ବାଇକ ସହ ୩ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ କରିବା ସହିତ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡିଛି । ଯୁବକ ଜଣକ ରାଇଘରର ଆସୀମ ରାୟଙ୍କ ପୁଅ ଅଭିଷେକ ରାୟ ବୋଲି ପୁଲିସ ପ୍ରକାଶ କରିଛି । ସୂଚନା ଅନୁଯାୟୀ ରବିବାର ସକାଳୁ ଛତିଶଗଡ଼ ଅନ୍ତର୍ଗତ କୋଣ୍ଡାଗାଁ ଜିଲ୍ଲାର ଫରସ୍‌ଗାଓଁ ପୁଲିସ ଓଡ଼ିଶାରୁ ଛତିଶଗଡ଼କୁ ଗଞ୍ଜେଇ ଚାଲାଣ ହେଉଥିବା କୌଣସି ସୂତ୍ରରୁ ଖବର ପାଇ ଫରସ୍‌ଗାଓଁ ରାସ୍ତାରେ ଯାଞ୍ଚ ଚଳାଉଥିବା ବେଳେ ଏକ ସି ଡି ଡିଲକ୍ସ ବାଇକ ଗାଡ଼ି ନମ୍ବର ( ସିଜି ୦୪ ଜେ ଏଫ୍ ୩୯୦୨ )ରେ ଅଭିଷେକ ରାୟ ଏକ ବ୍ୟାଗରେ ଗଞ୍ଜେଇ ନେଇ ଯିବା ସମୟରେ ଧରା ପଡ଼ିଥିଲେ । ପୁଲିସ ବାଇକଟିକୁ ଅଟକାଇ ଯାଞ୍ଚ କରିବା ବେଳେ ଅଭିଷେକ ନିକଟରୁ ୨୯ କିଲୋ ଗଞ୍ଜେଇ ଭର୍ତ୍ତି ଥିବା ଏକ ବ୍ୟାଗ ପୁଲିସ ହାତରେ ପଡିଥିଲା । ସମସ୍ତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୩ ଲକ୍ଷ ଟଙ୍କା ହେବ ବୋଲି ପୁଲିସ ସୁଚନା ଦେଇଥିବା ବେଳେ ଉକ୍ତ ଗଞ୍ଜେଇ ବ୍ୟାଗ ଓ ବାଇକଟିକୁ ଜବତ କରିବା ସହିତ ଅଭିଷେକ ରାୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡିଛି । ଏ ନେଇ ଫରସ୍‌ଗାଓଁ ଥାନାରେ ଏକ ମାମଲା ରୁଜୁ ହୋଇଛି ।

## ଆଜିର ଭଲମନ୍ଦ



ଉଦୟକାଳୀନ ଗ୍ରହଚକ୍ର




**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଣ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୧ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୫, କଳିଯୁଗାବ୍ଦାଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୭ଙ୍କ

**ତା୩।୬।୨୦୨୪, ଜ୍ୟେଷ୍ଠ ଦି୨୧ନ, ସୋମବାର**

**ସୂର୍ଯ୍ୟୋଦୟ- ଘ୦୫।୭।୨୪** **ଚନ୍ଦ୍ରୋଦୟ- ରାଘ ୨।୫୫।୦୬**

ଦ୍ୱାଦଶୀ- ରାଘ ୧୨।୧୯ ପର୍ଯ୍ୟନ୍ତ । ଅଶ୍ୱିନୀ ନକ୍ଷତ୍ର- ରାଘ ୧୨।୦୫ ପର୍ଯ୍ୟନ୍ତ । ମେଷ ଚନ୍ଦ୍ର- ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି -** ବୃଷ, ମିଥୁନ, କର୍କଟ, ତୁଳା, ବିଛା, ମକର ଓ କୁମ୍ଭ ରାଶିର । **ଘାତଚନ୍ଦ୍ର-** ମେଷ ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ପୋଇ ରାଘ ୧୨।୨୯ ପରେ ବାଇଗଣ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୮।୪୧ ଗତେ ଘ ୧୦।୨୬ ମଧ୍ୟେ । ରାଘ ୯।୧୨ ଗତେ ଘ ୧୦।୨୬ ମଧ୍ୟେ । **ପର୍ବୋତ୍ସବ -** ବୈଷ୍ଣବ ସମ୍ମତ ଏକାଦଶୀ ।



**ମେଷ:** ମନରେ ସରସତା ଆସିବ । କାର୍ଯ୍ୟପ୍ରାପ୍ତି । ଆୟରେ ଅଗ୍ରଗତି । ପରିବାରରେ ଆନନ୍ଦ ମିଳିବ । ଦୂରଯାତ୍ରା କରିବାକୁ ପଡ଼ିପାରେ । ବ୍ୟବସାୟିକ କ୍ଷେତ୍ରରେ ପ୍ରତିଦ୍ୱନ୍ଦ୍ୱିତା ଲାଗିପାରେ । ଦେହ ଓ ମନ ଭଲ ରହିବ ।



**ବୃଷ:** ସୁଖ ସମ୍ମାନ ପାଇବେ । କାମ ଗୁଡ଼ିକ ସୁରୁଖୁରୁରେ ସମ୍ପାଦନ ହେବ । ସମାଜ ସେବା ପ୍ରତି ମନ ବଳାଇବେ । ପରିବହନ ସମସ୍ୟା ଦୂର ହେବ । ଆୟ ଓ ବ୍ୟୟ ସମାନ ରହିବ । ଗୃହେ ଆନନ୍ଦ ଦେଖାଦେବ ।



**ମିଥୁନ:** ଆଜି ଦିନଟି ଭଲରେ କଟିବ ନାହିଁ । ଦୂରଯାତ୍ରା କରି ସତର୍କତା ଅବଲମ୍ବନ କରିବେ । ମାନହାନୀ ଓ ଧନହାନୀର ଆଶଙ୍କା । ଅନ୍ୟମନସ୍କ ରହିବେ । ଶୁଭ କାର୍ଯ୍ୟରେ ଯୋଗଦେବେ । ଘରେ କଳହ ସୃଷ୍ଟି ।



**କର୍କଟ:** ପାରିବାରିକ ଅଶାନ୍ତି । ଖାଦ୍ୟପେୟରେ ଅନିୟମିତତା । ଏଣୁ ଦେହ କଷ୍ଟ ଭୋଗିବାର ସୂଚନା । ଆୟ ମଧ୍ୟମ ହେବ । ଗୃହ ସଜା ପ୍ରତି ଆଗ୍ରହ ବଢ଼ିପାରେ । ବ୍ୟବସାୟ ମଧ୍ୟମ ଧରଣର ହେବ ।



**ସିଂହ:** କର୍ମକ୍ଷେତ୍ରରେ ସହଯୋଗୀଙ୍କ ସହଯୋଗ ବୃଦ୍ଧି ପାଇବ । ସହକର୍ମୀ ମାନଙ୍କ ସହଯୋଗରେ ଉନ୍ନତି । ଆଦର ସମ୍ମାନ ଲାଭ । ଆୟ ଠାରୁ ବ୍ୟୟର ପରିମାଣ ବଢ଼ିବ । ସତ କଥା କହି ବିରୋଧୀ ହେବାର ଆଶଙ୍କା ।



**କନ୍ୟା:** ନିର୍ଭୟରେ ସବୁ କାମ କରି ଜୟଯୁକ୍ତ ହେବେ । ଶତ୍ରୁ ଆପେ ଆପେ ହାର୍ ମାନିବେ । ଆୟ ଓ ବ୍ୟୟ ସମାନ ରହିବ । ସୁଖ ଭ୍ରମଣ ଯୋଗ ରହିଛି । ବନ୍ଧୁଙ୍କ ସହଯୋଗ ଲାଭ କରିବେ । ଗୃହେ ଆନନ୍ଦ ଦେଖାଦେବ ।



**ତୁଳା:** ଯାହା କହିବାର ଅଛି ବୁଝି ବିଚାରି କରନ୍ତୁ । ଅନ୍ୟଥା ବିପଦ । ନୀରବ ଚିନ୍ତା ଆପଣଙ୍କ ପାଇଁ ଶ୍ରେୟସ୍କର । ରୋଜଗାର ମଧ୍ୟମ ହେବ । ଗୃହେ ବନ୍ଧୁ ମିଳନର ସୂଚନା । ଠକାମିରେ ପଡ଼ିପାରନ୍ତି । ମନ ଅସ୍ଥିର ରହିବ ।



**ବିଛା:** କର୍ମକ୍ଷେତ୍ରରେ ଅଶାନ୍ତି । ପର ପାଇଁ ନିଜର ପରିଶ୍ରମ ବୃଦ୍ଧି । ଦୂରଯାତ୍ରା କରି ନିରାଶ ହେବେ । ପତରୋଧ ଭଳି ପରିସ୍ଥିତି ସୃଷ୍ଟି ହେବ । ମାନସିକ ଅସ୍ଥିରତା ଦେଖାଦେବ । ଆୟ ତୁଳନାରେ ବ୍ୟୟର ପରିମାଣ ବଢ଼ିବ ।



**ଧନୁ:** ନିଜର ଅନିଚ୍ଛା ସତ୍ତ୍ୱେ ଦୂରକୁ ଯାତ୍ରା କରିବେ । ନୂତନ ଦ୍ରବ୍ୟ କ୍ରୟ କରିପାରନ୍ତି । ଆଜି ଆପଣଙ୍କର ସମସ୍ତ କାର୍ଯ୍ୟ ଅସଫଳ ହେବ । ଶୁଭ କାର୍ଯ୍ୟ କରିପାରନ୍ତି । ଘରେ ଦ୍ୱନ୍ଦ୍ୱ ଦେଖାଦେବାର ସୂଚନା ।



**ମକର:** କାର୍ଯ୍ୟକ୍ଷେତ୍ରରେ ସଫଳତା ଦେଖାଦେବ । ଅପ୍ରିୟ ସତ କହି ବନ୍ଧୁଙ୍କ ପାଖରେ ବିରୋଧୀ ହେବେ । ଶରୀର ସୁସ୍ଥ ରହିବ । ରୋଜଗାର ଭଲ ହେବ । ପାରିବାରିକ ଜୀବନ ସୁଖମୟ ହେବ । ମହିଳାମାନେ ସୁଖୀ ହେବେ ।



**କୁମ୍ଭ:** ଆଜି ଆପଣଙ୍କର ଦିନଟି ଆମୋଦ ଓ ପ୍ରମୋଦରେ କଟିବ । ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ । ଚଞ୍ଚଳମନା ହେବେ । କଚେରି ମାମଲାରେ ଶୁଣାଣି ବିଳମ୍ବ ହୋଇପାରେ । ଆୟ ଓ ବ୍ୟୟ ମଧ୍ୟମ ଧରଣର ହେବ ।



**ମୀନ:** ପ୍ରତ୍ୟେକ କାର୍ଯ୍ୟରେ ବାଧା ଆସିବ । ମନରେ ଅଶାନ୍ତି ଲାଗି ରହିବ । ବନ୍ଦୀରେ ରହିବା ପରି ଅନୁଭବ କରିବେ । ସମ୍ମାନ ଲାଭ ହେବ । ରୋଜଗାରରେ ଉନ୍ନତି ହେବ । ପରିବାରରେ ଖୁସି ଲାଭ ହେବ ।

# ଚାରଟି ବସ୍‌ରେ ଲାଗିଲା ନିଆଁ

**ବିଷମକଟକ, ନ୍ୟୁଜ ବ୍ୟୁରୋ**

ରାୟଗଡା ଜିଲ୍ଲା ବିଷମ କଟକ ବିଜୁପଟନାୟକ ବସଷ୍ଟାଣ୍ଡ ନିକଟରେ ବସରେ ଲାଗିଲା ନିଆଁ । ଶନିବାର ଅପରାହ୍ନରେ ହଠାତ ଠିଆ ହୋଇଥିବା ବସ୍‌ରେ ନିଆଁ ଲାଗିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ । ତୁରନ୍ତ ନିଆଁକୁ ଆୟତ କରିବା ଚେଷ୍ଟା କରିବା ସହ ପାଖରେ ଥିବା ଦୁଇଟି ବସ୍‌କୁ ସୁରକ୍ଷିତ ସ୍ଥାନକୁ ନେବା ସହ ଅଗ୍ନିଶମ ବିଭାଗକୁ ସୂଚନା ଦେଇଥିଲେ । ଅଗ୍ନିଶମ ବିଭାଗ ଆସି ନିଆଁକୁ କାବୁ କରିଥିଲେ କିନ୍ତୁ ୪ଟି ବସକ ସମ୍ପୂର୍ଣ୍ଣ ରୂପେ ପୋଡିଯାଇଥିଲା । ପୋଡ଼ିଯାଇଥିବା ଚାରି ବସ ବେଦମାତା ବସ୍ ମାଲିକ କିରଣ କୁମାର ସାହୁ ବୋଲି ଜଣାପଡିଛି ।

## ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୧ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୫, କଳିଯୁଗାବ୍ଦାଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୭ଙ୍କ

**ତା୪।୬।୨୦୨୪, ଜ୍ୟେଷ୍ଠ ଦି୨୨ନ, ମଙ୍ଗଳବାର**

**ସୂର୍ଯ୍ୟୋଦୟ- ଘ୦୫।୭।୨୨** **ଚନ୍ଦ୍ରୋଦୟ- ରାଘ ୩।୪୧।୦୮**

ତ୍ରୟୋଦଶୀ- ରାଘ ୧୦।୦୧ ପର୍ଯ୍ୟନ୍ତ । ଦ୍ୱିଜା ନକ୍ଷତ୍ର- ରାଘ ୧୦।୩୫ ପର୍ଯ୍ୟନ୍ତ । ମେଷ ଚନ୍ଦ୍ର- ରାଘ ୪/୧୩ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି -** ବୃଷ, ମିଥୁନ, କର୍କଟ, ତୁଳା, ବିଛା, ମକର ଓ କୁମ୍ଭ ରାଶିର । **ଘାତଚନ୍ଦ୍ର-** ମେଷ ରାଶିର ରାଘ ୪/୧୩ ଗତେ ବିଛାରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବାଇଗଣ ରାଘ ୧୦/୦୧ ପରେ ବିରି ଖାଇବା ମନା । **ଆଜିର ଶୁଭବେଳା- ପ୍ରାଘ** ୫।୧୧ ଗତେ ଘ ୬।୪୯ ମଧ୍ୟେ । ଦିଘ ୯।୩୪ ଗତେ ଘ ୧୨।୧୧ ମଧ୍ୟେ ।

ସମ୍ପାଦକୀୟ
30 YEARS
ସମ୍ବାଦ କଳିକା

## ବ୍ୟାଙ୍କ ଠକେଇରେ ୩୦୦% ବୃଦ୍ଧି

ଭାରତରେ ବ୍ୟାଙ୍କ ଓ ଡିଜିଟାଲ୍ ଠକେଇରେ ବଡ଼ ଧରଣର ବୃଦ୍ଧି ଘଟିଛି। ଲୋକମାନଙ୍କୁ ବିଭିନ୍ନ ପ୍ରକାରରେ ଠକିବା ଲାଗି ଅପରାଧୀମାନେ ଅଭିନବ କୌଶଳ ବ୍ୟବହାର କରୁଥିବାରୁ ଠକେଇ ପରିମାଣ ବୃଦ୍ଧି ପାଇଛି। ୨୦୨୩-୨୪ ଆର୍ଥିକ ବର୍ଷରେ ବ୍ୟାଙ୍କ ଠକେଇ ୩୦୦ ପ୍ରତିଶତ ବୃଦ୍ଧି ପାଇ ୩୬,୦୭୫ରେ ପହଞ୍ଚିଛି। ୨୦୨୨-୨୩ରେ ଦେଶରେ ୯୦୪୬ଟି ବ୍ୟାଙ୍କ ଠକେଇ ସାମ୍ନାକୁ ଆସିଥିଲା। ତେବେ ଗତବର୍ଷଗୁଡ଼ିକର ଠକେଇରେ ଯେତିକି ଟଙ୍କା ସଂପୃକ୍ତ ଥିଲା ତାହା ଏଥର ହ୍ରାସ ପାଇଛି। ୨୦୨୨-୨୩ରେ ଚିହ୍ନଟ ହୋଇଥିବା ଠକେଇରେ ୪୫,୩୫୮ କୋଟି ଟଙ୍କା ସମ୍ପୃକ୍ତ ଥିବା ବେଳେ ୨୦୨୩-୨୪ରେ ତାହା ୧୩,୯୩୦ କୋଟି ଟଙ୍କାକୁ ହ୍ରାସ ପାଇଛି ବୋଲି ରିଜର୍ଭ ବ୍ୟାଙ୍କର ବାର୍ଷିକ ରିପୋର୍ଟରୁ ଜଣାପଡ଼ିଛି। ଗତ ତିନି ବର୍ଷରେ ଘରୋଇ ବ୍ୟାଙ୍କଗୁଡ଼ିକରେ ଅଧିକ ସଂଖ୍ୟକ ଠକେଇ ଚିହ୍ନଟ ହୋଇଥିବା ବେଳେ ସରକାରୀ ବ୍ୟାଙ୍କଗୁଡ଼ିକରେ ଠକେଇରେ ଲିପ୍ତ ଥିବା ଟଙ୍କା ପରିମାଣ ଅଧିକ ରହିଛି। ଠକେଇର ବର୍ଗୀକରଣରୁ ଜଣାପଡ଼ିଛି ଯେ ଡିଜିଟାଲ୍ ଠକେଇ ଅଧିକ ଘଟିଛି। ବିଶେଷ କରି ଡିଜିଟାଲ୍ ପେମେଣ୍ଟ ଓ ଇଣ୍ଟରନେଟ୍ ବ୍ୟାଙ୍କିଙ୍ଗରେ ହୋଇଥିବା ଠକେଇ ମାତ୍ରା ଅଧିକ ରହିଛି। ଋଣରେ ଅଧିକ ଟଙ୍କାର ଠକେଇ ହୋଇଛି। କାର୍ଡ ଓ ଇଣ୍ଟରନେଟ୍ରେ ହେଉଥିବା କାରବାରରେ ସଂଖ୍ୟା ଦୃଷ୍ଟିରୁ ଅଧିକ ଠକେଇ ହୋଇଥିଲେ ମଧ୍ୟ, ଠକେଇରେ ଜଡ଼ିତ ଥିବା ଟଙ୍କା ପରିମାଣ କମ୍ ରହିଛି। ସରକାରୀ ବ୍ୟାଙ୍କରେ ଯେଉଁ ସବୁ ଠକେଇ ହୋଇଛି ତାହା ମୁଖ୍ୟତଃ ଋଣରେ ହୋଇଛି ବୋଲି ରିଜର୍ଭ ବ୍ୟାଙ୍କ ତଥ୍ୟରୁ ଜଣାପଡ଼ୁଛି। ରିପୋର୍ଟ ଅନୁସାରେ, ୨୦୨୨-୨୩ରେ ୧୫୫ କୋଟି ଟଙ୍କାର ୩୫୯୬ଟି ଠକେଇ ହୋଇଥିଲା। ୨୦୨୩-୨୪ରେ ଠକେଇ ସଂଖ୍ୟା ୨୯,୦୮୨କୁ (୭୦୮%) ବୃଦ୍ଧି ପାଇଥିବା ବେଳେ ସେଥିରେ ଜଡ଼ିତ ଥିବା ରାଶି ପରିମାଣ ୧୪୫୭ କୋଟି ଟଙ୍କା ହୋଇଛି। ଠକେଇଗୁଡ଼ିକୁ ଅନୁଶୀଳନ କରିବା ପରେ ରିଜର୍ଭ ବ୍ୟାଙ୍କ ଜାଣିବାକୁ ପାଇଛି ଯେ ଠକେଇ ହେବାର ସମୟ ଏବଂ ବ୍ୟାଙ୍କ ତରଫରୁ ତାହାକୁ ଚିହ୍ନଟ କରିବା ଭିତରେ ସମୟର ଏକ ବଡ଼ ଅନ୍ତର ରହିଛି।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

### ସତ୍ୟ ଭାଗବତ

**ପ୍ରଥମ ଅଧ୍ୟାୟ**
**ଓଁ ନାମ ମହାତ୍ମ୍ୟ**

ଦୃଢତାରେ ଗୁରୁନାମ
ଧର ଏକାଗ୍ରତେ
ମୋହ ମାୟା ଛାଡ଼ିହୃଦୁ
ନାମ ଧର ଚିତ୍ତେ (୧୬୮)

ଶୟନେ ସ୍ୱପନେ ଗୁରୁ
ସଦା ଜଗିଛନ୍ତି
ଲୟାଙ୍ଗରେ ହେତୁକର
ସେହି ରୂପକାନ୍ତି (୧୬୯)

ଗୁଣକୁ ତୁ ରୂପ ମଧ୍ୟେ
ସ୍ଥାପନ କରିବୁ
ସର୍ବ ଗୁରୁ ମୟ ବୋଲି
ଜ୍ଞାନ ଧରିଥିବୁ (୧୭୦)

ପୂଜା ମୂଳ ଗୁରୁ ମୂର୍ତ୍ତି
ଧ୍ୟାନ ମୂଳ ଗୁରୁ
ଜ୍ଞାନ ମୂଳ ଗୁରୁ କୃପା
ବାକ୍ୟ ମୂଳ ଗୁରୁ (୧୭୧)

ଜଗତଟି ଜଗନ୍ନାଥ
ମନରେ ଭାବିବୁ
ହୃଦୟରେ କପଟକୁ
ସର୍ବଦା ତେଜିବୁ (୧୭୨)

ଭକତର ସ୍ୱଭାବଟି


ଶ୍ରୀ ଅଭିରାମ ସରସ୍ୱତୀ

କପଟିର କପଟତା
ତା'ର ହୃଦ ତତ୍ତ୍ୱ (୧୭୩)

ଯେଉଁ ପରି ହୃଦୟର
ଭାବଟି ହୋଇବ
ସେହିପରି ମହାପ୍ରଭୁ
ଫଳ ତାକୁ ଦେବ (୧୭୪)

ସୁଚିନ୍ତାରେ ଫଳ ଗୋଟି
ସୁଫଳ ହୋଇବ
କୁଚିନ୍ତାରେ ଫଳ ଗୋଟି
କାଳ ପାଲଟିବ (୧୭୫)

ଆପଣାର କଲାକର୍ମ
ଜୀବଟି ଭୋଗିବ
ଦୋଷକରି ନିଜେ ସେତ
କର୍ମକୁ ନିନ୍ଦିବ ( ୧୭୬)

(କ୍ରମଶଃ)

# ଜାତୀୟ ଶିକ୍ଷା ଓ ସତ୍ୟବାଦୀ ବନବିଦ୍ୟାଳୟ (୨)


ଡକ୍ଟର ସର୍ବେଶ୍ୱର ସେଣ
ସା/ପୋ: ପୁରୁଷୋତ୍ତମପୁର
କେନ୍ଦ୍ରାପଡ଼ା - ୭୫୪୨୧୩
ମୋ: ୯୪୩୭୦୮୮୦୩୯

(ପୂର୍ବ ପ୍ରକାଶନ ଉତ୍ତାରୁ)

ଗୋପବନ୍ଧୁ ବାବୁ ବିହାର ଓଡ଼ିଶା ବ୍ୟବସ୍ଥା ପରିଷଦର ସଦସ୍ୟ ହେଲେ। ସେ କେବଳ ସଭାମଣ୍ଡନକାରୀ ସଦସ୍ୟ ନଥିଲେ, ଓଡ଼ିଆ ଜାତିର ଦୁଃଖ ଦୁର୍ଦ୍ଦଶାକୁ ଠିକ୍ ବୁଝିଥିଲେ। ବ୍ୟବସ୍ଥା ପରିଷଦର ସଦସ୍ୟ, ପ୍ରାଦେଶିକ ସରକାରୀ କର୍ତ୍ତୃପକ୍ଷ -ଏମାନଙ୍କୁ ଓଡ଼ିଶା କଥା ପ୍ରାଞ୍ଜଳ ଭାବେ ବୁଝାଇ ପାରିଲେ। କର୍ମଚାରୀଙ୍କର ଦୋଷ ଦୁର୍ବଳତାକୁ ନିର୍ଭୀକ ଭାବେ ଦେଖାଇ ଦେଲେ। ସରକାରୀ ନୀତିର ତୀବ୍ର ସମାଲୋଚନା କଲେ। କ୍ରମେ ତାଙ୍କର ପ୍ରତିପତ୍ତି ବଢ଼ିଲା। ତାଙ୍କ ପ୍ରତିଷ୍ଠାର ଆଲୋକ ସ୍କୁଲ ଉପରେ ପ୍ରତିଫଳିତ ହେଲା। ସ୍କୁଲ୍ ଗୋଟେ ବର୍ଦ୍ଧିଷ୍ଣୁ ପ୍ରାଣୀ ପରି ବଢ଼ିବାକୁ ଲାଗିଲା। କେବଳ ଦେଶସେବା ନୁହେଁ, ଓଡ଼ିଆ ସାହିତ୍ୟର ଉନ୍ନତି କଳ୍ପେ ଗୋପବନ୍ଧୁ ପ୍ରମୁଖ ସତ୍ୟବାଦୀର ବରେଣ୍ୟ ଶିକ୍ଷକମାନେ ମନୋନିବେଶ କଲେ। ଲୋକଶିକ୍ଷାର ବିଧାନ ପାଇଁ ବି ଚିନ୍ତା କଲେ। ପୂର୍ବରୁ ସାପ୍ତାହିକ 'ଆଶା' ସମ୍ବାଦପତ୍ର ବାହାରୁଥିଲା। ଗୋପବନ୍ଧୁ ବାବୁ ଏଥିରେ ଅଗ୍ରଲେଖା ସହିତ ସମ୍ପାଦକୀୟ ଆଲୋଚନାମାନ ଲେଖନ୍ତି। ନୀଳକଣ୍ଠ ଦାସ, ଗୋଦାବରୀଶ ମଧ୍ୟ ଏଥିରେ ଲେଖୁଥାନ୍ତି। ଏ ପରିପ୍ରେକ୍ଷୀରେ ଗୋଦାବରୀଶ ମିଶ୍ର ଆପଣାର ଅନୁଭୂତି ବଖାଣିଛନ୍ତି। ପତ୍ରିକା ପାଇଁ ଲେଖା ଲେଖି ଶେଷ ପର୍ଯ୍ୟନ୍ତ ଚାଲିଥାଏ। ତାହା ଡାକକୁ ଯାଇ ପାରେନି। ସେ ଡାକ ବିଭାଗ 'ରନ୍ର୍' ସଦୃଶ କାର୍ଯ୍ୟ କରନ୍ତି। ସନ୍ଧ୍ୟାରେ ଷ୍ଟେସନକୁ ଯାଇ ରେଳଗାଡ଼ିରେ ଲେଖା ସବୁକୁ ଡାକବିଭାଗ କର୍ମଚାରୀଙ୍କୁ ଦେଇଆସନ୍ତି। ସେତେବେଳେ ଡାକ କର୍ମଚାରୀଙ୍କର ମଧ୍ୟ ସତ୍ୟବାଦୀ ଶିକ୍ଷକଙ୍କ ପ୍ରତି ଖୁବ୍ ଭଲ ଧାରଣା ଥିଲା। କେବେ କେମିତି ଗୋଦାବରୀଶଙ୍କ ପହଞ୍ଚିବା ଡେରିହେଲେ, ରେଳଗାଡ଼ିକୁ ଦୁଇଚାରି ମିନିଟ୍ ଅଟକାଇ ଦିଆଯାଉଥିଲା। ସାହିତ୍ୟ ସାଧନା ସତ୍ୟବାଦୀ ଶିକ୍ଷକଙ୍କର ଏକପ୍ରକାର ନିଶା ହୋଇଗଲା। ଛାତ୍ରମାନେ ବି ଶିକ୍ଷକଙ୍କର ପ୍ରେରଣାରେ କଲମ ଧରିବାକୁ ଆରମ୍ଭ କଲେ। ପରବର୍ତ୍ତୀ ସମୟରେ ଭଲ ଭଲ ଲେଖକ ବି ହେଲେ। ନିତିପ୍ରତି ଷ୍ଟେସନକୁ ଧାଁ ଦଉଡ଼, ଲେଖା ପଠାଇବା କଷ୍ଟକର ହେଲା; ସୁତରାଂ ସାକ୍ଷୀ ଗୋପାଳରୁ ସାପ୍ତାହିକ ସମ୍ବାଦପତ୍ର 'ସମାଜ', ମାସିକ ସାହିତ୍ୟ ପତ୍ରିକା 'ସତ୍ୟବାଦୀ' ପ୍ରକାଶିତ ହେଲା। ସେତେବେଳେ ରାଧାନାଥ ରଥ ସରକାରୀ ଚାକିରିରେ ଥାଆନ୍ତି। ଗୋପବନ୍ଧୁଙ୍କ କଥାରେ ସେ ଚାକିରିରୁ ଇସ୍ତଫା ଦେଲେ। ସତ୍ୟବାଦୀଠାରେ ଛପାଖାନା, ଖବରକାଗଜ ଚଳାଇବା ଦାୟିତ୍ୱ ତାଙ୍କ ଉପରେ ରହିଲା। 'ସତ୍ୟବାଦୀ'ର ପ୍ରତ୍ୟକ୍ଷ ଭାର ନେଲେ ନୀଳକଣ୍ଠ ଦାସ। ସତ୍ୟବାଦୀ ତଳକୁ ତଳକୁ ଗଲା, ଲୋପ ପାଇଲା ବି। କିନ୍ତୁ ସମାଜ ବଢ଼ିଲା, ଢେର ଆଗେଇଲା। ଘରେ ଦୁଇଭାଇ ଜନ୍ମିଲେ ଜଣେ ହୁଏତ ଖୁବ୍ ଉପରକୁ ଉଠେ, ଅନ୍ୟ ଜଣେ ତଳକୁ ପଡ଼ିଯାଏ। ତାହାହିଁ ଘଟିଲା 'ସତ୍ୟବାଦୀ', 'ସମାଜ' କ୍ଷେତ୍ରରେ। 'ସମାଜ' ଦୀର୍ଘାୟୁ ହେଲା। ସତ୍ୟବାଦୀ ସାଧକମାନଙ୍କର ଏ ଜାତିକୁ ସର୍ବଶ୍ରେଷ୍ଠ ଅବଦାନ 'ସମାଜ' - ଏ କଥା ମଧ୍ୟ କହିବାରେ ଦ୍ୱିଧା ନାହିଁ। ଘଟଣାଚକ୍ର କାହାକୁ କେତେ ବଦଳାଇଦିଏ। ବସନ୍ତକାଳୀନ ନଦୀର ସ୍ୱଚ୍ଛ ଜଳଧାରା ବର୍ଷାଋତୁକୁ ମାଟିଆ ହୋଇଯାଏ। ରାତିର କଇଁ ସକାଳକୁ ମୁଦି ହୋଇଯାଏ। ସୁନା ପାରାରେ ପଡ଼ିଲେ ଧଳା ପାଲଟିଯାଏ। ଦିନ ଥିଲା, ସତ୍ୟବାଦୀ ବନବିଦ୍ୟାଳୟର ଶିକ୍ଷକମାନେ ଥିଲେ ନୀତିନିଷ୍ଠ। ଛାତ୍ରମାନଙ୍କୁ ମଧ୍ୟ ତାଙ୍କରି ଛାଞ୍ଚରେ ପକାଇଲେ। ପିଲେ ତ ମାଟିପିଣ୍ଡୁଳା, ଯେମିତି ଗଢ଼ିବେ, ସେମିତି ହେବେ। ବନବିଦ୍ୟାଳୟରୁ ଉତ୍ତୀର୍ଣ୍ଣ ଛାତ୍ରମାନେ ଜାତି ପ୍ରେମଆର୍ଦ୍ର ହେଲେ। ମଣିଷ ପରି ମଣିଷ ହେଲେ। ସେମାନଙ୍କ ପଛରେ ଥିଲା ଆଚାର୍ଯ୍ୟ ହରିହର, ଗୋପବନ୍ଧୁ, ଗୋଦାବରୀଶଙ୍କ ପରି ଅନ୍ୟ ଶିକ୍ଷକମାନଙ୍କର ଆଶୀର୍ବାଦ। ସେବା, ଚାରିତ୍ରିକ ଶୁଦ୍ଧତାରେ ହରିହରଙ୍କୁ ଅନ୍ୟମାନେ ସ୍ପର୍ଶକରି ପାରିନଥିଲେ। ସେ ମିଛ କହି ଜାଣିନଥିଲେ। ଶିଖିବା ପାଇଁ ରାଜି ହୋଇ ପାଞ୍ଚଥର ଅଭ୍ୟାସ କଲେ ମଧ୍ୟ ସତଚା ପାଟିରୁ ଗାଳି ପକାଉଥିଲେ। ସେ ଥିଲେ ଦୟା, କ୍ଷମାର ଅବତାର। ଏବେକା ମଣିଷ ସବୁ ବଦଳି ଗଲେଣି। ଗୋଦାବରୀଶ ବଦଳି ଯାଇଥିବା ସମାଜ କଥା ଲେଖିଲେ – "ମୁଁ କ୍ଷମାମାଗି ନେଇ କହିବି, ଏବେ ସେ ହରିଭାଇନା ଆଉ ନାହାନ୍ତି। ହୁଏତ ଗୋପବନ୍ଧୁ ଜୀଇଥିଲେ ସେ କାଳର ଗୋପବନ୍ଧୁ ହୋଇ ନଥାଆନ୍ତେ।" ସତ୍ୟବାଦୀ ବନବିଦ୍ୟାଳୟରୁ ପ୍ରଧାନଶିକ୍ଷକ ପଦ ଉଠାଇ ଦିଆଗଲା। ସେ ସ୍ଥାନରେ ହରିବାବୁଙ୍କୁ 'ଆଚାର୍ଯ୍ୟ' ପଦ ମିଳିଲା। ସତ୍ୟ, ନିଷ୍ଠା, ସେବା, ଦୟା, ସହିଷ୍ଣୁତା, ଚରିତ୍ରବତ୍ତା ପଣରେ ସେ ବଡ଼। ନିଷ୍କପଟ, ସଦାଚାରୀ ହରିହରଙ୍କୁ ଗୋଦାବରୀଶ 'ଗୋରୁ' ବୋଲି ଧରି ନେଇଥିଲେ। ଗୁହାଳରେ ବନ୍ଧା ହେବାବେଳେ ସେ ବେକ ଦେଖାଇ ଦିଅନ୍ତି, ଦୁଧ ଦୁହିଁବାକୁ ଗଲେ ହଲଚଲ ହୁଅନ୍ତି ନାହିଁ। ଶିଙ୍ଗ ଏତେ ଧୀରେଧୀରେ ହଲାନ୍ତି ଯେପରି କାହାରି ଦେହରେ ନ ବାଜିବ। ତାଙ୍କ ଭଳି ଜଣେ ପବିତ୍ର ବ୍ୟକ୍ତିଙ୍କୁ ଆଚାର୍ଯ୍ୟ ପଦରେ ଅଭିଷିକ୍ତ କରାଗଲା। ଅଟଳ ବିହାରୀ ଆଚାର୍ଯ୍ୟ, ଡାକ୍ତର ସୁରେନ୍ଦ୍ର ନାରାୟଣ ଆଚାର୍ଯ୍ୟ, ପରମାନନ୍ଦ ଆଚାର୍ଯ୍ୟ ପ୍ରଭୃତି ଓଡ଼ିଶାରେ କେତେକ ବିଶିଷ୍ଟ ଲୋକଥିଲେ; କିନ୍ତୁ ନାମ ବାଦ୍ ଦେଇ କେବଳ ଆଚାର୍ଯ୍ୟ କହିଲେ ସତ୍ୟବାଦୀ ସ୍କୁଲ୍ର ସେକାଳର ହରିବାବୁଙ୍କୁ ବୁଝାଏ। ସତ୍ୟବାଦୀ ସ୍କୁଲ୍ ବୈଠକରେ ତାଙ୍କୁ ଯେଉଁ 'ଆଚାର୍ଯ୍ୟ' ଉପାଧି ଦିଆଗଲା, ଏହା ତାହାରି ଫଳ। ତାଙ୍କ ସମକକ୍ଷ ଲୋକ କେବଳ ଆଚାର୍ଯ୍ୟ ବୋଲି କହନ୍ତି। ପିଲାମାନଙ୍କ ମଧ୍ୟରେ ତାଙ୍କ ନାମ 'ଆଚାର୍ଯ୍ୟ ମହାଶୟ'! ଆଚରଣ, ଉଚ୍ଚାରଣକୁ ବିଚାରକୁ ନେଲେ ହରିହର ହିଁ ଏ ପଦବୀର ଯୋଗ୍ୟତମ ବ୍ୟକ୍ତି। ସତ୍ୟବାଦୀ ସ୍କୁଲ୍ ଆଗଧାଡ଼ିର ଶିକ୍ଷକମାନଙ୍କୁ ଛାଡ଼ିଦେଲେ, ଆଉ କେତେଜଣ ନବୀନ ପ୍ରବୀଣ ଶିକ୍ଷକ ମଧ୍ୟ ଏହା ପ୍ରତି ଆକୃଷ୍ଟ ହୋଇଥିଲେ। ସେମାନଙ୍କ ମଧ୍ୟରେ ଅଗ୍ରଗଣ୍ୟ ରାମଚନ୍ଦ୍ର ବାବୁ, ବାଞ୍ଛାନିଧି, ଭୁବନେଶ୍ୱର ରଥ, ଭାସ୍କର, ମଦନ ଇତ୍ୟାଦି। ଜାତି ହିସାବରେ ରାମଚନ୍ଦ୍ରଙ୍କ ସୋପାନ ଥିଲା ସବୁଠାରୁ ଉଚ୍ଚ, ମାନବିକତା ତାଙ୍କର ଆଭୂଷଣ। ତା'ରି ବଳରେ ସେ ସବୁଠାରୁ ତଳେ ରହି ଚଳୁଥାନ୍ତି। ଯାହା ଅନ୍ୟକେହି କରନ୍ତିନି, ସେ ତାହା କରିଦିଅନ୍ତି। ଆତ୍ମବଡ଼ିମା, ଅହଂକାର, ଅଭିମାନ, ଯଶୋଲିପ୍ସା ଆଦି ଗୁଣଠାରୁ ସେ ଥିଲେ ବହୁ ଦୂରରେ। କୃପାସିନ୍ଧୁଙ୍କ ପରି ତାଙ୍କର ଅକାଳ ମୃତ୍ୟୁ ହେଲା। ସେମାନଙ୍କ ବିୟୋଗରେ ମର୍ମାହତ ଗୋଦାବରୀଶ ଲେଖିଲେ – "କୃପାସିନ୍ଧୁଙ୍କ ମୃତ୍ୟୁରେ ସତ୍ୟବାଦୀ ଆକାଶରୁ ଗୋଟିଏ ଉଜ୍ଜ୍ୱଳ ନକ୍ଷତ୍ର ଝରିପଡ଼ିଥିବ, କିନ୍ତୁ ରାମଚନ୍ଦ୍ରଙ୍କର ମୃତ୍ୟୁ ସବୁ ନକ୍ଷତ୍ରକୁ ବର୍ଷା କାଳରେ ମେଘପରି ଘୋଡ଼ାଇ ପକାଇଲା।" ସତ୍ୟବାଦୀର ସମସ୍ତ ଶିକ୍ଷକ ଥିଲେ ଊଣା ଅଧିକେ ପ୍ରାତଃ ସ୍ମରଣୀୟ। ସରଳ ସ୍ୱଭାବ, ସ୍ପଷ୍ଟବାଦିତା, ନିର୍ଭୀକତାକୁ ସେମାନେ ଆପଣେଇ ନେଇଥିଲେ। ନିନ୍ଦା ପ୍ରଶଂସାକୁ ସେମାନଙ୍କର ଖାତିର ନଥିଲା। କର୍ତ୍ତବ୍ୟ ଭଗବାନ, କର୍ମପୂଜା - ଏହାକୁ ପାଥେୟ କରି ଆଗେଇ ଯାଇଥିଲେ। ସେଦିନ ଚାଲିଗଲା, ସତ୍ୟବାଦୀ ସ୍କୁଲ୍ ଏବେ ଅସ୍ତପଥେ। ଗୋପବନ୍ଧୁ ରାଜନୀତିରେ ଯୋଗଦେଲେ। 'ସମାଜ' ତାଙ୍କର ମୁଖ୍ୟ ଆୟୁଧ। ସେ ଜାତିଟାକୁ ଗଢ଼ିଲେ, ଉଦ୍‌ବୁଦ୍ଧ କଲେ। 'ସତ୍ୟବାଦୀ' ମାସିକ ପତ୍ରିକା ତ ଲୋପ ପାଇଗଲା। ଉଭୟର ଜନ୍ମଦାତା ଗୋପବନ୍ଧୁଙ୍କ ମହାପ୍ରୟାଣ ହେଲା, ମାଟି ଦେହ ତାଙ୍କ ମାଟିରେ ମିଶିଗଲା; ମାତ୍ର ଯଶୋଦେହେ ସେ ଆୟୁଷ୍ମାନ। ରହିଛି 'ସମାଜ', ସାପ୍ତାହିକୀରୁ ଏବେ ଦୈନିକ ହୋଇଛି। ଘରେ ଘରେ ପଢ଼ା ଯାଉଛି। ଗୋପବନ୍ଧୁଙ୍କ ପରେ ଗୋଦାବରୀଶ ସମାଜର ସମ୍ପାଦକ ଦାୟିତ୍ୱ ତୁଲାଇଥିଲେ। ସେବେକା 'ସମାଜ'ର ନିରପେକ୍ଷତା ଆଡ଼େ କେହିବି ଆଙ୍ଗୁଳି ନିର୍ଦ୍ଦେଶ କରିନଥିଲେ। ଏହା ସତ୍ତ୍ୱେ; ସମାଜ ତାଙ୍କ ବିପକ୍ଷରେ ବେଳେବେଳେ ପ୍ରଚାର କରେ, ସପକ୍ଷରେ କେବେ କହେନାହିଁ। ଗୋପବନ୍ଧୁ ବାବୁଙ୍କ ସମ୍ପର୍କ ଆଉ ଓଡ଼ିଶାର ଜାତୀୟ ଜୀବନ କ୍ଷେତ୍ରରେ ସେ ତାକୁ ଭାଇ ଦୃଷ୍ଟିରେ ଦେଖନ୍ତି। 'ସମାଜ' ଉପରେ ଆଘାତ ଲାଗିଲେ ତାଙ୍କ ଛାତିରେ ପଥର ପଡ଼ିଲା କରି ଲାଗେ। ଏଇ ତ ବନ୍ଧୁପଣ, ଆପଣାର ଭାବ, ସହନଶୀଳତାର ଅନୁପମ ନିଦର୍ଶନ। ଇତିହାସର ପୁନରାବୃତ୍ତି ଘଟେ। ଏହା କାଳର ଗତି। ପୁନଶ୍ଚ 'ସତ୍ୟବାଦୀ' ସାହିତ୍ୟ ପତ୍ରିକାର ଆବିର୍ଭାବ। ପତ୍ରିକାଟି ଢେର ଦିନ ଶୋଇ ଯାଇଥିଲା ଗହମ ନିଦରେ। ଏହାର ପୁନଃ ପ୍ରକାଶନ ଆଶା ଆଶ୍ୱାସନାର କଥାଟିଏ ସଞ୍ଚାର କରିଛି ନିଶ୍ଚୟ। 'ସତ୍ୟବାଦୀ' ଯୁଗ ଓଡ଼ିଶା ଇତିହାସର ଏକ ସ୍ୱର୍ଣ୍ଣିମ ଅଧ୍ୟାୟ। ଶିକ୍ଷା, ସାହିତ୍ୟ, ସଂସ୍କୃତି, ରାଜନୀତି – ଏମିତି ସମାଜର ପ୍ରତିଟି ଅଧ୍ୟାୟର ସଂସ୍କାରିତ ଜୀବନଚର୍ଯ୍ୟା ସୃଷ୍ଟି ପ୍ରୟାସ ସତ୍ୟବାଦୀର ବରେଣ୍ୟ ସାଧକମାନେ ଜାରି ରଖିଥିଲେ। ସେ ଦିନ ଏବେ ବିସ୍ମୃତି ଆଡ଼େ ଦ୍ରୁତ ଧାବମାନ। ସତ୍ୟବାଦୀ ସାଂସ୍କୃତିକ ଚେତନାର ପୁନରୁଦ୍ଧାର ଏକାନ୍ତ ଜରୁରୀ। ଏ କ୍ଷେତ୍ରରେ ଗବେଷକମାନେ ମନୋନିବେଶ କଲେ ଆମ ଉତ୍ତର ପିଢ଼ି ଢେର ଉପକୃତ ହେବେ, ଏଥିରେ ଦ୍ୱିଧା ବା କାହିଁ? ଅଦିନିଆ ପବନ, ନାହିଁ ନଥିବା ବଢ଼ିରେ ନଇକୂଳିଆ ବରଗଛଟା କ୍ରମେ ନଇଁ ଆସେ, ଉପୁଡ଼ିପଡ଼େ। ସତ୍ୟବାଦୀ ସ୍କୁଲ୍ ସିନା ଭୁଷୁଡ଼ିଲାନି, କ୍ରମେ ଏହା ଅସ୍ତଗାମୀ ହେଲା। ଗବଗଛ, ତାଳଗଛ; ଏକ ସମୟରେ ଗବମଞ୍ଜି, ତାଳମଞ୍ଜି ପୋତିଲେ ଗଛ ଉଠେ। ତାଳଗଛ ହାତେ ଉଚ୍ଚ ହେଲାବେଳକୁ ଗବଗଛ ଦଶହାତ। ତାଳଗଛ ବଢ଼ି ବଢ଼ି ଦଶ ହାତ ହୁଏ। ସେତେବେଳକୁ ଗବଗଛର ସତ୍ତା ହଜିଯାଏ। ଗୋପବନ୍ଧୁ ମନରେ ବହୁ ଆଶା ପୋଷଣ କରି ସତ୍ୟବାଦୀ ସ୍କୁଲ ବସାଇଲେ। ସେ ତାଳ ମଞ୍ଜି ପରିବର୍ତ୍ତେ ଗବମଞ୍ଜି ପୋତିଲେ। ଫଳରେ ଗଛଟା ହୁ ହୁ ବଢ଼ିଲା, ଫୁଲ ଫୁଟିଲା, ଫଳ ଧଇଲା; କିନ୍ତୁ ସଙ୍ଗେ ସଙ୍ଗେ ବୁଢ଼ା ହୋଇ କ୍ଷୟ ପାଇବାକୁ ଲାଗିଲା। ଶିକ୍ଷକମାନଙ୍କ ମନରେ ମନ ମିଳିଲାନି, ସ୍କୁଲ୍ ଠିକ୍ ଚାଲିଲାନି। କ୍ରମେ ଏହାର ସୁନାମରେ ଆଞ୍ଚ ଆସିଲା। ଏଥିପାଇଁ ସତ୍ୟବାଦୀର ଆଗଧାଡ଼ିର ବ୍ୟକ୍ତିବିଶେଷ ଊଣା ଅଧିକେ ଦାୟୀ। ଏମିତି ଏକ ଚରମ ସତ୍ୟକୁ ଉପସ୍ଥାପନ କରିଛନ୍ତି ପଣ୍ଡିତ ଗୋଦାବରୀଶ ମିଶ୍ର। ସ୍କୁଲ୍ ଜୀବନର ସୁଖଦୁଃଖ, ଉତ୍‌ଥାନ ପତନ, ସୌଭାଗ୍ୟ ଦୁର୍ଭାଗ୍ୟ– ଏସବୁକୁ ପାଠକ ଆଗରେ ବାଢ଼ିଛନ୍ତି। (କ୍ରମଶଃ)

# ଓଡ଼ିଆ ଅସ୍ମିତା—ଗୋଟିଏ ମହାନ ଜାତିର ଅହଂ- ସଚେତନତା


ଉମାଶଙ୍କର ପ୍ରସାଦ
ସମ୍ପାଦକ,
ମାର୍ଗଦର୍ଶୀ, ଖୋର୍ଦ୍ଧା
ମୋ- ୬୩୭୦୬ ୭୫୫୬୨

ଓଡ଼ିଆ ଜାତିର ଅସ୍ମିତାର ଗୌରବ ଖ୍ରୀଷ୍ଟପୂର୍ବ କାଳରୁ ପ୍ରାୟ ଷୋଡ଼ଶ ଶତାବ୍ଦୀ ପର୍ଯ୍ୟନ୍ତ ରହିଥିଲା ଅକ୍ଷୁର୍ଣ୍ଣ। ଏହି ସମୟରେ କେତେ କେତେ ବିବର୍ତ୍ତନ ଦେଇ ଗଢି ଉଠିଥିଲା ଓଡ଼ିଆ ଭାଷା, ସାହିତ୍ୟ, ମନ୍ଦିର, ଶିଳ୍ପ-କଳା, ନୌ ବାଣିଜ୍ୟ ଓ ପ୍ରଜାଭିମୁଖୀ ରାଜତନ୍ତ୍ର। ପୁନଶ୍ଚ ଓଡିଆ ଅସ୍ମିତାର ପ୍ରତିଷ୍ଠା ପାଇଁ ଗୋଟିଏ ଦୁର୍ଦ୍ଧର୍ଷ ପାଇକ ବାହିନୀ- ସାମରିକ ଶକ୍ତି ଗଢି ଉଠିଥିଲା ଯାହା ଓଡ଼ିଶାକୁ ଓ ଓଡ଼ିଆ ଜାତିକୁ ସମଗ୍ର ଭାରତ ବର୍ଷରେ ନିଆରା କରି ଚିହ୍ନାଇ ଦେଇଥିଲା। ଏହି ରାଷ୍ଟ୍ରକେନ୍ଦ୍ରିକ ଅସ୍ମିତାରେ ଦେଖାଦେଲା ଅବକ୍ଷୟ ଯେତେବେଳେ ରାଷ୍ଟ୍ରମୁଖ୍ୟ ବା ରାଜା ଓ ରାଜବଂଶଧରଙ୍କ ଭିତରେ ଦେଖାଦେଲା ଉତ୍କଟ ଭୋଗଲାଳସା, କ୍ଷମତା-ତୃଷ୍ଣା ଓ ତାହାକୁ କେନ୍ଦ୍ରକରି ପାରସ୍ପରିକ ସଂଘର୍ଷ, ଷଡଯନ୍ତ୍ର ଓ ଗୁପ୍ତ ହତ୍ୟା। ଏହାର ସୁଯୋଗ ନେଇ ବହିରାଗତ ଆକ୍ରମଣକାରୀମାନେ ଓଡ଼ିଶା ମାଟିକୁ ପଶିଆସିଲେ। ଆଫଗାନ, ମୁସଲମାନ, ମୋଗଲ, ମରହଟ୍ଟା ଓ ଶେଷରେ ଇଂରେଜମାନେ ଓଡିଶାକୁ ଅକ୍ତିଆର କରିନେଲେ। ଶାସନ ଆଉ ପ୍ରଜାଭିମୁଖୀ ହେଲାନାହିଁ। ତଥାପି ଏହି ସମୟରେ ଅତୀତର ଜଗନ୍ନାଥ-ସଂସ୍କୃତି ଓ ଭାଗବତ ଟୁଙ୍ଗୀ ଓଡିଆ ଅସ୍ମିତାକୁ ଯାବତୀୟ ଅତ୍ୟାଚାର ସତ୍ତ୍ୱେ ଧରି ରଖିଥିଲା। ଉନବିଂଶ ଶତାବ୍ଦୀର ଶେଷାର୍ଦ୍ଧ ବେଳକୁ ସେହି ଅସ୍ମିତାର ହେଲା ନିରବଚ୍ଛିନ ଜାଗରଣ। କିଛି ସଂସ୍କୃତି ପ୍ରେମୀ, ଭାଷା ପ୍ରେମୀ, ଜାତିପ୍ରେମୀ ବିଦ୍ୱାନ ନିରବଚ୍ଛିନ ଉଦ୍ୟମ କଲେ। ସ୍ୱତନ୍ତ୍ର ଓଡ଼ିଆ ପ୍ରଦେଶ ଗଠନପାଇଁ ଆନ୍ଦୋଳନ କଲେ। ପ୍ରଦେଶ ଗଠିତ ହେଲା ଅଥଚ ଦେଶ ସ୍ୱାଧୀନତା ଲାଭ ପରେ ସେହି ଅସ୍ମିତା ଆଉ ରହିଲା ନାହିଁ। ବର୍ତ୍ତମାନ ଓଡ଼ିଆ ଅସ୍ମିତା ବିଲୀୟମାନ। ଯେତେବେଳେ କଳିଙ୍ଗର ଗୌରବ ଥିଲା ସେତେବେଳେ ଅଶୋକ ଆକ୍ରମଣ କଲେ, କଳିଙ୍ଗ ପରାଜିତ ହେଲା; ମାତ୍ର ଅସ୍ମିତା ହରାଇଲା ନାହିଁ। କଳିଙ୍ଗ ଅସ୍ମିତା ବା ଓଡ଼ିଆର ଅସ୍ମିତା ମରିଗଲା ନାହିଁ ଓ ଗୋଟିଏ ଚଣ୍ଡାଶୋକ ରାଜାକୁ ଧର୍ମାଶୋକରେ ପରିବର୍ତ୍ତନ କରିଦେଲା। ପୁନଶ୍ଚ ବିକଶି ଉଠିଲା ମାତ୍ର କେତୋଟି ବର୍ଷ ପରେ ସମ୍ରାଟ ଖାରବେଳଙ୍କ ସମୟରେ। ଖାରବେଳ ପାଲଟି ଯାଇଥିଲେ ଓଡ଼ିଆ ଅସ୍ମିତାର ମହାଦୀପ। 'ଓଡ଼ିଆ ଅସ୍ମିତା' ସତ୍ୟ, ଶାନ୍ତି, ଦୟା, କ୍ଷମା, ତ୍ୟାଗ ଓ ତିତିକ୍ଷାର ଅସ୍ମିତା- ଖାରବେଳ ହେଲେ ଏହାର ଜୀବନ୍ତ ପ୍ରତିଭୂ। ସେ ରାଜା ଅଥଚ ତାଙ୍କୁ ସିଂହାସନ ମୋହଗ୍ରସ୍ତ କରିପାରି ନଥିଲା। ଭୋଗ ବିଳାସ ତାଙ୍କୁ ଆକର୍ଷିତ କରିପାରି ନଥିଲା। ସବୁ ଧର୍ମ ପ୍ରତି ତାଙ୍କର ଥିଲା ସମାନ ଦୃଷ୍ଟି। ପ୍ରକୃତରେ ସେ ଥିଲେ ଧର୍ମ ନିରପେକ୍ଷ। "ରାଜା ବା ଶାସକ ଯେଉଁଠି ମୋହଗ୍ରସ୍ତ ହୁଏ, ଭୋଗୀ ହୁଏ, ସତ୍ତା ପାଇଁ ଅନ୍ୟାୟ ଅତ୍ୟାଚାର କରେ, ଦଳ ପରିବର୍ତ୍ତନ କରେ, ସ୍ୱେଚ୍ଛାଚାରୀ ହୁଏ, ବିମୁଢ ଅହଂକାରୀ ହୁଏ, ରାଷ୍ଟ୍ର ବା ଜାତିକୁ ଗୌଣ ମନେକରେ ସେଠାରେ ଜାତିର ଅସ୍ମିତା ନିଜର ମର୍ଯ୍ୟାଦା ହରାଇବସେ। ଅନ୍ୟ ପକ୍ଷରେ ଯେଉଁଠି ଏ ସବୁ ନଥାଏ ସେଠି ଜାତିର ଅସ୍ମିତା ପ୍ରତି ସମ୍ମାନ ପ୍ରକାଶ ପାଏ। ମୋର ସୁଧୀ ପାଠକେ ବିଚାର କରିବେ ଆଜିର ସତ୍ତାରୁଢ ଶାସକ ମାନଙ୍କ ପାଖରେ ଉପରୋକ୍ତ ଚରିତ୍ର ଓ ଗୁଣ ନାହିଁ ' କି? ଖାରବେଳଙ୍କ ଚରିତ୍ରର ବୈଶିଷ୍ଟ୍ୟ ଥିଲା ଉଦାର ମାନବିକତା, ଜାତିୟ ସଂହତି ପ୍ରତିଷ୍ଠା ଯାହା ଆଜିକାର ନେତୃବର୍ଗଙ୍କ ପାଖରେ ସମ୍ପୂର୍ଣ୍ଣ ଅଭାବ" ତାଙ୍କରି ଠାରୁ ଯେଉଁ ଓଡିଆ ଅସ୍ମିତାର ଉନ୍ମେଷ ଘଟିଥିଲା ତାହାହିଁ ଷୋଡଶ ଶତାବ୍ଦୀ ପର୍ଯ୍ୟନ୍ତ ଓଡିଆ ଜାତିକୁ ଆଗେଇ ନେଇଥିଲା। ଖାରବେଳଙ୍କ 'କଳିଙ୍ଗ' ଯେପରି ସମଗ୍ର ଭାରତ ବର୍ଷରେ ପ୍ରତିଷ୍ଠା ଅର୍ଜନ କରିଥିଲା ସେହିପରି 'କପିଳେନ୍ଦ୍ର'ଙ୍କ 'ଓଡ଼ିଶା' ଗୌରବ ଅର୍ଜନ କରିଥିଲା ଭାରତ ବର୍ଷରେ। ଏହାର କାରଣ ଥିଲା ରାଜନୀତିକ ଅଙ୍ଗୀକାରବଦ୍ଧତା, ପ୍ରଶାସନିକ ଶୃଙ୍ଖଳା, ବିଭିନ୍ନ ଜାତି ଭିତରେ ସାମାଜିକ ସହବସ୍ଥାନ, ଦୃଢ ସାମରିକ ଶକ୍ତି, ଦେଶପ୍ରତି ଅନୁରକ୍ତି, ଆର୍ଥନୀତିକ ସ୍ୱଚ୍ଛଳତା, କୃଷି ପ୍ରତି ଜନଗଣଙ୍କ ଅନୁରାଗ। ପରେ ବିଭିନ୍ନ ଧର୍ମ ଓ ପରମ୍ପରାର ଆଘାତରେ ଓଡିଆ ଅସ୍ମିତା ଭାଙ୍ଗି ପଡିବା ସମୟରେ ଶ୍ରୀ ଜଗନ୍ନାଥ ଓ ଶ୍ରୀକ୍ଷେତ୍ରଙ୍କର ଆବିର୍ଭାବ ସେହି ଅସ୍ମିତାକୁ ଦୃଢ କରି ଦେଇଥିଲା ଓ ଜଗନ୍ନାଥ କୋଟି ଓଡ଼ିଆର ମଉଡମଣି ହୋଇଗଲେ ଓଡ଼ିଆ ଅସ୍ମିତାର ଏକମାତ୍ର ନିୟନ୍ତକ ଓ ପୃଷ୍ଠପୋଷକ। ସେତେବେଳର ଓଡ଼ିଶା ଆଉ ନାହିଁ, ପ୍ରତିବେଶୀ ରାଜ୍ୟ ସହିତ ଖଣ୍ଡ ଖଣ୍ଡ ହୋଇ ମିଶି ଯାଇଛି। ଲୋକଙ୍କ ଭିତରେ ଜୀବନ ନାହିଁ। କୁଳବୃଦ୍ଧ ମଧୁସୁଦନଙ୍କ ଭାଷାରେ କେବଳ 'Heaps of bones' ହାଡ଼ ଆଉ ହାଡ଼। ପୁଣି ଅସ୍ମିତାର ଯାହା ମୁଖ୍ୟ ସ୍ପନ୍ଦନ ସେହି ଭାଷାକୁ ବିଲୋପ କରିଦେବାର ଚକ୍ରାନ୍ତ। ଏପରି ଦୁର୍ଦ୍ଦିନରେ କର୍ମଯୋଗୀ ଗୌରୀଶଙ୍କର ଓ ତାଙ୍କ ସମ୍ପାଦିତ 'ଉତ୍କଳ ଦୀପିକା' ଓଡିଆ ଅସ୍ମିତାର ଆଦ୍ୟ ପାଞ୍ଚଜନ୍ୟ ଫକୀର ମୋହନ, ଗୋବିନ୍ଦ ରଥ, ନୀଳମଣି ବିଦ୍ୟାରତ୍ନ ପ୍ରମୁଖଙ୍କ ସହିତ ଶତାବ୍ଦୀର ଆରମ୍ଭ ବେଳକୁ ଆବିର୍ଭୁତ ହେଲେ ମଧୁସୁଦନ ଦାସ। ତାଙ୍କ ପ୍ରତିଷ୍ଠିତ ଉତ୍କଳ ସମ୍ମିଳନୀ ହେଲା ଓଡିଆ ଜାତୀୟତା ଓ ଅସ୍ମିତାର ଶଙ୍ଖଧ୍ୱନି। ସକଳ ପ୍ରତିକୂଳ ପରିସ୍ଥିତି ଓ ବିରୋଧ ସତ୍ତ୍ୱେ ମଧୁସୁଦନଙ୍କ ସ୍ୱପ୍ନର ଓଡିଶା ୧୯୩୬ ମସିହା ଏପ୍ରିଲ ପହିଲା ଦିନ ସାକାର ହେଲା , ନବ ଓଡିଶାର ହେଲା ଜନ୍ମ। ଦୀର୍ଘ ୪୦୦ ବର୍ଷ ପରେ ଏ ଜାତି ଯେଉଁ ହୃତ ଗୌରବକୁ ଫେରି ପାଇଥିଲା ଏବେ ସ୍ୱାଧୀନତାର ୭୭ ବର୍ଷ ପରେ ଆମର ସେ ଅସ୍ମିତା ଅଛି କି? ଯାହାକୁ ନେଇ ଅସ୍ମିତାର ଉନ୍ମେଷ, ବିକାଶ ଓ ପ୍ରସାର ସେହି ଭାଷାର ଆଜି ଅବସ୍ଥା କ'ଣ? ଜାତିର ପ୍ରତୀକମାନେ ଏ ବିଷୟରେ କିଛି ଚିନ୍ତା କରୁଛନ୍ତିକି? ନା ଖାଲି ଭାଷଣ ବାଜି ମାରି ନିଜର ସତ୍ତାକୁ ଦୃଢ ରଖିବା ପାଇଁ ଭେଳିକି ଦେଖାଇ ଭୋଟ ନେଉଛନ୍ତି?

ବର୍ତ୍ତମାନ ସାରା ଓଡିଶାକୁ ଦେଖି ମନ ଭିତରକୁ ନାନା ପ୍ରଶ୍ନ ଆସିଥାଏ ଓ ଆସିବା ମଧ୍ୟ ସ୍ୱାଭାବିକ। ଓଡ଼ିଶାର ନାନା କ୍ଷେତ୍ରରେ ଅଗ୍ରଗତି ହୋଇଛି। ବହୁବ୍ୟକ୍ତି ବିଶେଷ ତଥା ରାଜନେତା କଳାଟଙ୍କାରେ ବଡ଼ଲୋକ ହୋଇଛନ୍ତି। ବହୁ ଇଂଜିନିୟରିଂ କଲେଜ, ମେଡିକାଲ କଲେଜ, ଆଇନ କଲେଜ, ବିଦ୍ୟାଳୟ, ମହାବିଦ୍ୟାଳୟ- ବିଶ୍ୱବିଦ୍ୟାଳୟ, କେତେ କେତେ ଶିଳ୍ପ ଅନୁଷ୍ଠାନ ପ୍ରତିଷ୍ଠା ଲାଭ କରିଛି କରୁଛି ମଧ୍ୟ। ତେବେ ମନକୁ ପ୍ରଶ୍ନ ଆସେ ଏ ସବୁ କ'ଣ ଓଡିଆ ଅସ୍ମିତାର ଉଦ୍‌ବୋଧକ ହୋଇଛନ୍ତି କି? ଉତ୍ତର ଗୋଟିଏ ଶବ୍ଦରେ 'ନା'। ଯାହାକୁ ନେଇ ଗୋଟିଏ ଜାତି ଗର୍ବ କରେ ତାହା ହେଉଛି ତାର ମାତୃଭାଷା, ତା'ର ଗତି ଆଜି କେଉଁ ଆଡିକି? ଆମ ଭାଷା ପ୍ରତି, ନା ଆମର ନେତୃବର୍ଗଙ୍କର ନା ତଥା କଥିତ ବୁଦ୍ଧିଜୀବୀ ମାନଙ୍କର ନା ଆମ ସାହିତ୍ୟିକ ମାନଙ୍କର ଶ୍ରଦ୍ଧା ନାହିଁ କହିଲେ କିଛି ଭୁଲ ହେବନାହିଁ। ବିଦେଶୀ ଭାଷାର ଗୋଲାମୀତ୍ୱ ଆମକୁ ଆମ ଭାଷା ଠାରୁ ଦୂରେଇ ଦେଇଛି। ଇଂରାଜୀ ତାର କାୟା ବିସ୍ତାର କରିଛି। ଇଂରେଜ ଶାସନ ଆମକୁ ଦେଇଥିବା ଦୁଇଟି ବରଦାନ ଯାହାହେଲା ଇଂରାଜୀ ଶିକ୍ଷା ଓ ଅମଲାତନ୍ତ୍ର ବା ବ୍ୟୁରୋକ୍ରାସି। ଜଗନ୍ନାଥ ଯିଏ ଥିଲେ ମାନବ ପ୍ରେମୀ ଓ ବିଶ୍ୱ-ଚେତନାର ପ୍ରତୀକ ସିଏ ଆଜି ସଂକୀର୍ଣ୍ଣତାର ଗଣ୍ଡି ମଧ୍ୟରେ ଆବଦ୍ଧ। ଜଗନ୍ନାଥଙ୍କୁ କେନ୍ଦ୍ରକରି ଓଡ଼ିଆ ଅସ୍ମିତାର ଯେଉଁ ବିଶ୍ୱମୁଖୀ ଦୃଷ୍ଟିକୋଣ ପ୍ରକାଶ ପାଇ ଆସିଥିଲା ତାହା ଆଜି ନାହିଁ। ଭାଗବତ ଟୁଙ୍ଗୀ ବିଲୁପ୍ତ ହୋଇ କ୍ଲବ ସଂସ୍କୃତି ଗଢି ଉଠିଛି ଯାହା ଓଡିଆ ସଂସ୍କୃତି ଓ ଅସ୍ମିତାର ନୁହେଁ। ରାଷ୍ଟ୍ର ପାଳକ, ରାଜ୍ୟ ପାଳକ , ବୁଦ୍ଧିଜୀବୀ ଓ ଅମଲାତନ୍ତ୍ର ମାନଙ୍କର ଭାଷା ପ୍ରତି ଶ୍ରଦ୍ଧା ନାହିଁ। ଆମ ଦେଶ ତଥା ରାଜ୍ୟକୁ ଦେଶୀ / ବିଦେଶୀ କମ୍ପାନୀ ଅଦିନିଆ ବଢିପାଣି ପରି ମାଡ଼ି ଆସୁଛନ୍ତି ଓ ଯାହାକୁ ଆମେ ଆମର ପ୍ରଗତି ନାମରେ ସ୍ୱାଗତ ଜଣାଉଛୁ। ଖୁବ ଶୀଘ୍ର ଆମ ପରିବେଶ ହେବାକୁ ଯାଉଛି ଭୟଙ୍କର, କୃଷି ସଙ୍କଟ ଗ୍ରସ୍ତ, ଆମ ଅରଣ୍ୟ ଶିଳ୍ପମୟ! ଗୋଟିଏ ବସ୍ତୁବାଦୀ ଆକାଂକ୍ଷା ଆମକୁ ମୋହଗ୍ରସ୍ତ କରିଦେଇଛି। ଆମେ ହରାଇ ବସିଛୁ ଆମର ମାନବିକ ମୂଲ୍ୟବୋଧ। ଆମ ଜ୍ଞାନ, ଗରିମା, ବୁଦ୍ଧି ବିବେକ ମାନ- ମହତ ସାହିତ୍ୟ ସଂସ୍କୃତିକୁ ଆମେ ଭୁଲି ଆମେ ଗୋଡେଇଛୁ ପର ଲାଙ୍ଗୁଡ଼ ଧରି ବୈତରଣୀ ପାର ହେବା ପାଇଁ।

ବର୍ତ୍ତମାନ ଆମ ଓଡ଼ିଆର ଅସ୍ମିତାକୁ ଉପଲବ୍ଧି କରବାର ବେଳ। ଗୋଟିଏ ଇତିହାସ ପ୍ରସିଦ୍ଧ ଜାତି ଭାବରେ ଆମେ ଗଢିବା ନିଜକୁ। ଆମର ଅସ୍ମିତା ଜାଗ୍ରତ ହେଲେ ଆମକୁ କେହି ଆଙ୍ଗୁଳି ନିର୍ଦ୍ଦେଶ କରି ପାରିବେନି। ଆମର ଅସ୍ମିତାର ଆଦର୍ଶ ତ୍ୟାଗ, ବୀରତ୍ୱ, ବିଶ୍ୱବୋଧ ଏ ବିଷୟରେ ଆମେ ଅବିହିତ ହେବା ଓ ମନେ ରଖିବା ଦେଶ ଜାତି ଓ ଭାଷା ସର୍ବାଗ୍ରେ। ନିଜ ଜାତି ପାଇଁ ଆତ୍ମ ବଳିଦାନ ହେଉ ଆମର ନୀତି। ରାଜନିତି ତା ବାଟରେ ଯାଉ, ରାଜନୀତିକୁ ନେଇ ଆମ ଭିତରେ ବିଭାଜନ ସୃଷ୍ଟି ନହେଉ। କାରଣ ଆମ ଓଡିଆର ଅସ୍ମିତା ଗୋଟିଏ ମହାନ ଜାତିର 'ଅହଂ ସଚେତନତା'।

# ସାରାବିଶ୍ୱ ଏବେ ଯୁଦ୍ଧମୁହାଁ


ମାୟାଧର ନାୟକ
ଯାଜପୁରରୋଡ, ଯାଜପୁର
ମୋ : ୯୮୬୧୦୩୪୬୧୩

୨୦୨୨ ଫେବୃୟାରୀ ୨୪ରୁ ରୁଷ-ୟୁକ୍ରେନ୍ ଘମାଘୋଟ ଯୁଦ୍ଧ ଚାଲିଛି। ଥମିବାରେ ନାଁ ଧରୁନି। ଏଇ ୨୦୨୩ ଅକ୍ଟୋବର ୭ ତାରିଖରେ ପାଲେଷ୍ଟାଇନ୍-ହମାସ୍ ଇସ୍ରାଏଲ ଉପରେ ୨୦ ମିନିଟ୍‌ରେ ୭୦୦୦ ରକେଟ୍ ମାଡକରି ସାରାବିଶ୍ୱକୁ ଚମକାଇଦେଲା। ପାଲେଷ୍ଟଇନ୍ ଠାରୁ ଇସ୍ରାଏଲ ୧୦୦ ଗୁଣ ଶକ୍ତିଶାଳୀ। ଇସ୍ରାଏଲ ପ୍ରତିଶୋଧ ନେବାପାଇଁ ପାଲେଷ୍ଟାଇନ୍ ଉପରେ ବୋମାବର୍ଷଣ କରିଚାଲିଛି। ଉଭୟପଟରୁ ସୈନ୍ୟ-ସାଧାରଣ ନାଗରିକଙ୍କ ମୃତ୍ୟୁସଂଖ୍ୟା ଓ ଆହତସଂଖ୍ୟା ବଢିବାରେ ଲାଗିଛି। ପାଲେଷ୍ଟାଇନ୍ ପକ୍ଷନେଇ ଲେବାନନ୍ ଇସ୍ରାଏଲ୍ ଉପରେ ଆକ୍ରମଣ ଆରମ୍ଭ କରିଦେଇଛି। ଇସ୍ରାଏଲ-ପାଲେଷ୍ଟାଇନ୍‌ରେ ରକ୍ତର ହୋରିଖେଳ ଚାଲିଛି। ଯେଉଁମାନେ ଯୁଦ୍ଧ କ'ଣ ଜାଣିନାହାଁନ୍ତି – ଶତ୍ରୁତା କ'ଣ ବୁଝିନାହାଁନ୍ତି – ସେଇ ସାଧାରଣ ନାଗରିକ ଓ ନାରୀ, ଶିଶୁମାନଙ୍କୁ ଅତ୍ୟନ୍ତ ଅମାନୁଷିକ ଭାବେ ହତ୍ୟା କରାଯାଉଛି। ବର୍ବରତାର ସୀମା ଟପିଗଲାଣି। ୧୯୭୧ ଜାନୁୟାରୀ ୧୪ ତାରିଖରେ ପାକିସ୍ଥାନ କବଜାରୁ ପୂର୍ବବଂଗ ମୁକ୍ତିପାଇଁ ଜନ୍ମନେଲା ନୂତନ ବଂଗଳାଦେଶ। ଜଣେ ଭାରତୀୟ ସାମ୍ବାଦିକ ଭାବେ 'ସମାଜ'ର ପ୍ରତିନିଧିତ୍ୱ କରି ବଂଗଳାଦେଶ ଯାଇ ୨୭ଦିନ ବିଭିନ୍ନ ସ୍ଥାନ ପରିଭ୍ରମଣ, ବଂଗଳାଦେଶ ଜାତିରପିତା ଶେଖ୍ ମଜବୁର ରହମନଙ୍କ ସହ ସାକ୍ଷାତ ଆଲୋଚନା, ବିଭତ୍ସ ଗଣହତ୍ୟାର ବିବରଣୀ ଓ ସେସବୁ ସ୍ଥାନ ପରିଦର୍ଶନକରି ସମ୍ବାଦ ପ୍ରେରଣ କରିଛି। ଏଇ ୫୨ବର୍ଷ ମଧ୍ୟରେ କେତେ ନଦୀରେ କେତେ ଜଳ ବୋହିଗଲାଣି, କେତେ ଯେ ମୌସୁମୀବାୟୁ ପ୍ରବାହିତ ହୋଇଗଲାଣି, ଦେଶେଦେଶେ କେତେଯେ ନିରୀହ ମଣିଷ ମାଲିକ, ଖଣ୍ଡଯୁଦ୍ଧର ଯଜ୍ଞବେଦୀରେ ବଳିପଡିଗଲେଣି, ତା'ର ମୂକସାକ୍ଷୀ କେବଳ ଇତିହାସ। ଅନୁଧ୍ୟାନ କରିଛି – ଆମେରିକା-ଭିଏତ୍‌ନାମର ୨୩ବର୍ଷ ଯୁଦ୍ଧ, ଏବେ ଦେଖୁଛି ରୁଷ-ୟୁକ୍ରେନ୍ ଯୁଦ୍ଧ, ପାଲେଷ୍ଟାଇନ୍-ଇସ୍ରାଏଲ ଜଘନ୍ୟ ମହାଯୁଦ୍ଧ ସାରାଜଗତ ଜଳୁଛି। ସଂପ୍ରତି ଯୁଦ୍ଧର କଳାବାଦଲ ସାରାଆକାଶକୁ ଆଚ୍ଛାଦିତ କଲାଣି। ମେଦିନୀ ଥରୁଛି। ଏ ପୃଥିବୀର ୪ ଭାଗରୁ ଭାଗେ ସ୍ଥଳ ପାଇଁ ଦେଶ ଦେଶ ମଧ୍ୟରେ କେତେଯେ ଯୁଦ୍ଧ ହୋଇଗଲାଣି, କେତେ ଯେ ଧନସଂପତ୍ତି ଜୀବନ ନଷ୍ଟ ହେଲାଣି ତା'ର ହିସାବ କରିବା କଷ୍ଟକର। ପ୍ରଥମ ଓ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ସାରାବିଶ୍ୱ ଦୁଇଭାଗରେ ବିଭକ୍ତ ହୋଇଯାଇଥିଲା। ଏବେ ମଧ୍ୟ ରୁଷ-ୟୁକ୍ରେନ୍, ଇସ୍ରାଏଲ-ପାଲେଷ୍ଟାଇନ୍ ଯୁଦ୍ଧରେ ବିଶ୍ୱର ବିଭିନ୍ନ ଦେଶ ପକ୍ଷଭୁକ୍ତ ହେବାରେ ଲାଗିଛନ୍ତି। ୨୦୨୩ ଶେଷବେଳକୁ ଦେଶେଦେଶେ ଯୁଦ୍ଧ ଲାଗିଯାଇପାରେ। ୨୦୨୪ରେ ପୃଥିବୀ ଧ୍ୱଂସଆଡକୁ ଅଗ୍ରସର ହେବାକୁ ଯାଉଛି। ପ୍ରାକୃତିକ-ମନୁଷ୍ୟକୃତ ବିପଦ ଏକାକାର ହୋଇଗଲାଣି। ଯୁଦ୍ଧଯୋଗୁ ଜଗତରେ ଜଘନ୍ୟ ଘଟଣାମାନ ଘଟିଚାଲିଛି। ଏ ଘୋର କଳିକାଳରେ କେବଳ ଯୁଦ୍ଧ ନୁହେଁ – ମହାମାରୀ ମଧ୍ୟ ମାଡିଆସୁଛି। ଯୁଦ୍ଧ, ଭୋକ-ରୋଗରେ ସାରାସଂସାର ଜୀବଜଗତ ଛଟପଟ ହେଉଛନ୍ତି। ନାରୀ, ଜମି, ଧର୍ମ ପାଇଁ ଯୁଦ୍ଧ। ଏବେକାର ଯୁଦ୍ଧ ଜମି ଅର୍ଥାତ୍ ଦେଶ ଦଖଲ, ଧର୍ମ-ଧର୍ମ ମଧ୍ୟରେ ଯୁଦ୍ଧ। ପୃଥିବୀର ୪ଟି ଦେଶ ବର୍ତ୍ତମାନ ଭୟଙ୍କର ବିପତ୍ତି ସୃଷ୍ଟି କରୁଛନ୍ତି। ରୁଷ୍, ଚୀନ୍, ଆମେରିକା, ଇସ୍ରାଏଲ୍ ନେତୃବର୍ଗ ପାଗଳ ଭଳି ଆଚରଣ କରି ସମଗ୍ର ବିଶ୍ୱକୁ ଧ୍ୱଂସଆଡକୁ ଟାଣିନେଉଛନ୍ତି। ଯୁଦ୍ଧର ଐତିହାସିକ ପୃଷ୍ଠଭୂମି ଉପରେ ନଜର ପକାନ୍ତୁ। ପ୍ରଥମ ବିଶ୍ୱଯୁଦ୍ଧରେ ଓଟୋମାନ୍ ସାମ୍ରାଜ୍ୟ ପରାଜିତ ହେବାପରେ ପାଲେଷ୍ଟାଇନ୍ ଉପରେ ବ୍ରିଟେନ୍‌ର ଆଧିପତ୍ୟ ବୃଦ୍ଧି ପାଇଲା। ସେତେବେଳେ ପାଲେଷ୍ଟାଇନ୍‌ରେ ସଂଖ୍ୟାଲଘୁ ଇହୁଦି ଓ ସଂଖ୍ୟାବହୁଳ ଆରବୀୟ ବସବାସ କରୁଥିଲେ। ଆନ୍ତର୍ଜାତିକ ସମୁଦାୟ ବ୍ରିଟେନ୍‌କୁ ପାଲେଷ୍ଟାଇନ୍‌ରେ ଏକ ଇହୁଦି ରାଜ୍ୟ ଗଠନ ଦାୟିତ୍ୱ ଦେଲେ। ପାଲେଷ୍ଟିନୀୟ ନିଜ ଦେଶରେ ଇହୁଦିଙ୍କୁ ଜାଗା ଦେବାକୁ ଚାହୁଁ ନଥିବାରୁ ଦୁଇ ସମ୍ପ୍ରଦାୟ ମଧ୍ୟରେ ଯେଉଁ ବିବାଦ ସୃଷ୍ଟି ହୋଇଥିଲା ତାହା ବର୍ତ୍ତମାନର ରୂପ ନେଇଛି। ସୂଚନାଯୋଗ୍ୟ ଯେ ୧୯୨୦ ଓ ୧୯୪୦ ଦଶକରେ ପାଲେଷ୍ଟାଇନ୍‌ରେ ଇହୁଦି ଶରଣାର୍ଥୀଙ୍କ ସଂଖ୍ୟା ବୃଦ୍ଧି ପାଇଥିଲା। ସେମାନେ ନିଜ ପାଇଁ ଏକ ଜାଗା ବା ରାଜ୍ୟ ଖୋଜୁଥିଲେ। ୧୯୪୭ରେ ଜାତିସଂଘ ପାଲେଷ୍ଟାଇନ୍‌କୁ ବିଭାଜନ କରି ସ୍ୱତନ୍ତ୍ର ଇହୁଦି ଓ ଆରବ ରାଷ୍ଟ୍ର ଗଠନ ଓ ଜେରୁଜେଲମକୁ ଆନ୍ତର୍ଜାତିକ ପ୍ରଶାସନ ଅଧୀନରେ ରଖିବାକୁ ପ୍ରସ୍ତାବ ଥିଲା। ଇହୁଦିମାନେ ଏଥିରେ ଖୁସି ହୋଇଥିଲେ; କିନ୍ତୁ ଆରବୀୟ ରାଗିଯାଇଥିଲେ। ବହୁକାଳରୁ ଆରବଙ୍କ ଅତ୍ୟାଚାରରେ ନିଜ ଭିଟାମାଟି ହରାଇ ବିଶ୍ୱର ବିଭିନ୍ନସ୍ଥାନରେ ଆଶ୍ରୟ ନେଇଥିବା ଇହୁଦିମାନେ ନିଜର ଏକ ରାଜ୍ୟ ପାଇବାପରେ ସେଠାକୁ ଫେରିଲେ ଓ କ୍ରମଶଃ ନିଜର ଶକ୍ତି ବୃଦ୍ଧିକଲେ। ୨ୟ ବିଶ୍ୱଯୁଦ୍ଧପରେ ସମଗ୍ର ବିଶ୍ୱରେ ଶୀତଳଯୁଦ୍ଧ ଲାଗିରହିଛି। ଆମେରିକା-ଭିଏତନାମ୍ ଯୁଦ୍ଧ, ତୁର୍କୀ-ସିରିଆ ଯୁଦ୍ଧ, ଚୀନ୍-ଭାରତ ଯୁଦ୍ଧ, ପାକିସ୍ତାନ-ଭାରତ ଏବେ ରୁଷ-ୟୁକ୍ରେନ୍ - ସଂପ୍ରତି ପାଲେଷ୍ଟାଇନ୍-ଇସ୍ରାଏଲ୍ ଯୁଦ୍ଧ ପ୍ରମୁଖ ଭାବେ ଦେଖାଦେଇଛି। ଲେବାନନ୍‌ର ଲଢୁଆ ଗୋଷ୍ଠୀ ହିଜିବୁଲ୍ଲାହା ଯୁଦ୍ଧକ୍ଷେତ୍ରରେ। ଇରାନ୍-ସିରିଆ ସହାୟତା ଯୋଗାଇ ଦେଉଛନ୍ତି। ପାଲେଷ୍ଟାଇନ୍ ହମାସ୍ ଆକ୍ରମଣକୁ ଇରାନ୍-ରୁଷ୍-ଚୀନ୍ ସମସ୍ତ ମଦଦ୍ ଯୋଗାଇ ଦେଉଛନ୍ତି। ଯୁଦ୍ଧଭୂମିରେ ବିଶେଷକରି ଇସ୍ରାଏଲ୍-ପାଲେଷ୍ଟାଇନ୍ ରାସ୍ତାରେ କୁଢକୁଢ ଶବର ପାହାଡ। ମଧ୍ୟପ୍ରାଚ୍ୟ ଯୁଦ୍ଧଯୋଗୁ ତୈଳ ସଂକଟ ଦେଖାଯିବ। ଇରାନ୍ ତୈଳ ସମ୍ପଦରେ ବଳିଆନ୍। ସେଠାରୁ ତୈଳ ନଆସିଲେ ଡିଜେଲ୍-ପେଟ୍ରୋଲ୍ ଦାମ୍ ବଢିଯିବ। ଏହା ବିଶ୍ୱସଂକଟରେ ପରିଣତ ହେବ। କଳିଯୁଗରେ ଭୂମି ଓ ଧର୍ମ ପାଇଁ କେତେଯେ ଯୁଦ୍ଧ ଲାଗି ଧନସଂପତ୍ତି ଜୀବନ ଛାରଖାର୍ କରିଦେଲେଣି। ଆଜି ଜମି ଖଣ୍ଡକ ପାଇଁ ଗାଁରେ ଭାଇଭାଇ ମଧ୍ୟରେ ଲଢେଇ, ଦେଶଦେଶ ମଧ୍ୟରେ ଯୁଦ୍ଧ ଲାଗିରହିଛି। ଏଇ ବିଶ୍ୱରେ ବିଭିନ୍ନ ଧର୍ମାବଲମ୍ବୀ ପ୍ରାୟ ସବୁଦେଶରେ ମିଳିମିଶ ବାସ କରୁଛନ୍ତି। ଖ୍ରୀଷ୍ଟିଆନ୍, ମୁସଲିମ୍, ହିନ୍ଦୁ, ଇହୁଦି, ଜିଉ, ବୌଦ୍ଧ, ଜୈନ ପ୍ରମୁଖ ଧର୍ମ ଏବଂ ସେମାନଙ୍କର ପ୍ରାର୍ଥନା ପାଇଁ ଗୀର୍ଜା, ମସଜିଦ୍, ଚର୍ଚ୍ଚ, ମନ୍ଦିର ଗଢିଉଠିଛି। ଯାହାଫଳରେ ଏଇ ଜମି, ସଂପତ୍ତି, ଧର୍ମକୁ ନେଇ ଅହରହ ଯୁଦ୍ଧ ଲାଗିଚାଲିଛି। ଇସ୍ରାଏଲ-ପାଲେଷ୍ଟାଇନ୍ ଯୁଦ୍ଧରେ ବିଶ୍ୱ ଦୁଇଭାଗ ହୋଇଗଲାଣି। ଇସ୍ରାଏଲ ପକ୍ଷରେ ଭାରତ, ଆମେରିକା, ବ୍ରିଟେନ୍, ଅଷ୍ଟ୍ରେଲିଆ, ଫ୍ରାନ୍ସ, ପୋଲାଣ୍ଡ, କାନାଡା, ସ୍ପେନ୍, ଜର୍ମାନୀ, ୟୁରୋପୀୟ ଦେଶ ସମୂହ ଏବଂ ପାଲେଷ୍ଟାଇନ୍ ପକ୍ଷରେ ଆରବ ଲିଗ୍‌ର ୨୨ଟି ଦେଶ ଇରାକ, ଇରାନ, ଅଲଜେରିଆ, ଲେବାନନ୍, ଲିବ୍ୟା, ମରକ୍କୋ, କତାର, ସାଉଦିଆରବ, ୟୁଏଇ, ସୋମାଲିଆ, ସୁଦାନ, ଟୁନିସିଆ, ଜିବୁତି, ୟେମେନ୍ ଦକ୍ଷିଣଆଫ୍ରିକା, ରୁଷ, ଚୀନ୍, ଉତ୍ତରକୋରିଆ ଆଦି ଦେଶ ଅଛନ୍ତି। ଏହି ଯୁଦ୍ଧରେ ସମଗ୍ର ବିଶ୍ୱରେ ଗୁଇନ୍ଦା ଏଜେନ୍ସି ବିଫଳ ହୋଇଛି। ଇସ୍ରାଏଲ, ଆମେରିକା ଗୁଇନ୍ଦାସଂସ୍ଥା ଜାଣିପାରିଲାନାହିଁ। ଇସ୍ରାଏଲ-ପାଲେଷ୍ଟାଇନ୍ ଯୁଦ୍ଧରେ କିଏ ଜିତିବ, କିଏ ହାରିବ – ତାହା ଇତିହାସ କହିବ, କିନ୍ତୁ ଇରାନ୍‌ର ବୁଦ୍ଧି ସାରା ବିଶ୍ୱକୁ ଟପିଗଲା। ସମଗ୍ର ବିଶ୍ୱ ବର୍ତ୍ତମାନ ଯୁଦ୍ଧମୁହାଁ। ଯେଉଁମାନଙ୍କ ପାଖରେ ପରମାଣୁବୋମା ଅଛି ସେମାନେ ଯଦି ରାଗରେ ବଟନ୍ ଦବେଇଦିଅନ୍ତି – ତା'ହେଲେ ସମଗ୍ର ବିଶ୍ୱରେ ଘୋର ବିପର୍ଯ୍ୟୟ ଘଟିବ। ବିଶ୍ୱଧ୍ୱଂସର କାରଣ ହେବ। ଆମର ଏ ବିଶ୍ୱ ଏବେ ଏକ ବିୟୋଗାତ୍ମକ ବିଶ୍ୱ – ଯାହା ଦିନଦିନ, ମାସମାସ, ମସିହାମସିହା ଧରି ଲଗାତାର୍ ଲହୁଲୁହାଣ, ମଣିଷମରା ଯୁଦ୍ଧ-ମହାଯୁଦ୍ଧର ଜଘନ୍ୟତମ ହିଂସ୍ରହୁଂକାରମୟ ଅବଦାନ – ଏ ମୁମୂର୍ଷୁ ମଣିଷଜାତିକୁ ଯୋଜନାବଦ୍ଧ ଏ ବର୍ବର ଯୁଦ୍ଧପର୍ବର ଧୂସର ଦସ୍ତାବିଜ୍ ତିଆରି କରିଛି ସେହି ଅତନ୍ଦ୍ର ଅମାନୁଷିକ ଦର୍ଶନ – ଯାହାର ପାପପ୍ରେରଣାରେ କରୋନାର କୃତାନ୍ତକାଳ କବଳିତ କଲା ଆମର ଏ ଫୁଲଫସଲର ଦରଫୁଟା ପୃଥିବୀଗ୍ରହକୁ, ଖେଳନା କଲା ବିଜ୍ଞାନକୁ – ପୃଥିବୀକୁ ଖତମ୍ କରିବାକୁ କସମ୍ ଖାଇଥିବା ଗୋଟାଏ ଖଳନାୟକ ସଜାଇ, ବଟକରା କଲା ମଣିଷର ବୁଦ୍ଧି ବିଦ୍ୟା ବିତ୍ତକୁ ମୁନାଫାର ମହାମାରୀ ଚକ୍ର ଚାଳନାକାରୀମାନଙ୍କ ପଲାରେ! ରାଜନୀତି-ଅର୍ଥନୀତି-ସମାଜନୀତିକୁ ପଙ୍ଗୁକରି ବ୍ୟକ୍ତିବାଦର ଏକ ବିଘ୍ନାତକାରୀ ବ୍ୟଭିଚାରୀ ବିକୃତ ବିଳାସୀ ବଣିକତନ୍ତ୍ର ନିଜ ମୁଣାଗୁଡାକରେ ମାଣିକ ଭରିବାପାଇଁ ଆମ ସୁନାକୁ ଭେଣ୍ଡି କଲା ଆଉ ତମାମ୍ ମଣିଷର ମଇଦାନରେ ଖେଳାଇ ଦେଲା ଘୃଣା, ସଂଶୟ, ସଂକଟର ବିକଟ ଜୀବାଣୁପୁଂଜ – ପରସ୍ପର ପ୍ରତି! ଯୋଜନାବଦ୍ଧ ଏପରି ଅଭାବନୀୟ ଅବିଶ୍ୱାସ ଯୁଦ୍ଧମହାଯୁଦ୍ଧର ଭିତ୍ତିପ୍ରସ୍ତର ସ୍ଥାପକବର୍ଗ ସମ୍ବନ୍ଧରେ ଏହା ଏକ ଚରମ ସତର୍କବାଣୀ : ସଇତାନ୍ ସାବଧାନ୍! କୋଉ ଭଗବାନ କେଉଁ ଦେଶରେ ଅଛନ୍ତି – ଏ ଜଘନ୍ୟ କାଣ୍ଡକୁ ଦେଖି ପ୍ରତିକାର କରିବେ? କୌଣସି ଦେଶର କୌଣସି ସ୍ଥାନ ବର୍ତ୍ତମାନ ସୁରକ୍ଷିତ ନୁହେଁ। ହଜାର ହଜାର ବର୍ଷ ଧରି ଜାତି-ଜାତି ମଧ୍ୟରେ ପ୍ରଚଳିତ ସାଂସ୍କୃତିକ ବୈଚିତ୍ର୍ୟ ସଂପନ୍ନ ନାନା ଭେଦବୈଷମ୍ୟ ବଳବତ୍ତର ରହିଆସିଥିବା ସତ୍ତ୍ୱେ ବିଶ୍ୱ ସଭ୍ୟତାର ଗତି ଥିଲା ଅବାଧ, ଅବ୍ୟାହତ, ଏପରିକି ପ୍ରଚୁର ପ୍ରତିକୂଳତା ସତ୍ତ୍ୱେ ସ୍ୱାଭାବିକ ମଧ୍ୟ। ଆଜି କିନ୍ତୁ ସେ ଜାତିସଂସ୍କୃତି ରୀତିଗତ ବୈଚିତ୍ର୍ୟକୁ 'ଶତ୍ରୁ' ବୋଲି ଚିହ୍ନଟକରି ପ୍ରଚଣ୍ଡ ହିଂସ୍ରତାର ବିଷବାର୍ତ୍ତା ପ୍ରଚାର କରାଯାଉଛି। ଫୁଲପତ୍ରର ଏଇ ପୃଥିବୀରେ ପ୍ରତିହିଂସା ନିଜ ବିଷବୃକ୍ଷର କଣ୍ଟା ବିଛାଇ କେତେ ଯେ ଅଘଟଣ ଘଟାଇଯାଇଛି – କେବଳ ଇତିହାସ ତା'ର ହିଁ ମୂକସାକ୍ଷୀ। ସବୁଠି କ୍ଷମତା ଓ ସଂପତ୍ତି ଲୋଭରେ ରକ୍ତପାତ। ଏବେ ମଧ୍ୟପ୍ରାଚ୍ୟରେ ରକ୍ତଯୁଦ୍ଧ ଜଘନ୍ୟ ଆଡକୁ ଗତିକରିଛି। ମଣିଷପଣର ମଶାଣିପଦାରେ ପରିଣତ ହୋଇଗଲାଣି। ଏହି ନିଷ୍ଠୁରତା ବନ୍ଦ କରିବାକୁ ବିଶ୍ୱବାସୀ ଆଗେଇ ଆସନ୍ତୁ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy    E-mail : sambadkalikanews@gmail.com    City Office : Qtr No.-4R-12, Unit-IX (Flat), Bhubaneswar, Pin-751022    ସମ୍ପାଦକ : ଜୟାଶୀଷ ରାୟ




# ଅଗ୍ନିବର୍ଷା: ୧୦ଟା ପରେ ରାଜରାସ୍ତା ଜନଶୂନ୍ୟ

**ରାଇଘର, ନ୍ୟୁଜ୍ ବ୍ୟୁରୋ**

ନବରଙ୍ଗପୁର ଜିଲ୍ଲାର ରାଇଘର ସହର ସମେତ ସାରା ଜିଲ୍ଲାରେ ଅସହ୍ୟ ତାତି ସାଙ୍ଗକୁ ଗୁଳୁଗୁଳି ଅନୁଭୂତ ହେଉଥିବା ବେଳେ ଜନଜୀବନ ଅସ୍ତବ୍ୟସ୍ତ ହୋଇଛି । ରାଇଘର ସହରରେ ତାପମାତ୍ରା ଗତ କିଛିଦିନ ଧରି ୪୨ରୁ ୪୩ ଡିଗ୍ରୀ ରହୁଛି । ସକାଳ ୧୦ଟା ପରେ ରାଇଘର ସହରର ରାସ୍ତାଘାଟ ଶୂନ୍‌ଶାନ୍ ହୋଇଯାଉଛି । ଅପରାହ୍ନ ୫ଟା ପରେ ଲୋକେ ଘରୁ ବାହାରକୁ ବାହାରୁଛନ୍ତି । ପ୍ରାୟ କିଛିଦିନ ହେବ ରାତିରେ ମଧ୍ୟ ଗୁଳୁଗୁଳି ଅନୁଭୂତ ହେଉଛି । କିନ୍ତୁ ତାତି କମିବାର ନାଁ ଧରୁନାହିଁ । ପ୍ରବଳ ଗ୍ରୀଷ୍ମଲହରୀ ଯୋଗୁଁ ରାଇଘର ସହର ଦିନ ୧୦ଟା ପରେ ଲୋକେ ବାହାରକୁ ବାହାରିପାରୁ ନାହାନ୍ତି । ଗ୍ରୀଷ୍ମ ପ୍ରବାହ ହେବା ସହ ମଝି ମଝିରେ ବିଦ୍ୟୁତ୍ କାଟ୍ ହେଉଥିବାରୁ ଲୋକେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଅନ୍ୟପକ୍ଷରେ ବିଭିନ୍ନ ସ୍ଥାନରେ ପଞ୍ଚାୟତ ପକ୍ଷରୁ ଜଳଛତ୍ର ଖୋଲାଯାଇଛି । ଗରମ ଓ ଗୁଳୁଗୁଳି ଯୋଗୁଁ ଦିନ ୧୦ଟା ପରେ ରାଇଘର ସହର ଏକ ପ୍ରକାର ଜନଶୂନ୍ୟ ହୋଇପଡୁଛି । ଲୋକେ ଘରୁ ବାହାରିବା କଷ୍ଟକର ହୋଇପଡ଼ିଛି । ଗ୍ରାମାଞ୍ଚଳର ଲୋକେ ଜରୁରୀ କାମ ଥିବା ଯୋଗୁଁ ପ୍ରବଳ ଖରାରେ ମଧ୍ୟ ସହରକୁ ଆସୁଥିବା ଲୋକ ବିଭିନ୍ନ ଦୋକାନ ବଜାରରେ ଆଶ୍ରୟ ନେବା ସହ ଥଣ୍ଡା ପାନୀୟ ଇତ୍ୟାଦି ଦୋକାନରେ ଭିଡ଼ ଜମାଉଛନ୍ତି । ଗ୍ରୀଷ୍ମ ପ୍ରବାହ ସମୟରେ ସାମାନ୍ୟ ରକ୍ଷା ପାଇବା ପାଇଁ ଛାଇ ଜାଗା ଦେଖି ଆଶ୍ରୟ ନେଉଛନ୍ତି । ପ୍ରଚଣ୍ଡ ଖରା ଯୋଗୁଁ ବସ୍ ଯାତ୍ରୀଙ୍କ ସଂଖ୍ୟା ମଧ୍ୟ ଯଥେଷ୍ଟ କମି ଯାଇଥିବା ଦେଖିବାକୁ ମିଳିଛି ।



# ନିର୍ବାଚନ ଫଳାଫଳକୁ ନେଇ ବାଲିଗୁଡ଼ାରେ ସଟ୍ଟା ଖେଳ ସକ୍ରିୟ

**ବାଲିଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

୧ ତାରିଖ ଦିନ ରାଜ୍ୟର ସମସ୍ତ ୪ଟି ପର୍ଯ୍ୟାୟ ନିର୍ବାଚନ ଶେଷ ହୋଇଛି । ଜୁନ୍ ୪ ତାରିଖ ଦିନ ଭୋଟ୍ ଗଣତି ହୋଇ ଫଳାଫଳ ପ୍ରକାଶ ପାଇବ । ମେ ୨୦ ତାରିଖ ଦିନ କନ୍ଧମାଳ ଲୋକସଭା ଅଧିନ ୭ଟି ବିଧାନସଭା ଆସନ ପାଇଁ ନିର୍ବାଚନ ଶେଷ ହୋଇ ପ୍ରାର୍ଥୀଙ୍କ ଭାଗ୍ୟ ସିଲ୍ ହୋଇ ରହିଛି । ଜୁନ୍ ୪ ତାରିଖ ପାଇଁ ଏବେ ରାଜନୈତିକ ଦଳ ଗୁଡ଼ିକ ସମେତ ସାଧାରଣରେ ଉତ୍ସାହ ଦେଖିବାକୁ ମିଳିଛି । ଫଳାଫଳ କାହା ସପକ୍ଷରେ ଯାଉଛି, କିଏ କେଉଁ ଆସନରୁ ଜିତିବ, କେତେ ସଂଖ୍ୟକ ଭୋଟ୍ ବ୍ୟବଧାନରେ ଜିତିବ ଏଥିନେଇ ଚର୍ଚ୍ଚା ବି ଆରମ୍ଭ ହୋଇଯାଇଛି । ଏହିକ୍ରମରେ କନ୍ଧମାଳ ଜିଲ୍ଲାର ଫୁଲବାଣୀ, ଜି. ଉଦୟଗିରି ଓ ବାଲିଗୁଡ଼ା ଆସନ ଉପରେ ସମସ୍ତଙ୍କ ନଜର କେନ୍ଦ୍ରୀଭୂତ ରହିଛି । ଫଳାଫଳକୁ ନେଇ ରାଜନୈତିକ ଉଷ୍ମତା ଆରମ୍ଭ ହୋଇଯାଇଥିବା ବେଳେ ଫଳାଫଳକୁ ନେଇ ସଟ୍ଟାବଜାର ବି ସକ୍ରିୟ ହୋଇଉଠିଛି । ନିର୍ବାଚନର ଫଳାଫଳକୁ ସଟ୍ଟାବଜାରରେ ଅନେକ ନେତା, କୁଜିନେତା ଭଳି ବିଭିନ୍ନ ଜନସାଧାରଣ ବାଜି ଲଗାଇଥିବା ସୂଚନା ମିଳିଛି । ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନରେ କନ୍ଧମାଳ ଲୋକସଭା ସମେତ ୭ଟି ବିଧାନସଭା ଆସନରେ କଡ଼ା ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳିଥିଲା । ଲୋକସଭା ଓ ବିଧାନସଭା ପାଇଁ ବିଜେପି, ବିଜେଡି ଓ କଂଗ୍ରେସ ଦଳ ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ହୋଇଥିବାବେଳେ ଜନମତ କାହା ସପକ୍ଷରେ ଯିବ ତାହା କହିବା ମୁସ୍କିଲ । ହେଲେ ଏହି ତିନି ପ୍ରମୁଖ ଦଳର ସମର୍ଥକ ମାନେ ଜୁନ୍ ୪ରେ ସେମାନଙ୍କ ପ୍ରାର୍ଥୀ ବିଜୟ ଲାଭ କରିବେ ବୋଲି ସଟ୍ଟା ଲଗାଇଛନ୍ତି । ଏପରିକି ବିପକ୍ଷ ଦଳର ସମର୍ଥକଙ୍କ ସହ ମଧ୍ୟ ଫଳାଫଳକୁ ନେଇ ମୋଟା ଅଙ୍କର ସଟ୍ଟା ଲାଗିଥିବା ଜଣାପଡ଼ିଛି । ୫୦୦ ଟଙ୍କାରୁ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସଟ୍ଟା ଲାଗିଛି । କେହି କେହି ସେମାନଙ୍କ ସମର୍ଥିତ ପ୍ରାର୍ଥୀ ଯଦି ହାରିଗଲେ ମୁଣ୍ଡନ ହେବା ସହ ବଡ଼ ବଡ଼ ହୋଟେଲରେ ଖାଇବାକୁ ଦେବେ ବୋଲି ମଧ୍ୟ ଚ୍ୟାଲେଞ୍ଜ କରିଛନ୍ତି । ସେହିପରି ବାଲିଗୁଡା ବିଧାନସଭା କ୍ଷେତ୍ରରେ ମଧ୍ୟ ବିଜେଡି, ବିଜେପି ଓ କଂଗ୍ରେସ ମଧ୍ୟରେ ସିଧାସଳଖ ଫାଇଟ୍ ହୋଇଥିବାବେଳେ ଏହାର ଫଳାଫଳକୁ ନେଇ ମଧ୍ୟ ସଟ୍ଟା ବଜାର ସରଗରମ ରହିଛି । ସଟ୍ଟା ବଜାର ଯେଉଁପରି ଭାବେ ସରଗରମ ହେଉଛି ଫଳାଫଳ ପ୍ରକୃତରେ କାହା ସପକ୍ଷରେ ଯିବ ତାହା ଆକଳନ କରିବା ବହୁ କଷ୍ଟକର ହୋଇପଡ଼ିଛି । ଜୁନ୍ ୪ ତାରିଖ ଦିନ ହିଁ ଫଳାଫଳର ସ୍ପଷ୍ଟ ଚିତ୍ର ମିଳିବ ।

# ହିନ୍ଦୀ ସାମ୍ବାଦିକତା ଦିବସର ଶୁଭେଚ୍ଛା ଜଣାଇଲେ ଧର୍ମେନ୍ଦ୍ର

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ହିନ୍ଦୀ ସାମ୍ବାଦିକତା ଦିବସର ଶୁଭେଚ୍ଛା ଜଣାଇଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ସୋସିଆଲ ମିଡିଆ ଏକ୍ସରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ହିନ୍ଦୀ ସାମ୍ବାଦିକତା ଦିବସ ଅବସରରେ ସମସ୍ତ ସାମ୍ବାଦିକ ବନ୍ଧୁମାନଙ୍କୁ ହାର୍ଦ୍ଦିକ ଶୁଭକାମନା । ଏହି ଦିନ ସେହି ସମସ୍ତ ସାମ୍ବାଦିକଙ୍କୁ ସମର୍ପିତ ଅଟେ, ଯେଉଁମାନେ ନିଜର ନିର୍ଭୀକ ଓ ନିରପେକ୍ଷ ସାମ୍ବାଦିକତାରେ ସମାଜକୁ ସଚେତନ କରିବାର କାମ କରୁଛନ୍ତି । ହିନ୍ଦୀ ସାମ୍ବାଦିକତାକୁ ଆଗକୁ ବଢାଇବା ଏବଂ ସୁଦୃଢତା ପ୍ରଦାନ କରୁଥିବା ସମସ୍ତ ଲୋକଙ୍କୁ ଅଭିନନ୍ଦନ ।

# ଜିଲ୍ଲା କୋଟିଆ ଆଦିବାସୀ ସମାଜ କମିଟି ପୁନର୍ଗଠନ

**ମାଲକାନଗିରି, ନ୍ୟୁଜ୍ ବ୍ୟୁରୋ**

ମାଲକାନଗିରି ଜିଲ୍ଲା କୋଟିଆ ଆଦିବାସୀ ସମାଜ ବିକାଶ ପରିଷଦ, ମାଲକାନଗିରି ତରଫରୁ ଗୁରୁବାର ଦିନ ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଗତ ବଡ଼ପଡ଼ା ଗ୍ରାମ ପଞ୍ଚାୟତରେ କୋଟିଆ ସମ୍ପ୍ରଦାୟର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଉକ୍ତ ବୈଠକରେ ମାଲକାନଗିରି ଜିଲ୍ଲାରେ ବସବାସ କରୁଥିବା ସମସ୍ତ କୋଟିଆ ସମ୍ପ୍ରଦାୟ ପ୍ରତ୍ୟେକ ପରିବାରରୁ ଜଣେ ଲୋକ ଉପସ୍ଥିତ ଥିଲେ । ବୈଠକରେ ପୁରୁଣା କମିଟି ଭଙ୍ଗ କରାଯାଇ ୨୩ ଜଣିଆ ଏକ ନୂତନ କମିଟି ଗଠନ କରାଗଲା । କମିଟିରେ ସଭାପତି ଭାବରେ କମୁଲୁ ହନ୍ତାଳଙ୍କୁ ସର୍ବସମ୍ମତି କ୍ରମେ ପ୍ରସ୍ତାବ ପାରିତ ହୋଇଥିଲା । ସେହିପରି ଉପସଭାପତି ଭାବରେ ସଦନ ଖରା, ଆଦୁ ଖରା, ସାଧାରଣ ସମ୍ପାଦକ ରାମଚନ୍ଦ୍ର ଗାଲେଲ, ଯୁଗ୍ମ ସମ୍ପାଦକ ଫୁଲଧର ପୂଜାରୀ, ସାଂଗଠନିକ ସମ୍ପାଦକ ସନ୍ୟାସୀ ଖିଲ, ଗୋପୀନାଥ ଖରା, କୋଷାଧ୍ୟକ୍ଷ କୃଷ୍ଣ ଖରା, କାର୍ଯ୍ୟନିର୍ବାହୀ ସଦସ୍ୟ/ସଦସ୍ୟା ଦହନା ତାଙ୍ଗୁଲୁ ରାମଚନ୍ଦ୍ର ଖରା, ରଘୁରାମ ଗୋଲାରୀ, ପୁରୁଷତି ଖରା, ପାର୍ବତୀ ଶୁକ୍ରୀ, ଜଗଦିଶ ତାମର୍ବୀ, ଲବ କୁର୍ତାଡ଼ି, ସାରଥୀ ଗୁଣ୍ଡା, ବୁଦ୍ରୀ ପାଙ୍ଗି, ମାଲତୀ ପାଙ୍ଗି, ଭାନୁମତି ହନ୍ତାଳ ଓ ଗୁପ୍ତ ଗଲେଲ । ଉପଦେଷ୍ଟା ଭାବରେ ଟିବୁରାମ ତାଙ୍ଗୁଲୁ, ଲବ ପୂଜାରୀ ଓ ଡାଳବନ୍ଧୁ ପାଙ୍ଗିଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରାଗଲା । ନୂତନ କମିଟିର ଶପଥ ଗ୍ରହଣ ଉତ୍ସବ ଆସନ୍ତା ବୁଧବାର ଦିନ ବଡ଼ପଡ଼ା ଠାରେ ହେବ ବୋଲି ନୂତନ ସଭାପତି ଘୋଷଣା କରିବା ସହିତ ନିଜ କୋଟିଆ ସମ୍ପ୍ରଦାୟର ପରମ୍ପରା, ସଂସ୍କୃତି, ରୀତି ନୀତି କିଭଳି ବଜାୟ ରହିବ, କୋଟିଆ ସମ୍ପ୍ରଦାୟ କିଭଳି ଏକ୍‌ଜୁଟ୍ ହେବେ, ସେମାନେ ନିଜ ଅଧିକାର କେମିତି ପାଇପାରିବେ ସେ ଦିଗରେ କାର୍ଯ୍ୟ କରିବେ ବୋଲି ମତ ପ୍ରକାଶ କରିଥିଲେ । ଏହାପରେ ଗଙ୍ଗାଧର ଖରା ସମସ୍ତଙ୍କୁ ଧନ୍ୟବାଦ ଦେଇ ସଭା ସାଙ୍ଗ କରିଥିଲେ ।

# ବଲାଙ୍ଗୀର ଜିଲ୍ଲାରେ ଭୋଟ୍ ଗଣତି ପାଇଁ ଅଧିକାରୀଙ୍କ ତାଲିମ

**ବଲାଙ୍ଗୀର, ନ୍ୟୁଜ୍ ବ୍ୟୁରୋ**

ଚଳିତ ଏକକାଳୀନ ସାଧାରଣ ନିର୍ବାଚନରେ ସମସ୍ତ ଆଶାୟୀ ଲୋକସଭା ଓ ବିଧାନସଭା ପ୍ରାର୍ଥୀଙ୍କ ପାଇଁ ଭୋଟଗ୍ରହଣ ୨୦ ମଇରେ ହୋଇଥିବାବେଳେ ଆସନ୍ତା ଜୁନ୍ ୪ରେ ହେବାକୁ ଥିବା ଭୋଟ୍‌ଗଣତି ପାଇଁ ଜିଲ୍ଲା ନିର୍ବାଚନ କାର୍ଯ୍ୟାଳୟ ତରଫରୁ ଅଧିକାରୀଙ୍କ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ବଲାଙ୍ଗୀର ସହର ସ୍ଥିତ ସରକାରୀ ମହିଳା ମହାବିଦ୍ୟାଳୟରେ ସମସ୍ତ ଭୋଟ୍ ଗଣତି କେନ୍ଦ୍ର ପାଇଁ ଏହି ତାଲିମ ଶିବିର ଅନୁଷ୍ଠିତ ହୋଇଛି । ଉଭୟ ଲୋକସଭା ଓ ବିଧାନସଭା ଭୋଟ୍ ଗଣନା ନିମନ୍ତେ ଅଣୁପର୍ଯ୍ୟବେକ୍ଷକ, କାଉଣ୍ଟିଂ ସୁପରଭାଇଜର ଏବଂ ଆସିଷ୍ଟାଣ୍ଟମାନଙ୍କୁ ନେଇ କାଉଣ୍ଟିଂ ଦଳଗୁଡ଼ିକୁ ଗଠନ ହୋଇଛି । ଭୋଟ୍ ଗଣନା ସହ ଇଭିଏମ୍, ଭିଭିପାଟ, ଭୋଟର ସ୍ଲିପ୍ ଏବଂ ବ୍ୟବହାର ହୋଇନଥିବା ପୋଷ୍ଟାଲ ବାଲାଟଗୁଡ଼ିକୁ ସିଲ୍ କରିବା ପ୍ରଣାଳୀ ବାବଦରେ ତାଲିମ ଦିଆଯିବ । ସମସ୍ତ ରିଟର୍ଣ୍ଣିଂ ଅଧିକାରୀ ଦ୍ୱାରା କାଉଣ୍ଟିଂ ଦଳଗୁଡ଼ିକୁ ୨ ପର୍ଯ୍ୟାୟରେ ୨ ଦିନ ତାଲିମ ଦେବେ । ଏହି ତାଲିମ ୧୧ ଜଣ ମାଷ୍ଟର ଟ୍ରେନରଙ୍କ ଦ୍ୱାରା ୧୧ଟି କକ୍ଷରେ ଜିଲ୍ଲାର ବିଭିନ୍ନ ପଦାଧିକାରୀଙ୍କ ଦ୍ୱାରା ତାଲିମ ଦିଆଯାଉଛି । ପ୍ରଥମେ ପୋଷ୍ଟାଲ ବାଲାଟଗୁଡ଼ିକର ଗଣତି ହେବ । ପରେ ଇଭିଏମ୍‌ରେ ଭୋଟ୍ ଗଣନା କରାଯିବ । ଶେଷରେ ଭିଭିପାଟ ଚିର୍କୁଟ୍‌ଗୁଡ଼ିକ ଗଣନା ହେବ । ଏହି ପ୍ରକ୍ରିୟାରେ ପ୍ରାର୍ଥୀଙ୍କ ଏଜେଣ୍ଟ, ଅଣୁପର୍ଯ୍ୟବେକ୍ଷକ, କାଉଣ୍ଟିଂ ସୁପରଭାଇଜର ଏବଂ ସହାୟକ ଉପସ୍ଥିତି ରହିବେ । ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ନିଯୁକ୍ତ ଇଞ୍ଜିନିୟରମାନେ ମଧ୍ୟ ଗଣନାସ୍ଥଳରେ ରହିବେ । ଡେମୋ ତଥା ସଚେତନତା ଇଭିଏମ୍, ଭିଭିପାଟ ଦ୍ୱାରା ଶୃଙ୍ଖଳିତ ଗଣନା ପାଇଁ ତାଲିମ ଶିବିରରେ ସମସ୍ତ ଗଣନା କେନ୍ଦ୍ର ପାଇଁ ନିୟୋଜିତ ଅଧିକାରୀମାନେ ଉପସ୍ଥିତ ଥିଲେ । ପୋଷ୍ଟାଲ ବାଲାଟ ଗଣନା ଦଳରେ ପ୍ରତ୍ୟେକ ଟେବୁଲରେ ଜଣେ ଏଆରଓ, ଜଣେ ଅଣୁପର୍ଯ୍ୟବେକ୍ଷକ, ଜଣେ କାଉଣ୍ଟିଂ ସୁପରଭାଇଜର ଏବଂ ଦୁଇଜଣ ଆସିଷ୍ଟାଣ୍ଟ ଏବଂ ଇଭିଏମ୍ ଗଣନାରେ ଜଣେ ଅଣୁପର୍ଯ୍ୟବେକ୍ଷକ, ଜଣେ କାଉଣ୍ଟିଂ ସୁପରଭାଇଜର ଏବଂ ଜଣେ ଆସିଷ୍ଟାଣ୍ଟ ଏବଂ ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀ ରହିବେ । ସମସ୍ତ ଗଣନା କେନ୍ଦ୍ରରେ ସମୁଦାୟ ୧୩୨ଟି ଟେବୁଲରେ ଏବଂ ପୋଷ୍ଟାଲ ବାଲାଟ ପାଇଁ ୩୩ଟି ଟେବୁଲରେ ଭୋଟ୍‌ଗଣତି ହେବ । ଏଠି ନିମନ୍ତେ ୨୦୩ ଜଣ ଅଣୁପର୍ଯ୍ୟବେକ୍ଷକ, ୨୦୩ ଜଣ କାଉଣ୍ଟିଂ ସୁପରଭାଇଜର, ୧୬୧ ଜଣ କାଉଟିଂ ଆସିଷ୍ଟାଣ୍ଟ ଏବଂ ପୋଷ୍ଟାଲ ବାଲାଟ ଗଣତି ପାଇଁ ୮୪ ଜଣ ସମୁଦାୟ ୬୫୧ ଜଣ ନିଯୁକ୍ତ ହୋଇଛନ୍ତି ।

# ବିପଦପୂର୍ଣ୍ଣ ବିଦ୍ୟୁତ୍ ତାର ସ୍ଥାନାନ୍ତରଣ କରିବା ପାଇଁ ଦାବି

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୋନପୁର ସଦର ବ୍ଲକ ଖାରୀ ବିଦ୍ୟୁତ୍ ଗ୍ରୀଡ ଅନ୍ତର୍ଗତ ଖରଝୁରା ଗ୍ରାମପଞ୍ଚାୟତର ମହୁଲଖୁଣ୍ଟ ଗ୍ରାମର ଦୟାନନ୍ଦ ମେହେରଙ୍କ ଘର ଉପର ଦେଇ ବିପଦପୂର୍ଣ୍ଣ ୧୧ କେଭି କେବୁଲ ତାର ଟଣାଯାଇଛି । ଯାହାଫଳରେ ପରିବାରବର୍ଗ ଭୟଭୀତ ଅବସ୍ଥାରେ ବସବାସ କରୁଥିବା ଅଭିଯୋଗ କରିଛନ୍ତି । ଦୟାନନ୍ଦ ମେହେର ବିଦ୍ୟୁତ୍ ତାର ସ୍ଥାନାନ୍ତର କରିବା ପାଇଁ ଖାରୀ ବିଦ୍ୟୁତ୍ ବିଭାଗ ଅଧିକାରୀଙ୍କୁ ବାରମ୍ବାର ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ । କିଛି ବର୍ଷ ପୂର୍ବରୁ ଦୟାନନ୍ଦ ମେହେର ତାଙ୍କ ନିଜସ୍ୱ ଜମିରେ ଘର ନିର୍ମାଣ ପାଇଁ ମୂଳଦୁଆ ପକାଇଥିଲେ । କିନ୍ତୁ ପର ବିଦ୍ୟୁତ୍ ବିଭାଗର ମନମାନି କାର୍ଯ୍ୟକଳାପ ଯୋଗୁଁ ଘର ନିର୍ମାଣ ଜମି ଉପର ଦେଇ ବିଦ୍ୟୁତ୍ ତାରକୁ ନେଇଥିଲେ । ବର୍ତ୍ତମାନ ଘର ଉପରେ ବିଦ୍ୟୁତ୍ ତାର ଯାଇଥିବାରୁ ଘର ଛାତକୁ ଲାଗିଥିବା ବିଦ୍ୟୁତ୍ ଖୁଣ୍ଟରୁ ବିଭିନ୍ନ ସମୟରେ ସଟ୍ ସର୍କିଟ୍ ହୋଇ ନିଆଁ ବହାରୁଥିବାର ଦେଖାଯାଉଛି । ଯାହାଦ୍ୱାରା କାଳେ କୌଣସି ଦୁର୍ଘଟଣା ଘଟିଯିବ ବୋଲି ପରିବାର ବର୍ଗ ଭୟଭୀତ ଅବସ୍ଥାରେ ଦିନ କାଟୁଛନ୍ତି । ଏ ସମ୍ପର୍କରେ ଖାରୀ ବିଦ୍ୟୁତ୍ ବିଭାଗ ସହଯୋଗ କରିବା ଦିଗରେ ଆଦୌ ତତ୍ପର ନଥିବା ଅଭିଯୋଗ ହେଉଛି । ଜିଲ୍ଲା ପ୍ରଶାସନ ଓ ବିଦ୍ୟୁତ୍ ବିଭାଗ ଏଥିପ୍ରତି ଦୃଷ୍ଟି ଦେଲେ ଉକ୍ତ ପରିବାର ସ୍ୱାଭାବିକ ଭାବରେ ଜୀବନ ଅତିବାହିତ କରିପାରିବେ ବୋଲି ଅଞ୍ଚଳର ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି ।



# ନବରଙ୍ଗପୁରରେ ରାଷ୍ଟ୍ରୀୟ ସ୍ୱୟଂସେବକ ମଣ୍ଡଳ ତରଫରୁ ନାରଦ ଜନ୍ମଜୟନ୍ତୀ ପାଳିତ

**ନବରଙ୍ଗପୁର, ନ୍ୟୁଜ୍ ବ୍ୟୁରୋ**

ନବରଙ୍ଗପୁର ଜିଲ୍ଲା ବିଶ୍ୱ ସମ୍ବାଦ କେନ୍ଦ୍ର ଫରଫରୁ ସ୍ଥାନୀୟ ପ୍ରେସ୍ କ୍ଲବ ଠାରେ ପ୍ରଥମ ଥର ପାଇଁ ଦେବର୍ଷି ନାରଦ ଜନ୍ମ ଜୟନ୍ତୀ ପାଳନ କରାଯାଇଛି । ଏଥିରେ ମୁଖ୍ୟବକ୍ତା ଭାବରେ ‘ଡ଼: ବିପିନ ବିହାରୀ ମିଶ୍ର ଯୋଗ ଦେବାବେଳେ ମୁଖ୍ୟଅତିଥି ଭାବରେ ସ୍ଥାନୀୟ ବରିଷ୍ଠ ସାମ୍ବାଦିକ ବାଙ୍କ ବିହାରୀ ବିଶୋଇ, ମଞ୍ଚ ପରିଚାଳନା ବିକ୍ରମ ଜୈନ ଓ ବରିଷ୍ଠ ସାମ୍ବାଦିକ ଏ ସତୀଶ ସମ୍ମାନୀୟ ଅତିଥି ଭାବରେ ସଭା ଆରମ୍ଭରୁ ଦେବର୍ଷି ନାରଦଙ୍କର ଚିତ୍ରରେ ଧୂପ ଦୀପ ଦେଇ ବନ୍ଦନା ପୂର୍ବକ ସଭା କାର୍ଯ୍ୟ ଆରମ୍ଭ କରାଯାଇଥିଲା । ସଭାର ପ୍ରଥମରେ ଡ଼. ବିପିନ ବିହାରୀ ମିଶ୍ର, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର (କର୍ଯ୍ୟରତ ପ୍ରାନ୍ତ କୁଟୁମ୍ବ ପ୍ରବୋଧନ ପ୍ରମୁଖ ଭାବରେ) ନିଜ ମତରେ ସାମ୍ବାଦିକ ଓ ଦେବ ଋଷି ନାରଦଙ୍କର ସାମ୍ବାଦିକ ଭୂମିକା ଉପରେ ସମାନତା ଦେଖାଇ ସାମ୍ବାଦିକ ଭାଇ ମାନଙ୍କୁ ଉଚିତ୍ ନ୍ୟାୟ ଯୁକ୍ତ କର୍ମଜୀବୀ ହୋଇ ପ୍ରତି ସମ୍ବାଦକୁ ଜନମାନସକୁ ଆଣି ଦୈବୀ ସାମ୍ବାଦିକ ନାରଦାଙ୍କୁ ଆଜିର ସାମ୍ବାଦିକ ମାନଙ୍କୁ ମତବ୍ୟକ୍ତ ଦେଇ ପାର୍ଥକ୍ୟ ଦର୍ଶାଇଥିଲେ । ଦ୍ୱିତୀୟରେ ସାମ୍ବାଦିକ ବାଙ୍କ ବିହାରୀ ବିଶୋଇ ଦେବଦୂତ ନାରଦ ଜଣେ ମହାନ ଋଷି ରହିଥିବା ସହ ଜଣେ ଉନ୍ନତ ସାମ୍ବାଦିକ ଥିବା ସହ ସର୍ବ କୂଳେ ପୂଜିତ ନାରଦଙ୍କୁ ସାମ୍ବାଦିକ ମାନଙ୍କର ଗୁରୁ ରୂପେ ଦୃଷ୍ଟି ଦେଇଥିଲେ । ସାମ୍ବାଦିକ ପ୍ରଭଞ୍ଜନ ତ୍ରିପାଠୀ, ରାମ କିରଣ ପଟ୍ଟନାୟକ, ମହେଶ୍ୱର ବେହେରା, ରାମ ଚନ୍ଦ୍ର ଦଳେଇ ମାନଙ୍କ ସମ୍ବାଦ, ସାମ୍ବାଦିକ ଓ ନାରଦଙ୍କର ବିଭିନ୍ନ ଭାବନାକୁ ଦୃଷ୍ଟି ଦେବାବେଳେ, ସାମ୍ବାଦିକ ଧୀରେନ୍ଦ୍ର ପଟ୍ଟନାୟକ ଆଜିର ଡିଜିଟାଲ ମିଡିଆ ଓ ଇତିହାସିକ କାଳର ଡିଜିଟାଲ ବିଷୟରେ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ନବରଙ୍ଗପୁର ଜିଲ୍ଲାର ବିଭିନ୍ନ ଗଣମାଧ୍ୟମ ପ୍ରତିନିଧିମାନେ ଯୋଗଦେଇ ମହର୍ଷି ନାରଦଙ୍କର ଜନ୍ମ ଜୟନ୍ତୀକୁ ନେଇ ବିଭିନ୍ନ ଆଲୋଚନା କରିଥିବା ଦେଖାଦେଇଥିଲା । ସଭା ଶେଷରେ ଶ୍ରୀ ଜୈନ ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରିଥିଲେ ।

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ବରିଷ୍ଠ ସଂସ୍ଥା ଅଧିକାରୀ ନିରଞ୍ଜନ ପାଢୀଙ୍କ ସରକାରୀ ଚାକିରୀରୁ ଅବସର ଗ୍ରହଣ ଦୃଷ୍ଟିରୁ ଶ୍ରୀ ପାଢୀଙ୍କର ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ କଲେକ୍ଟୋରେଟ କଳଚରାଲ କ୍ଲବ ଠାରେ ମଇ ୩୧ ତାରିଖ ଶୁକ୍ରବାର ଦିନ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା ରାଜସ୍ୱ ଅମଲା ସଂଘର ଜିଲ୍ଲା ସଭାପତି ଜିତେନ୍ଦ୍ର କୁମାର ମହାପାତ୍ର ବକ୍ତବ୍ୟରେ ବିଦାୟୀ କର୍ମଚାରୀଙ୍କ ସହିତ ସହଯୋଗୀ ଭାବେ କାର୍ଯ୍ୟ କରିବା ଉପରେ ମତାମତ ରଖିବା ସହିତ ଅବସର ପରେ ମା’ ତାରିଣୀ ତାଙ୍କୁ ସୁଖ ଶାନ୍ତିରେ ରଖନ୍ତୁ ବୋଲି ପ୍ରାର୍ଥନା କରିଥିଲେ । ଓଡ଼ିଶା ରାଜସ୍ୱ ଅମଲା ସଂଘର ଜିଲ୍ଲା ସମ୍ପାଦକ ପ୍ରଭାତେନ୍ଦୁ ନାଏକ ବିଦାୟୀ କର୍ମଚାରୀ ଶ୍ରୀ ପାଢୀ ଜଣେ ଦକ୍ଷ କର୍ମଚାରୀ ଏବଂ ତାଙ୍କର କାର୍ଯ୍ୟଦକ୍ଷତା ଆମ ମାନଙ୍କ ପାଇଁ ପ୍ରେରଣା ଦାୟକ ହୋଇ ରହିବ ବୋଲି କହିଥିଲେ । ଶ୍ରୀ ପାଢୀ ତା ୧୭/୦୯/୧୯୭୪ ରିଖ ଦିନ କନିଷ୍ଠ କିରାଣୀ ଭାବେ ସରକାରୀ ସେବାରେ ଯୋଗଦାନ କରି ବିଭିନ୍ନ କାର୍ଯ୍ୟାଳୟରେ ଦକ୍ଷତାର ସହ କାର୍ଯ୍ୟ ସମ୍ପାଦନ କରି ତା ୩୧/୦୫/୨୦୨୪ ରିଖ ଶୁକ୍ରବାର ଦିନ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଜୁଡିସିଆଲ ବିଭାଗରେ ବରିଷ୍ଠ ସଂସ୍ଥା ଅଧିକାରୀ ଭାବେ ଅବସର ଗ୍ରହଣ କରିଛନ୍ତି । ଏତଦ୍‌ବ୍ୟତୀତ ତା ୩୧/୦୫/୨୦୨୪ ରିଖ ଶୁକ୍ରବାର ଦିନ ହେମନ୍ତ କୁମାର ସାହୁ, ଚମ୍ପୁଆ ତହସିଲର ସେକ୍ସନ ଅଫିସର ଓ ପ୍ରଦୀପ କୁମାର ଦାସ, ଆନନ୍ଦପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଂସ୍ଥା ଅଧିକାରୀ ଭାବେ ଅବସର ଗ୍ରହଣ କରିଛନ୍ତି । ବିଦାୟକାଳୀନ ସମ୍ବର୍ଦ୍ଧନା ସଭାକୁ କାମିନୀ କାନ୍ତ ମହାନ୍ତ, ସଂସ୍ଥା ଅଧିକାରୀ, ସରୋଜ କୁମାର ସାହୁ, ସଂସ୍ଥା ଅଧିକାରୀ, ବିଶ୍ୱନାଥ ବାରିକ, ସେକ୍ସନ ଅଫିସର, ମହେଶ୍ୱର ଦାଶ, ସେକ୍ସନ ଅଫିସର, ପୀତବାସ ମହାନ୍ତ, ଡମ୍ବରୁଧର ମହାନ୍ତ, ମୁକ୍ତିକାନ୍ତ ପାତ୍ର, ବବିତା ସାହୁ, ପ୍ରିୟଙ୍କା ସେଠୀ, ପାର୍ଥସାରଥି ନାୟକ, ମନୋରଞ୍ଜନ ସାହୁ, ମନୋଜ କୁମାର ଓଝା, ସୁଦର୍ଶନ ନନ୍ଦୀ ପରିଚାଳନା କରିଥିବାବେଳେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଯୋଗଦାନକରି ଅବସରକାଳୀନ ଉତ୍ସବକୁ ପରିଚାଳନାରେ ସହଯୋଗ କରିଥିଲେ । ସର୍ବଶେଷରେ ପିତବାସ ମହାନ୍ତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।



# ଏନ୍.ଏସ୍. ପୋଲିସ ହାଇସ୍କୁଲରେ ବିଶ୍ୱ ତମାଖୁ ବର୍ଜନ ଦିବସ ପାଳିତ

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

ପ୍ରତିବର୍ଷ ମେ ୩୧ ତାରିଖରେ ବିଶ୍ୱ ତମାଖୁ ବର୍ଜନ ଦିବସ ପାଳନ କରାଯାଇଥାଏ । ନିୟମିତ ତମାଖୁ ସେବନ ଦ୍ୱାରା ଶରୀରର ବିଭିନ୍ନ ଅଙ୍ଗରେ କର୍କଟ ରୋଗ ସୃଷ୍ଟି କରିଥାଏ । ଏମିତିକି ହୃଦ୍‌ଘାତ ଏବଂ ମସ୍ତିଷ୍କାଘାତ ମଧ୍ୟ ହୋଇଥାଏ । ତମାଖୁ ଖାଇଲେ ନିଦ୍ରା ନହେବା ସହ ମାନସିକ ଅବସାଦ ବଢ଼ିଥାଏ । ଏପରିକି ବିଶ୍ୱରେ ବର୍ଷକୁ ୮୦ ଲକ୍ଷ ଲୋକ ତମାଖୁ ଜନିତ କର୍କଟ ରୋଗରେ ପ୍ରାଣ ହରାଉଛନ୍ତି । ତମାଖୁ ମୁକ୍ତ ଭାରତ ଗଠନ ଦିଗରେ ୧୪ ଓଡ଼ିଶା ବାଟାଲିୟନ ଏନ୍.ସି.ସି. କେନ୍ଦୁଝରର କମାଣ୍ଡିଂ ଅଫିସର କର୍ଣ୍ଣେଲ ଏମ୍.ଚନ୍ଦ୍ର ଶେଖରଙ୍କ ମାର୍ଗଦର୍ଶନ ତଥା ଏନ୍.ସି.ସି. ଅଫିସର ବିଜୟ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ଏନ୍.ଏସ୍. ପୋଲିସ ହାଇସ୍କୁଲର ସମର ଶିକ୍ଷାର୍ଥୀ ବାହିନୀ ତମାଖୁ ସେବନର ଭୟାବହତା ସମ୍ପର୍କରେ ଯୁବ ପିଢ଼ି ଆଉ ଛାତ୍ର ଗୋଷ୍ଠୀ, ନିଶା ଠୁ ଦୂରେଇ ରୁହ ନିତି ନିଶା ଉଜାଡ଼ିଛି କେତେ ସଂସାର, ନିଶାକୁ କର ଦୁରୁ ଜୁହାର ଆଦି ସ୍ଲୋଗାନ ଦେଇ ଜନ ସଚେତନତା ସୃଷ୍ଟି କରିଥିଲେ ।



# ବିଶ୍ୱ ଋତୁସ୍ରାବ ସ୍ୱଚ୍ଛତା ଦିବସ ଅବସରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ପ୍ରସାରିତ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଭଏସ୍ ଅଫ୍ ସୋଆ କମ୍ୟୁନିଟି ରେଡ଼ିଓ ୯୦.୪ ଦ୍ୱାରା ବିଶ୍ୱ ଋତୁସ୍ରାବ ସ୍ୱଚ୍ଛତା ଦିବସ ଅବସରରେ ମଙ୍ଗଳବାର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ପ୍ରସାରିତ ହୋଇଯାଇଛି । ଚଳିତ ବର୍ଷର ପ୍ରସଙ୍ଗ ‘ପିରିୟଡ ଫ୍ରେଣ୍ଡଲି ୱାର୍ଲ୍ଡ’କୁ ନେଇ ରେଡ଼ିଓ ଷ୍ଟେସନ୍ ପକ୍ଷରୁ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ପ୍ରସାରିତ ହୋଇଥିଲା । ଋତୁସ୍ରାବ ସମୟରେ ସ୍ୱାସ୍ଥ୍ୟର ଯତ୍ନ ଏବଂ ମହିଳା ଓ ଝିଅ ମାନଙ୍କର ଶାରୀରିକ, ମାନସିକ ଏବଂ ସାମାଜିକ ସୁସ୍ଥତା ଉପରେ ଗୁରୁତ୍ୱାରୋପ କରାଯାଇ ଏହି ଦିବସକୁ ପାଳନ କରାଯାଇଥାଏ । ଏହି ଅବସରରେ ସୋଆର କଣ୍ଟ୍ରୋଲର ଅଫ୍ ଏଗ୍‌ଜାମିନେସନ୍ ପ୍ରଫେସର ମୁନା ଦାସ ଉପସ୍ଥିତ ରହି ବିଶ୍ୱ ବିଦ୍ୟାଳୟର ମହିଳା ସଫେଇ କର୍ମଚାରୀମାନଙ୍କ ମଧ୍ୟରେ ପରିବେଶ ଅନୁକୂଳ ସାନିଟାରୀ ପ୍ୟାଡ ବଣ୍ଟନ କରିଥିଲେ । ରେଡ଼ିଓ ଷ୍ଟେସନ୍‌ର ଇନ୍‌ଚାର୍ଜ ହନୀ ପଟ୍ଟନାୟକ ଏହି କାର୍ଯ୍ୟକ୍ରମ ସଚେତନ କରିବା ସହ ଏହା ଦ୍ୱାରା ଋତୁସ୍ରାବକୁ ନେଇ ରହିଥିବା ଭୁଲ୍ ଧାରଣାକୁ ଦୂର କରିବାରେ ସହାୟକ ହେବ । ସୋଆ ରେଡ଼ିଓ ଷ୍ଟେସନ୍‌ର ରେଡ଼ିଓ ଜକି ଶୁଭଶ୍ରୀ ଶୁଭସ୍ମିତା ସ୍ୱାଇଁ, ଶୁଭଶ୍ରୀ ପାତ୍ର ଓ ଶୁଭଶ୍ରୀ ସାହୁ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ପିଇବା ପାଣି ସମସ୍ୟା: ହାଣ୍ଡି ବାଲ୍‌ଟି ଧରି ରାସ୍ତାରୋକ କଲେ ଗ୍ରାମବାସୀ

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

କୋରାପୁଟ ବ୍ଲକ୍ ଅନ୍ତର୍ଗତ ଲିଟିଗୁଡ଼ା ପଞ୍ଚାୟତ ଅଧିନରେ ଥିବା ପୁଟୁରାଘାଟି ଗ୍ରାମରେ ପିଇବା ପାଣି ସମସ୍ୟା ନେଇ ସକାଳୁ ଗ୍ରାମର ଶହ ଶହ ମହିଳା ମାନଙ୍କ ସମେତ ଗ୍ରାମର ଆବାଳ ବୃଦ୍ଧ ବନିତା ନାଲକୋ ଖଣି ରାସ୍ତା ଅବରୋଧ କରି ଧାରଣାରେ ବସିଥିଲେ । ଏଠାରେ ପାଣି ସମସ୍ୟା ଏତେ ଉତ୍କଟ ଯେ, ୩୭/୩୮ ଡିଗ୍ରୀ ତାପମାତ୍ରାକୁ ଭ୍ରୂକ୍ଷେପ ନକରି ଲୋକେ ଉଦୁଉଦିଆ ଖରାରେ ଧାରଣାରେ ବସିଥିବା ଦେଖିବାକୁ ମିଳିଥିଲା । ଏହି ଗାଆଁରେ ପ୍ରାୟ ୧୨୦୦ ଲୋକ ବସବାସ କରନ୍ତି । ଦୁଇ-ତିନୋଟି ନଳକୂଅ ଥିଲେ ସୁଧା ଗୋଟିଏ ମାତ୍ର ନଳକୂଅରୁ ପାଣି ବାହାରୁଥିବା ବେଳେ ଅନ୍ୟଟିରୁ ଗୋଳିଆ ପାଣି ବାହାରୁଥିବା ତାହା ମଧ୍ୟ ବ୍ୟବହାର ଯୋଗ୍ୟ ନୁହେଁ । ଏତଦ୍ ବ୍ୟତୀତ ନାଲକୋ ଫାଉଣ୍ଡେସନ୍ ପକ୍ଷରୁ ଏକ ପାଣିଟାଙ୍କି ସ୍ଥାପନ କରାଯାଇଛି, ହେଲେ ସେ ଟାଙ୍କିରେ ମଧ୍ୟ ପାଣି ଆସୁନାହିଁ । ଗାଁ ନିକଟ ଦେଇ ଯାଇଥିବା ଏକ ନାଳର ପାଣିକୁ ଗାଁ ଲୋକେ ପିଇବା ଓ ନିତ୍ୟ ବ୍ୟବହାର୍ଯ୍ୟ ପାଇଁ ନିର୍ଭର କରୁଛନ୍ତି । କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଣୀତ ବସୁଧା ଯୋଜନା ମଧ୍ୟ ଏଠାରେ କାର୍ଯ୍ୟକାରୀ ହୋଇନାହିଁ । ନାଲକୋ ଖଣିର ତଳି ଅଞ୍ଚଳରେ ଗାଁର ଅବସ୍ଥିତି ହୋଇଥିବାରୁ ଏହାଦ୍ୱାରା ଗାଁ ଲୋକେ ସିଧାସଳଖ ପ୍ରଭାବିତ ହେଉଛନ୍ତି । ଶିଳ୍ପାଞ୍ଚଳ ପାରିପାର୍ଶ୍ୱିକ ଉନ୍ନତିକରଣ ଅଧିନିୟମ ଅନୁସାରେ ନାଲକୋ ପକ୍ଷରୁ ଏଠାରେ ସମସ୍ତ ସୁବିଧା ଉପଲବ୍ଧ କରାଇବା ନାଲକୋ ପ୍ରଶାସନର ଦାୟିତ୍ୱ ବୋଲି ଗ୍ରାମବାସୀ ଦୃଢ଼ତାର ସହ କହିଛନ୍ତି । ନାଲକୋ କର୍ତ୍ତୃପକ୍ଷ, ଜିଲ୍ଲା ପ୍ରଶାସନ ଓ ଦାମନଯୋଡି ପୁଲିସ ଧାରଣା ସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରିଛନ୍ତି । ତେବେ ପିଇବା ପାଣି ସମସ୍ୟାର ସମାଧାନ ନହେବା ପର୍ଯ୍ୟନ୍ତ ଧାରଣାରୁ ଓହରିବେ ନାହିଁ ବୋଲି ଗ୍ରାମବାସୀ ଦୃଢୋକ୍ତି ପ୍ରକାଶ କରିବା ସହ ଏହି ସମସ୍ୟାର ତୁରନ୍ତ ସମାଧାନ ଲାଗି ଜିଲ୍ଲା ପ୍ରଶାସନ ଓ ନାଲକୋ କର୍ତ୍ତୃପକ୍ଷଙ୍କୁ ଗ୍ରାମବାସୀ ଦାବିପତ୍ର ପ୍ରଦାନ କରିଛନ୍ତି ।

# ପ୍ରଫେସର ଶ୍ୟାମସୁନ୍ଦର ପଟ୍ଟନାୟକ ଓଡ଼ିଶା ଷ୍ଟେଟ୍ ଓପନ୍ ୟୁନିଭର୍ସିଟିର ଭିସି ନିଯୁକ୍ତ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ପ୍ରଫେସର ଶ୍ୟାମସୁନ୍ଦର ପଟ୍ଟନାୟକ ସମ୍ବଲପୁର ସ୍ଥିତ ଓଡ଼ିଶା ଷ୍ଟେଟ୍ ଓପନ୍ ୟୁନିଭର୍ସିଟିର କୁଳପତି ନିଯୁକ୍ତ ହୋଇଛନ୍ତି । ରାଜ୍ୟପାଳ ତଥା କୁଳାଧିପତି ରଘୁବର ଦାସ ତାଙ୍କୁ ବିଶ୍ୱବିଦ୍ୟାଳୟର କୁଳପତି ଭାବେ ନିଯୁକ୍ତି ଦେଇଥିବା ରାଜଭବନ ପକ୍ଷରୁ ସୂଚନା ଦିଆଯାଇଛି । ଆସନ୍ତା ୩ ବର୍ଷ ପର୍ଯ୍ୟନ୍ତ ପ୍ରଫେସର ପଟ୍ଟନାୟକ ଏହି ଦାୟିତ୍ୱରେ ରହିବେ । ପ୍ରଫେସର ପଟ୍ଟନାୟକ ବର୍ତ୍ତମାନ ଚଣ୍ଡୀଗଡ ସ୍ଥିତ ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ ଟିଚର୍ସ ଟ୍ରେନିଂ ରିସର୍ଚ୍ଚ (ଏନଆଇଟିଟିଆର)ର ମିଡିଆ ଇଞ୍ଜିନିୟରିଂ ବିଭାଗର ମୁଖ୍ୟ ଭାବେ କାର୍ଯ୍ୟରତ ଅଛନ୍ତି ।

# ସୁବଲୟାରେ ଅପର୍ଣ୍ଣ ଚରଣ ବେହେରାଙ୍କ ସ୍ମୃତିଚାରଣ ସଭା



**ରମ୍ଭା, ନ୍ୟୁଜ୍ ବ୍ୟୁରୋ**

ସ୍ଥାନୀୟ ଥାନା ଇଲାକା ସୁବଳୟା ଗ୍ରାମ ପଞ୍ଚାୟତର ଶୁକ୍ରବାର ଦିନ ଅପର୍ଣ୍ଣ ଚରଣ ବେହେରାଙ୍କ ଦ୍ୱାଦଶାହ ଦିବସରେ ସମାଜସେବୀ ସୁବାସ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ପୂର ପ୍ରସ୍ତୁତି ପ୍ରକାରେ ଅପର୍ଣ୍ଣ ବେହେରାଙ୍କ ତୈଳ ଫୋଟ ଚିତ୍ରରେ ମଞ୍ଚାସୀନ ତଥା ଆମନ୍ତ୍ରିତ/ନିମନ୍ତ୍ରିତ ମଞ୍ଚାସିନ ବ୍ୟକ୍ତିମାନେ ଫୁଲ ଦ୍ୱୀପ ସହ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ତତ୍‌ସହିତ ଆୟୋଜିତ ସଭାରେ ବିଭିନ୍ନ ବକ୍ତା ଭିନ୍ନ ଭିନ୍ନ ବକ୍ତବ୍ୟ ପ୍ରଦାନ କରି ସେ ଜଣେ ସ୍ୱାଭିମାନୀ, ବିପ୍ଳବୀ, ସମାଜସେବୀ, ଯୌଥ ପରିବାରର ମହତ୍, ସିଙ୍ଗଲ ପାରିବାରର ତାତ୍ପର୍ଯ୍ୟ ସମେତ ଅନେକ ପ୍ରସଙ୍ଗ ଭିତ୍ତିକ ବିଷୟ ବସ୍ତୁ ଉପରେ ଆଲୋକପାତ କରାଯାଇଥିଲା । କାର୍ଯ୍ୟକ୍ରମରେ ବାନାମ୍ବର ପଲାଇ, ଶଙ୍କର ନାରାୟଣ ବେଜ, ବାଳକୃଷ୍ଣ ମହାରଣା, ଗୋକୁଳ ନାହାକ ପ୍ରମୁଖ ମଞ୍ଚାସିନ ରହିଥିବା ବେଳେ ଅବସର ତଥା ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟକୁମାର ବିଶ୍ୱାଳ ସଭା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ଏତଦ୍‌ବ୍ୟତୀତ ସ୍ୱର୍ଗତ ଅପର୍ଣ୍ଣ ଚରଣ ବେହେରାଙ୍କ ସହଧର୍ମିଣୀ ଧନୀ ବେହେରା, ପୁତ୍ର ସୁନୀଲ କୁମାର ବେହେରା, ସୁକାନ୍ତ କୁମାର ବେହେରା, ବିଷ୍ଣୁ ପ୍ରସାଦ ବେହେରା, ବିଭୁ ପ୍ରସାଦ ବେହେରା ପୁତ୍ର ବଧୂ ପ୍ରତିମା ରାଣୀ ବେହେରା, ବିଷ୍ଣୁ ପ୍ରିୟା ବେହେରା, ନିରୁପମା ଜେନା, ପ୍ରଜ୍ଞା କୁମାରୀ ପଲେଇ, ଝିଆରୀ ଜ୍ୱାଇଁ ମହେଶ୍ୱର ବରାଡ଼ (ସମ୍ପାଦକ ପୂଜ୍ୟ ପୂଜା ସାହିତ୍ୟ ସଂସଦ), ଲକ୍ଷ୍ମୀକାନ୍ତ ଦଳେଇ (ପୂର୍ବତନ କନିଷ୍ଠ ଯନ୍ତ୍ରୀ ଆଇ.ଆର.ଇ), ବାନାମ୍ବର ସାହୁ (ପୂର୍ବତନ ଯୋଗାଣ ଅଧିକାରୀ), ଉଲ୍ଲାସ ଜେନା (ପ୍ରାକ୍ତନ ପି.ଇ.ଓ), ଶଶୀ ଭୂଷଣ ବରାଳ (ପ୍ରଧାନ ଶିକ୍ଷକ) ଭଣଜା ନିରଜ କୁମାର ପଲେଇ (ସହକାରୀ ଯନ୍ତ୍ରୀ ଜଳ ଯୋଗାଣ ବିଭାଗ), ବ୍ରଜ ବନ୍ଧୁ ବେହେରା, ରାଜେନ୍ଦ୍ର କୁମାର ସେନାପତି, ନାରାୟଣ ନାହାକ, ସି.ଏଚ ସୁଧାକର (ଅଧକ୍ଷ), ପ୍ରଶାନ୍ତ କୁମାର ବେହେରା, ଗଣେଶ ବେହେରା (ପ୍ରଧାନ ଶିକ୍ଷକ) ସମେତ ଗଣମାଧ୍ୟମ ପ୍ରତିନିଧି ସ୍ୱର୍ଗତ ବେହେରାଙ୍କ ନାତି, ନାତୁଣୀ, ଗ୍ରାମବାସୀ, ଓଗେରା କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ଶେଷରେ ଗୋକୁଳ ଚନ୍ଦ୍ର ନାହାକ ଶାନ୍ତି ପାଠ ଦ୍ୱାରା ସଭା ସାଙ୍ଗ କରିଥିଲେ ।

# ମନରେଗା କାମରେ ମହାଦୁର୍ନୀତି ଅଭିଯୋଗ: କାମ କରୁନଥିବା ଲୋକଙ୍କ ନାଁରେ ପଡୁଛି ଟଙ୍କା

**ଧର୍ମଗଡ଼, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ର ଓ ରାଜ୍ୟ ସରକାର ଦାଦନ ସମସ୍ୟା ରୋକିବାକୁ ଗରିବ ନିରୀହ ଲୋକଙ୍କୁ ମନରେଗା ଯୋଜନାରେ କାମ ଯୋଗାଇ ଦେବାକୁ ଯୋଜନା କରିଛନ୍ତି । ହେଲେ ଏଠାରେ ପଞ୍ଚାୟତରେ କାର୍ଯ୍ୟରତ ଗ୍ରାମରୋଜଗାର ସେବକ ଓ ଗାଁ ସାଥିମାନେ ମିଶି ସରକାରୀ ଅର୍ଥକୁ ହଡପ କରୁଥିବା ଅଭିଯୋଗ ହେଉଛି । ଏଭଳି ଏକ ଚିତ୍ର ଦେଖିବାକୁ ମିଳିଛି କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ରେଙ୍ଗସାପାଲି ପଞ୍ଚାୟତର କର୍ମାଟ ଗ୍ରାମର ଖାଲିଆ ବନ୍ଧ ଓ ଲୁହୁରା ବନ୍ଧରେ । ଖାଲିଆ ବନ୍ଧରେ ୧ ଲକ୍ଷ ଟଙ୍କାର ମାଟି କାମ ହେଉଥିବା ବେଳେ ଲୁହୁରା ବନ୍ଧରେ ବି ବର୍ତ୍ତମାନ ୧୦ଲକ୍ଷ ଟଙ୍କାର କାମ ଚାଲିଛି । କର୍ମାଟ ଗ୍ରାମର ଶ୍ରମିକମାନେ ମନରେଗା ଯୋଜନାରେ କାମକରି ଦୁଇ ମାସ ଧରି ଟଙ୍କା ପାଇ ନଥିବା ଅଭିଯୋଗ କରିଛନ୍ତି । ସେମାନେ କହିବାନୁଯାୟୀ କାମ କରିଥିବା ଶ୍ରମିକଙ୍କ ଖାତାରେ ଟଙ୍କା ନପଡି ଘରେ ବସିଥିବା ଶ୍ରମିକଙ୍କ ଖାତାରେ ପ୍ରଥମେ ଟଙ୍କା ପଡୁଥିବା ବେଳେ ପରେ ଯାଇ ଅସଲି ଶ୍ରମିକଙ୍କ ନାରେ ଟଙ୍କା ପଡୁଛି । ଏ ନେଇ ଗ୍ରାମର ଶ୍ରମିକ ମାନଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି । କାମ କରୁନଥିବା ଲୋକଙ୍କ ଖାତାରେ ଟଙ୍କା ପୈଠ କରିବା ମନରେଗା ଯୋଜନା ଟଙ୍କାକୁ ହରିଲୁଟ୍ କରାଯାଉନାହିଁ ତ ବୋଲି ଗାଁସାଥି ଓ ଗ୍ରାମରୋଜଗାର ସେବକଙ୍କ ଉପରେ ଏକ ସନ୍ଦେହ ଉପୁଜିଛି । ଯାହା କର୍ମାଟ ଗ୍ରାମର ଶ୍ରମିକମାନେ ପ୍ରକାଶ କରିଛନ୍ତି । ଏ ସମ୍ପର୍କରେ ଗାଁସାଥି ବନିତା ଭୋଇଙ୍କ ସ୍ୱାମୀଙ୍କୁ ପଚାରିଲେ ପ୍ରକୃତ ଶ୍ରମିକଙ୍କ ନାରେ ଟଙ୍କା ପଡ଼ିଛି କହିଛନ୍ତି । ପରେ ଗ୍ରାମ ରୋଜଗାର ସେବକ ପ୍ରମୋଦ କୁମାର ଖରସେଲଙ୍କୁ ପ୍ରତିକ୍ରିୟା ନିଆଯାଇଥିଲା । ସେ କହିବାନୁଯାୟୀ ଯେଉଁମାନେ ମାଟି କାମ କରନ୍ତିନାହିଁ ତାଙ୍କର ଜବ୍‌କାର୍ଡ ଗୁଡ଼ିକୁ କାଟି ଦେଇଛନ୍ତି ବୋଲି କହିଥିଲେ । ଏପଟେ ଶ୍ରମିକ ଓ ୱାର୍ଡମେମ୍ବର କହୁଛନ୍ତି ଘରେ ବସିଥିବା ଲୋକଙ୍କ ନାରେ ଟଙ୍କା ପଡୁଛି । ସେପଟେ ଗାଁସାଥି ଓ ଗ୍ରାମ ରୋଜଗାର ସେବକ ଏ କଥାକୁ ଖଣ୍ଡନ କରୁଛନ୍ତି । ଏଠାରେ କିଏ ସତ କହୁଛନ୍ତି ସଠିକ୍ ତଦନ୍ତ ହେବା ଜରୁରୀ ହୋଇପଡ଼ିଛି । ଏ ଉପରେ ଜିଲ୍ଲା ପ୍ରଶାସନ ତଦନ୍ତ କରିବାକୁ କର୍ମାଟ ଗ୍ରାମର ବିକ୍ରମ ବିଶ୍ୱାଳ, କୃପା ହରିଜନ, ସୁମେଶ୍ୱର ବାଗ, ଶ୍ୟାମବିହାରୀ ୱାର୍ଡମେମ୍ବର, କୃଷ୍ଣଚନ୍ଦ୍ର ବାଗ ପ୍ରମୁଖ ଦାବି କରିଛନ୍ତି ।



# ଟି-୨୦ ବିଶ୍ୱକପ୍ : ଉଦ୍‌ଘାଟନୀ ମ୍ୟାଚ୍‌ରେ କାନାଡ଼ାକୁ ହରାଇଲା ଆମେରିକା

**ଟେକ୍ସସ**

ରବିବାରଠୁ ଆରମ୍ଭ ହୋଇଛି ଟି-୨୦ ବିଶ୍ୱକପ୍। ଆମେରିକା ଓ ୱେଷ୍ଟଇଣ୍ଡିଜ୍‌ର ମିଳିତ ଆୟୋଜନରେ ଆରମ୍ଭ ହୋଇଥିବା ଏହି ଫଟାଫଟ୍ ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନୀ ମ୍ୟାଚ୍‌ରେ କାନାଡ଼ାକୁ ଧୂଳି ଚଟାଇଛି ଆମେରିକା। ଡାଲାସ ସହରର ଗ୍ରାଣ୍ଡ ପ୍ରାୟରି ଷ୍ଟାଡ଼ିୟମ୍‌ରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ୭ ୱିକେଟ୍‌ରେ ୧୯୭ ରନ୍ କରି କାନାଡ଼ାକୁ ହରାଇଛି ଆମେରିକା।



ପ୍ରଥମେ ଟସ୍ ଜିତି ଆମେରିକା ବୋଲିଂ ନିଷ୍ପତ୍ତି ନେଇଥିଲା। କାନାଡ଼ା ପ୍ରଥମରୁ ହିଁ ବ୍ୟାଟିଂ କରି ଜବରଦସ୍ତ ପ୍ରଦର୍ଶନ କରିଥିଲା। ନିର୍ଦ୍ଧାରିତ ୨୦ ଓଭର୍‌ରେ ଦଳ ୧୯୪ ରନ୍ କରିବାରେ ସକ୍ଷମ ହୋଇଥିଲା। କାନାଡ଼ା ପକ୍ଷରୁ ନଭନୀତ ଧାଲିୱାଲ ସର୍ବାଧିକ ୬୧ ରନ୍ ସଂଗ୍ରହ କରିଥିଲେ।

୧୯୫ ରନ୍‌ର ଟାର୍ଗେଟ୍‌କୁ ପିଛା କରି ଆରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ୟୁଏସ୍‌ଏ ଓପନ୍‌ର ଷ୍ଟିଭେନ୍ ଟେଲର ଶୂନ୍ ରନ୍ କରି ଆଉଟ୍ ହୋଇ ପାଭିଲିୟନ୍‌କୁ ଫେରିଥିଲେ। କିନ୍ତୁ ଆରୋନ ଜୋନ୍ସ ଏବଂ ଆଣ୍ଡ୍ରିଆସ ଗସ୍ ଯୋଡ଼ିଙ୍କ ଦମ୍‌ଦାର ପ୍ରଦର୍ଶନ କରିଥିଲା।

ଦଳ ପାଇଁ ଚତୁର୍ଥ ନମ୍ବରରେ ବ୍ୟାଟିଂ କରି ଜୋନ୍ସ ମାତ୍ର ୪୦ ବଲରେ ୯୪ ରନର ଅପରାଜିତ ଶତକ ହାସଲ କରିଥିଲେ। ଏହି ସମୟରେ ତାଙ୍କ ବ୍ୟାଟ୍‌ରୁ ୪ ଚୌକା ଏବଂ ୧୦ଟି ଦମ୍‌ଦାର ଛକା ମାରି ସମସ୍ତଙ୍କୁ ଚକିତ କରିଦେଇଥିଲେ। ସେହିପରି ଗସ୍ ତୃତୀୟ ନମ୍ବରରେ ବ୍ୟାଟିଂ କରି ୪୬ ବଲରେ ସର୍ବାଧିକ ୬୫ ରନ ସଂଗ୍ରହ କରିଥିଲେ। ଏହି ସମୟରେ ସେ ୭ଟି ଚୌକା ଓ ୩ଟି ଛକା ମାରିଥିଲେ। ୧୯୫ ରନ୍‌ର ଟାର୍ଗେଟ୍‌କୁ ପିଛା କରି ଦଳ ୧୯୭ ରନ୍ ହାସଲ କରିବାରେ ସଫଳ ହୋଇଛି। ଆରନ ଜୋନ୍ସ ମ୍ୟାନ୍ ଅଫ୍ ଦି ପ୍ଲେୟର୍ ହୋଇଛନ୍ତି।

ରବିବାରଠୁ ଆରମ୍ଭ ହୋଇଥିବା ଆମେରିକା ଏବଂ ୱେଷ୍ଟଇଣ୍ଡିଜ ଦ୍ୱାରା ଆୟୋଜିତ ଆଇସିସି ପୁରୁଷ ଟି-୨୦ ବିଶ୍ୱକପ ୨୯ଜୁନ ପର୍ଯ୍ୟନ୍ତ ଖେଳାଯିବ। ଚଳିତ ବର୍ଷ ୨୦ ଦଳ ଏହି ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରୁଥିବା ବେଳେ ମୋଟ୍ ୫୫ ମ୍ୟାଚ୍ ଖେଳାଯିବ। ୯ଟି ଗ୍ରାଉଣ୍ଡରେ ବିଶ୍ୱକପ ମ୍ୟାଚ ଅନୁଷ୍ଠିତ ହେବ। ସେଥିମଧ୍ୟରୁ ୬ଟି ୱେଷ୍ଟଇଣ୍ଡିଜ ଏବଂ ୩ଟି ଆମେରିକାରେ ଅଛି। ୱେଷ୍ଟଇଣ୍ଡିଜରେ ଆଣ୍ଟିଗୁଆ ଏବଂ ବାରବୁଦା, ବାରବାଡୋସ୍, ଗୁଇନା, ସେଣ୍ଟ ଲୁସିଆ, ସେଣ୍ଟ ଭିନ୍ସେଣ୍ଟ ଏବଂ ଗ୍ରେନାଡାଇନ୍ସ ଏବଂ ତ୍ରିନିଦାଦ ଓ ଟୋବାଗୋରେ ମ୍ୟାଚ୍ ଅନୁଷ୍ଠିତ ହେବ। ସେହିପରି ଫ୍ଲୋରିଡ଼ା, ନ୍ୟୁୟର୍କ ଏବଂ ଆମେରିକାର ଟେକ୍ସାସରେ ମ୍ୟାଚ୍ ଖେଳାଯିବ।

## ଇତିହାସ ରଚିଲେ ଆରୋନ ଜୋନ୍ସ



**ନ୍ୟୁୟର୍କ**

ଆମେରିକୀୟ ବ୍ୟାଟ୍ସମ୍ୟାନ ଆରୋନ ଜୋନ୍ସ ଟି-୨୦ ବିଶ୍ୱକପ ୨୦୨୪ର ପ୍ରଥମ ମ୍ୟାଚ୍‌ରେ ନିଜର ବିସ୍ଫୋରକ ବ୍ୟାଟିଂ ସହିତ ସମସ୍ତଙ୍କ ହୃଦୟ ଜିଣିଥିଲେ। କାନାଡ଼ା ବିପକ୍ଷରେ ଖେଳାଯାଇଥିବା ମ୍ୟାଚ୍‌ରେ ଜୋନ୍ସ ୪ ଚୌକା ଓ ୧୦ ଛକା ସହାୟତାରେ ୪୦ ବଲରେ ଅପରାଜିତ ୯୪ ରନ୍‌ର ଚମତ୍କାର ଇନିଂସ ଖେଳିଥିଲେ। ଏହି ଇନିଂସ ଯୋଗୁ ଜୋନ୍ସ ୱେଷ୍ଟଇଣ୍ଡିଜର ପୂର୍ବତନ ବ୍ୟାଟ୍ସମ୍ୟାନ କ୍ରିସ୍ ଗେଲଙ୍କ ରେକର୍ଡ ସହ ସମକକ୍ଷ ହୋଇଥିଲେ

ଜୋନ୍ସଙ୍କ ଚମତ୍କାର ଇନିଂସ ଯୋଗୁ ଆମେରିକା ୧୯୫ ରନ୍‌ର ଟାର୍ଗେଟକୁ ପିଛା କରି ପ୍ରାୟ ଏକପାଖିଆ ବିଜୟ ହାସଲ କରିଥିଲା। ଜୋନ୍ସ ଚତୁର୍ଥ ନମ୍ବରରେ ବ୍ୟାଟିଂ କରିବାକୁ ଆସିଥିଲେ, ସେତେବେଳେ ଆମେରିକା ଭଲ ସ୍ଥିତିରେ ନ ଥିଲା। କିନ୍ତୁ ସେ ଏମିତି ବ୍ୟାଟିଂ କରିଥିଲେ ଯେ ଆମେରିକା ମାତ୍ର ୧୭.୪ ଓଭରରେ ଜିତିଥିଲା। ଜୋନ୍ସ କାନାଡା ବିପକ୍ଷରେ ୧୦ଟି ଛକା ମାରି କ୍ରିସ ଗେଲଙ୍କ ସହ ସମକକ୍ଷ ହୋଇଥିଲେ। ଗେଲ ୨୦୧୬ ଟି-୨୦ ବିଶ୍ୱକପରେ ଇଂଲଣ୍ଡ ବିପକ୍ଷରେ ୧୧ଟି ଛକା ଏବଂ ୨୦୦୭ ଟୁର୍ଣ୍ଣାମେଣ୍ଟରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ୧୦ଟି ଛକା ମାରିଥିଲେ। ଗେଲଙ୍କ ପରେ ଜୋନ୍ସ ଦ୍ୱିତୀୟ ଖେଳାଳି ହୋଇ ଟି-୨୦ ବିଶ୍ୱକପ୍‌ର ଏକ ଇନିଂସରେ ୧୦ କିମ୍ବା ଅଧିକ ଛକା ମାରିଥିଲେ। ଏପରି ପରିସ୍ଥିତିରେ ଯଦି ଟାର୍ଗେଟ ବଡ଼ ହୋଇଥାନ୍ତା ତେବେ ସେ କ୍ରିସ୍ ଗେଲଙ୍କ ରେକର୍ଡ ଭାଙ୍ଗିଥାନ୍ତେ।

## ଇଣ୍ଡିଆନ ୱିମେନ ଫୁଟ୍‌ବଲ ଲିଗ୍ ପାଇଁ ଯୋଗ୍ୟତା ଅର୍ଜନ କଲା ନୀତା ଫୁଟ୍‌ବଲ ଏକାଡେମୀ




**କଟକ, ନ୍ୟୁଜ୍‌ବ୍ୟୁରୋ**

କଟକର ନୀତା ଫୁଟ୍‌ବଲ ଏକାଡେମୀ ଇଣ୍ଡିଆନ ୱିମେନ ଫୁଟ୍‌ବଲ ଲିଗ୍-୨୦୨୪-୨୫ ଖେଳିବା ପାଇଁ ଯୋଗ୍ୟତା ଅର୍ଜନ କରିଛି। ଗୋଆର ମାପୁସାରେ ଅନୁଷ୍ଠିତ ଆଇଡବ୍ଲୁଏଲର ଫାଇନାଲ ରାଉଣ୍ଡ ମ୍ୟାଚ୍‌ରେ ଗୁଜରାଟର ସାଗ ଏକାଡେମୀକୁ ୮-୧ ଗୋଲ୍‌ରେ ହରାଇ ଏହି ଯୋଗ୍ୟତା ହାସଲ କରିଛି। ଆଇଡବ୍ଲୁଏଲରେ ସଫଳତା ଓ ଆଇଡବ୍ଲୁଏଲ-୨୦୨୪-୨୫ ଖେଳିବା ପାଇଁ ଯୋଗ୍ୟତା ହାସଲ କରି ଫେରିବା ପରେ କଟକ ରେଳ ଷ୍ଟେସନଠାରେ ନୀତା ଫୁଟ୍‌ବଲ ଏକାଡେମୀର ଖେଳାଳିମାନଙ୍କୁ ସ୍ୱାଗତ କରାଯିବା ସହ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି।

## ବିବାହ ବନ୍ଧନରେ ବାନ୍ଧିହେଲେ କ୍ରିକେଟର ଭେଙ୍କଟେଶ ଆୟର



**ନୂଆଦିଲ୍ଲୀ**

ଇଣ୍ଡିୟନ ପ୍ରିମିୟର ଲିଗ୍ ଫାଇନାଲରେ ହାଇଦ୍ରାବାଦ ବିପକ୍ଷରେ ମ୍ୟାଚ୍ ଖେଳି ଅଲରାଉଣ୍ଡର ଭେଙ୍କଟେଶ ଆୟର କୋଲକାତା ନାଇଟ ରାଇଡର୍ସ (କେକେଆର)କୁ ଚାମ୍ପିଅନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥିଲେ। ଏହି ସଫଳତା ପାଇଁ ତାଙ୍କୁ ଅନେକ ଶୁଭେଚ୍ଛା ବାର୍ତ୍ତା ଆସିଥିଲା। ଏହି କ୍ରମରେ ତାଙ୍କ ଝୋଲିରେ ଆଉ ଏକ ଖୁସି ଭରି ଯାଇଛି। ସେ ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି। ଭେଙ୍କଟେଶ ଆୟରଙ୍କ ବିବାହ ଫଟୋ ସୋସିଆଲ ମିଡିଆ ଜରିଆରେ ସାମ୍ନାକୁ ଆସିଛି।

ରିପୋର୍ଟ ଅନୁସାରେ, ଭେଙ୍କଟେଶ ଆୟରଙ୍କ ଶ୍ରୁତି ରଘୁନାଥନଙ୍କ ସହିତ ଗତବର୍ଷ ନିର୍ବନ୍ଧ ସରିଥିବା ବେଳେ ଦୁହିଁଙ୍କ ବିବାହ ସମ୍ପନ୍ନ ହୋଇଛି। ଏହି ବିବାହରେ ବର ଓ କନ୍ୟା ଉଭୟଙ୍କ ପରିବାର ଲୋକ ଓ ବନ୍ଧୁବାନ୍ଧବ ଉପସ୍ଥିତ ଥିଲେ। ଭେଙ୍କଟେଶ ପତ୍ନୀ ଶ୍ରୁତି ରଘୁନାଥନଙ୍କ କଥା କହିବାକୁ ଗଲେ ସେ ବେଙ୍ଗାଲୁରୁରେ ଲାଇଫଷ୍ଟାଇଲ ଇଣ୍ଟରନ୍ୟାସନାଲ ପ୍ରାଇଭେଟ ଲିମିଟେଡ୍‌ରେ କାମ କରନ୍ତି। ଦୁହିଁଙ୍କ ମଧ୍ୟରେ ପରିଚୟ ଜଣେ କମନ ସାଙ୍ଗଙ୍କ ଦ୍ୱାରା ହୋଇଥିଲା। କିଛିଦିନର ବନ୍ଧୁତା ପରେ ଭେଙ୍କଟେଶ ଓ ଶ୍ରୁତି ପରସ୍ପରର ପ୍ରେମରେ ପଡ଼ି ବିବାହ କରିବାକୁ ସ୍ଥିର କରିଥିଲେ। ବିବାହ ପ୍ରସ୍ତାବ ନିଜନିଜ ଘରେ ଜଣାଇଥିଲେ। ଦୁଇ ପରିବାର ବି ଉଭୟଙ୍କ ପ୍ରସ୍ତାବରେ ରାଜି ହୋଇଯାଇଥିଲେ। ଭେଙ୍କଟେଶ ଓ ଶ୍ରୁତିଙ୍କ କିଛି ଜରୁରୀ କାମ ଥିଲା। ତା'କୁ ଶେଷ କଲା ପରେ ଦୁହେଁ ୨୦୨୪ରେ ବିବାହ କରିବେ ବୋଲି ନିଷ୍ପତ୍ତି ନେଇଥିଲେ।

## ଭାରତକୁ ଚେତାବନୀ ଦେଲେ ପାକିସ୍ତାନ ଅଧିନାୟକ

**ନ୍ୟୁୟର୍କ**

ଭାରତ ଏବଂ ପାକିସ୍ତାନ ମଧ୍ୟରେ ମ୍ୟାଚ୍ ଜୁନ ୯ରେ ନ୍ୟୁୟର୍କର ନାସାଉ କ୍ରିକେଟ ଷ୍ଟାଡିୟମରେ ଖେଳାଯିବ। ଭାରତ-ପାକ୍ ମ୍ୟାଚ୍ ବିଷୟରେ ଅନେକ ଆଲୋଚନା ଚାଲିଛି। ଏହି ଆଲୋଚନା ମଧ୍ୟରେ ପାକିସ୍ତାନ ଦଳର ଅଧିନାୟକ ବାବର ଆଜମ ଭାରତକୁ ଚେତାବନୀ ଦେଇଛନ୍ତି। ସେ କହିଛନ୍ତି, ମୁଁ ଜାଣେ ଯେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ହେବାକୁ ଥିବା ମ୍ୟାଚ୍ ଅନ୍ୟ ମ୍ୟାଚ୍ ଅପେକ୍ଷା ଅଧିକ ଆଲୋଚନାରେ ଅଛି। ଏଥିପାଇଁ ଏକ ଭିନ୍ନ ପ୍ରକାରର ବାତାବରଣ ସୃଷ୍ଟି ହୋଇଛି। କ୍ରିକେଟ ପ୍ରଶଂସକମାନେ ମଧ୍ୟ ନିଜ ଦେଶକୁ ସମର୍ଥନ କରୁଛନ୍ତି। ଏହା ସହ ଜଡ଼ିତ ଉତ୍ସାହିତ ପ୍ରଶଂସକ ଏବଂ ଖେଳାଳିଙ୍କୁ ନର୍ଭସ କରିଥାଏ। ଖେଳାଳିମାନେ ଚାପକୁ ନିୟନ୍ତ୍ରଣ କଲେ, ସେମାନଙ୍କ ପାଇଁ ଖେଳିବା ସହଜ ହେବ।

ପାକିସ୍ତାନୀ ଅଧିନାୟକ ତାଙ୍କ ମତ ଜାରି କରି କହିଛନ୍ତି, ଏହି ମ୍ୟାଚ୍‌ରେ ବହୁତ ଚାପ ରହିଛି। ଯଦି ଖେଳାଳିମାନେ ଧୈର୍ଯ୍ୟବାନ ରୁହନ୍ତି ଏବଂ ସେମାନଙ୍କ ଦକ୍ଷତା ଉପରେ ଆତ୍ମବିଶ୍ୱାସ ରଖନ୍ତି, ତେବେ ଜିତିବା ସହଜ ହେବ। ୨୦୨୨ରେ, ଭାରତ ବିପକ୍ଷରେ ମ୍ୟାଚ୍‌ରେ ମୁଁ ଭାବୁଛି ଆମକୁ ଏକ ଭଲ ସୁଯୋଗ ମିଳିଥିଲା। ଆମକୁ ଜିତିବା ଉଚିତ୍ ଥିଲା। କିନ୍ତୁ ସେମାନେ ସଫଳ ହୋଇଥିଲେ। ଜିମ୍ବାୱେ ବିପକ୍ଷରେ ପରାଜୟ ଅଧିକ ଯନ୍ତ୍ରଣାଦାୟକ ଥିଲା। କାରଣ ଆମେ ଭାରତ ବିପକ୍ଷରେ ଭଲ କ୍ରିକେଟ ଖେଳିଥିଲୁ ଏବଂ ଲୋକମାନେ ଆମର ପ୍ରଦର୍ଶନକୁ ପ୍ରଶଂସା କରୁଥିଲେ। ଏଥର କିନ୍ତୁ ଆମେ ଭଲ ଖେଳିବୁ ଏବଂ ଭାରତ ବିପକ୍ଷରେ ବିଜୟ ହାସଲ କରିବାକୁ ସମସ୍ତ ପ୍ରକାର ଚେଷ୍ଟା କରିବୁ।



ସୂଚନାଯୋଗ୍ୟ, ଆଜି ପର୍ଯ୍ୟନ୍ତ ଟି-୨୦ ବିଶ୍ୱକପରେ ଭାରତ ଏବଂ ପାକିସ୍ତାନ ୭ଥର ମୁହାଁମୁହିଁ ହୋଇଛନ୍ତି, ଯେଉଁଥିରୁ ପାକିସ୍ତାନୀ ଦଳ କେବଳ ଥରେ ବିଜୟ ହାସଲ କରିବାରେ ସକ୍ଷମ ହୋଇଛି।

## ଆମେରିକୀୟଙ୍କୁ କ୍ରିକେଟ ଶିଖାଇଲେ ଯୁବି

**ନୂଆଦିଲ୍ଲୀ**

ଆମେରିକାରେ ଟ୍ୱେଣ୍ଟି-୨୦ ବିଶ୍ୱକପ ଆୟୋଜିତ ହେଉଥିଲେ ମଧ୍ୟ କ୍ରିକେଟ ସେଠାରେ ସେତେଟା ଲୋକପ୍ରିୟ ନୁହେଁ। ଏଣୁ ଏକ ଟେଲିଭିଜନ କାର୍ଯ୍ୟକ୍ରମରେ ପୂର୍ବତନ ଭାରତୀୟ ଅଲରାଉଣ୍ଡର ଯୁବରାଜ ସିଂହ କିଛି ଆମେରିକୀୟ କ୍ରିକେଟ୍‌ପ୍ରେମୀଙ୍କୁ କ୍ରିକେଟ ଶିଖାଉଥିବା ଦେଖିବାକୁ ମିଳିଛି। ଲୋକପ୍ରିୟ ଆମେରିକୀୟ ଟେଲିଭିଜନ କାର୍ଯ୍ୟକ୍ରମ ଗୁଡ୍ ମର୍ଣ୍ଣିଂ ଆମେରିକାରେ ଉପସ୍ଥାପକ ମାଇକେଲ ଆନ୍ଥୋନୀ ଷ୍ଟ୍ରାହନ ଏବଂ ଚର୍ଚ୍ଚିତ ପାଣିପାଗ ଖବର ପରିବେଷଣକାରୀ ସାମ ଚାମ୍ପମ୍ୟାନ୍‌ଙ୍କ ସହ ଯୋଗଦେଇ ଯୁବରାଜ ଦର୍ଶକମାନଙ୍କୁ କ୍ରିକେଟ ଓ ବେସ୍‌ବଲ ମଧ୍ୟରେ ଥିବା ପାର୍ଥକ୍ୟ ବୁଝାଇଥିଲେ। ସେହିଭଳି ଅଧିକରୁ ଅଧିକ ସଂଖ୍ୟାରେ ଟ୍ୱେଣ୍ଟି-୨୦ ବିଶ୍ୱକପ୍ ମ୍ୟାଚ୍ ଦେଖିବାକୁ ଆମେରିକୀୟଙ୍କୁ ଆହ୍ୱାନ କରିଥିଲେ।

# କନ୍ୟାକୁମାରୀରେ ସାଧନାରୁ ଜନ୍ମ ନେଲା ନୂଆ ସଂକଳ୍ପ



**ଶ୍ରୀ ନରେନ୍ଦ୍ର ମୋଦୀ**
**ପ୍ରଧାନମନ୍ତ୍ରୀ**

ମୋର ପ୍ରିୟ ଦେଶବାସୀଗଣ,

ଗଣତନ୍ତ୍ରର ଜନନୀରେ ଗଣତନ୍ତ୍ରର ସବୁଠାରୁ ବଡ଼ ପର୍ବ ଜୁନ୍ ପହିଲାରେ ପୂରଣ ହୋଇଛି। କନ୍ୟାକୁମାରୀରେ ତିନି ଦିନର ଆଧ୍ୟାତ୍ମିକ ଯାତ୍ରା ପରେ ମୁଁ ଏବେ ଦିଲ୍ଲୀ ଅଭିମୁଖେ ବିମାନରେ ଚଢ଼ିଛି। କାଶୀ ସମେତ ଅନେକ ଆସନରେ ମତଦାନ ଚାଲିଛି। ଅନେକ ଅଭିଜ୍ଞତା ଅଛି, ଅନେକ ଅନୁଭୂତି ବି ଅଛି... ମୁଁ ନିଜ ଭିତରେ ଅସୀମ ଶକ୍ତିର ପ୍ରବାହ ଅନୁଭବ କରୁଛି ।

ବାସ୍ତବରେ ଏହି ୨୪ ନିର୍ବାଚନରେ ଅନେକ ସୁଖଦ ସଂଯୋଗ ଦେଖିବାକୁ ମିଳିଛି। ଅମୃତକାଳର ଏହି ପ୍ରଥମ ଲୋକସଭା ନିର୍ବାଚନରେ ମୁଁ ୧୮୫୭ ମସିହାର ପ୍ରଥମ ସ୍ୱାଧୀନତା ସଂଗ୍ରାମର ପ୍ରେରଣାସ୍ଥଳୀ ମେରଠରୁ ପ୍ରଚାର ଆରମ୍ଭ କରିଥିଲି। ମା' ଭାରତୀର ପରିକ୍ରମା କରି ଏହି ନିର୍ବାଚନର ମୋର ଶେଷ ସଭା ପଞ୍ଜାବର ହୋସିଆରପୁରଠାରେ ଅନୁଷ୍ଠିତ ହୋଇଥିଲା। ସନ୍ଥ ରବିଦାସଜୀଙ୍କ ତପୋଭୂମିରେ, ଆମ ଗୁରୁମାନଙ୍କ ଭୂମି ପଞ୍ଜାବରେ ଶେଷ ସଭା ହେବାର ସୌଭାଗ୍ୟ ମଧ୍ୟ ଅତ୍ୟନ୍ତ ସ୍ୱତନ୍ତ୍ର। ଏହାପରେ କନ୍ୟାକୁମାରୀରେ ଭାରତ ମାତାଙ୍କ ଚରଣରେ ବସିବାର ସୁଯୋଗ ପାଇଥିଲି। ସେହି ପ୍ରାରମ୍ଭିକ ମୁହୂର୍ତ୍ତରେ ମୋ ମନରେ ନିର୍ବାଚନର କୋଳାହଳ ଗୁଞ୍ଜରିତ ହେଉଥିଲା। ସଭା, ସଡ଼କ ଶୋଭାଯାତ୍ରାରେ ମୁଁ ଦେଖିଥିବା ଅଗଣିତ ଚେହେରା ମୋ ଆଖି ସାମ୍ନାକୁ ଆସୁଥିଲା। ମା', ଭଉଣୀ ଓ ଝିଅମାନଙ୍କର ଅସୀମ ସ୍ନେହର ସେହି ଜୁଆର, ସେମାନଙ୍କ ଆଶୀର୍ବାଦ... ସେହି ବିଶ୍ୱାସ, ଯାହା ସେମାନଙ୍କ ଆଖିରେ ମୋ ପାଇଁ ପ୍ରତିଫଳିତ ହୋଇଥିଲା ... ମୁଁ ସବୁ କିଛି ଅନୁଭବ କରୁଥିଲି। ମୋ ଆଖି ଆର୍ଦ୍ର ହୋଇଯାଇଥିଲା... ମୁଁ ଶୂନ୍ୟତା ଭିତରକୁ ଯାଉଥିଲି, ସାଧନାରେ ପ୍ରବେଶ କରୁଥିଲି।

ଅଳ୍ପ କିଛି ମୁହୂର୍ତ୍ତରେ ରାଜନୈତିକ ବିବାଦ, ଆକ୍ଷେପ ଓ ପ୍ରତିଆକ୍ଷେପ... ଅଭିଯୋଗର ସ୍ୱର ଓ ଶବ୍ଦ ଶୂନ୍ୟତା ଭିତରେ ସମାହିତ ହୋଇଯାଇଥିଲା। ମନରେ ଥିବା ବୈରାଗ୍ୟ ଭାବନା ଆହୁରି ତୀବ୍ର ହୋଇଗଲା... ମୋ ମନ ବାହ୍ୟ ଜଗତରୁ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଗଲା।

ଏତେ ବଡ଼ ଦାୟିତ୍ୱ ମଧ୍ୟରେ ଏଭଳି ସାଧନା କଷ୍ଟକର, କିନ୍ତୁ କନ୍ୟାକୁମାରୀର ମାଟି ଏବଂ ସ୍ୱାମୀ ବିବେକାନନ୍ଦଙ୍କ ପ୍ରେରଣା ଏହାକୁ ସହଜ କରିଦେଇଥିଲା। ମୁଁ ମଧ୍ୟ ମୋ କାଶୀ ଭୋଟରଙ୍କ ଚରଣରେ ସାଂସଦ ଭାବେ ମୋର ନିର୍ବାଚନକୁ ଛାଡ଼ି ଏଠାକୁ ଆସିଥିଲି।

ମୁଁ ଭଗବାନଙ୍କ ନିକଟରେ କୃତଜ୍ଞ ଯେ ସେ ମୋତେ ଜନ୍ମରୁ ଏହି ସଂସ୍କାର ଦେଇଛନ୍ତି। ମୁଁ ଏହା ମଧ୍ୟ ଭାବୁଥିଲି ଯେ ସ୍ୱାମୀ ବିବେକାନନ୍ଦ ଜୀ ସେହି ସ୍ଥାନରେ ତାଙ୍କ ସାଧନା ସମୟରେ କ'ଣ ଅନୁଭବ କରିଥିବେ ! ମୋ ସାଧନାର କିଛି ଅଂଶ ଏହି ପ୍ରକାର ବିଚାରରେ ପ୍ରବାହିତ ହେଲା।

ଏହି ବୈରାଗ୍ୟ ମଧ୍ୟରେ, ଶାନ୍ତି ଏବଂ ନିରବତା ମଧ୍ୟରେ, ମୁଁ ଭାରତର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଭାରତର ଲକ୍ଷ୍ୟ ପାଇଁ ନିରନ୍ତର ବିଚାରରେ ବୁଡ଼ି ରହିଥିଲି। କନ୍ୟାକୁମାରୀର ଉଦୀୟମାନ ସୂର୍ଯ୍ୟ ମୋ ବିଚାରକୁ ନୂତନ ଉଚ୍ଚତା ଦେଇଥିଲା, ସମୁଦ୍ରର ବିଶାଳତା ମୋ ବିଚାରକୁ ବିସ୍ତାର କରିଥିଲା, ଆଉ ଦିଗନ୍ତର ବିସ୍ତାର ମୋତେ ବ୍ରହ୍ମାଣ୍ଡର ଗଭୀରତାରେ ଥିବା ଏକାତ୍ମ ଭାବନା ଏବଂ ମୁକ୍ତ ବିଚାର ବିଷୟରେ ନିରନ୍ତର ଅନୁଭବ କରାଇଥିଲା। ଲାଗୁଥିଲା, ଯେମିତି କିଛି ଦଶନ୍ଧି ପୂର୍ବେ ହିମାଳୟ କୋଳରେ କରିଥିବା ଚିନ୍ତନ ଓ ଅନୁଭୂତି ପୁନର୍ଜୀବିତ ହେଉଛି।

ସାଥୀମାନେ,

କନ୍ୟାକୁମାରୀର ଏହି ସ୍ଥାନ ସବୁବେଳେ ମୋ ମନର ଅତି ନିକଟତର ରହିଆସିଛି। କନ୍ୟାକୁମାରୀଠାରେ ବିବେକାନନ୍ଦ ଶିଳା ସ୍ମାରକୀକୁ ଶ୍ରୀ ଏକନାଥ ରାନାଡେ ଜୀ ନିର୍ମାଣ କରାଇଥିଲେ। ଏକନାଥଜୀଙ୍କ ସହ ମୋତେ ବହୁତ ଭ୍ରମଣ କରିବାର ସୁଯୋଗ ମିଳିଥିଲା। ଏହି ସ୍ମାରକୀ ନିର୍ମାଣ ସମୟରେ କିଛି ସମୟ କନ୍ୟାକୁମାରୀରେ ରହିବା ଓ ଦର୍ଶନ କରିବା ସ୍ୱାଭାବିକ ଥିଲା।

କାଶ୍ମୀରରୁ କନ୍ୟାକୁମାରୀ... ପ୍ରତ୍ୟେକ ଦେଶବାସୀଙ୍କ ହୃଦୟରେ ଏହା ହେଉଛି ଆମର ସାଧାରଣ ପରିଚୟ। ଏହା ହେଉଛି ସେହି ଶକ୍ତିପୀଠ ଯେଉଁଠାରେ ମା' ଶକ୍ତି କନ୍ୟାକୁମାରୀ ଭାବରେ ଅବତାର ନେଇଥିଲେ। ଏହି ଦକ୍ଷିଣ ପ୍ରାନ୍ତରେ ମା' ଶକ୍ତି ତପସ୍ୟା କରି ଭାରତର ଉତ୍ତର ପ୍ରାନ୍ତରେ ହିମାଳୟରେ ବସିଥିବା ଭଗବାନ ଶିବଙ୍କୁ ଅପେକ୍ଷା କରି ରହିଥିଲେ।

କନ୍ୟାକୁମାରୀ ହେଉଛି ସଙ୍ଗମସ୍ଥଳୀର ଭୂମି। ଆମ ଦେଶର ପବିତ୍ର ନଦୀଗୁଡ଼ିକ ବିଭିନ୍ନ ସମୁଦ୍ରରେ ମିଶିଥାନ୍ତି ଏବଂ ଏଠାରେ ସେହି ସମୁଦ୍ରମାନେ ମିଶିଛନ୍ତି। ଏଠାରେ ଆଉ ଏକ ମହାନ ସମାଗମ ହୋଇଥାଏ - ଭାରତର ଆଦର୍ଶଗତ ସଙ୍ଗମ !

ବିବେକାନନ୍ଦ ଶିଳା ସ୍ମାରକୀ ସହିତ ସନ୍ଥ ତିରୁୱଲ୍ଲୁବରଙ୍କର ଏକ ବିଶାଳ ପ୍ରତିମୂର୍ତ୍ତି, ଗାନ୍ଧୀ ମଣ୍ଡପମ୍ ଏବଂ କାମରାଜର୍ ମଣି ମଣ୍ଡପମ୍ ରହିଛି। ମହାନ ବୀରମାନଙ୍କର ବିଚାର ଏଠାରେ ରାଷ୍ଟ୍ର ଚିନ୍ତନର ସଂଗମ ସୃଷ୍ଟି କରିଥାଏ। ଏହା ଦ୍ୱାରା ରାଷ୍ଟ୍ର ନିର୍ମାଣ ପାଇଁ ମହାନ ପ୍ରେରଣା ସୃଷ୍ଟି ହୋଇଥାଏ। ଯେଉଁମାନେ ଭାରତ ଓ ରାଷ୍ଟ୍ରର ଏକତା ଉପରେ ସନ୍ଦେହ କରନ୍ତି, ସେମାନଙ୍କୁ କନ୍ୟାକୁମାରୀର ଏହି ଭୂମି ଏକତାର ଏକ ଅବିସ୍ମରଣୀୟ ବାର୍ତ୍ତା ଦେଇଥାଏ।

କନ୍ୟାକୁମାରୀରେ ଥିବା ସନ୍ଥ ତିରୁୱଲ୍ଲୁବରଙ୍କ ବିଶାଳ ପ୍ରତିମୂର୍ତ୍ତି ସମୁଦ୍ରରୁ ମା' ଭାରତୀଙ୍କ ବିସ୍ତାରକୁ ଦେଖୁଥିବା ପ୍ରତୀୟମାନ ହୋଇଥାଏ। ତାଙ୍କ ରଚନା 'ତିରୁକୁରଲ' ତାମିଲ ସାହିତ୍ୟର ରତ୍ନ ସହ ଜଡ଼ିତ ଏକ ମୁକୁଟ ପରି । ଏଥିରେ ଜୀବନର ପ୍ରତ୍ୟେକ ଦିଗକୁ ବର୍ଣ୍ଣନା କରାଯାଇଛି, ଯାହା ଆମକୁ ନିଜ ପାଇଁ ଏବଂ ଦେଶ ପାଇଁ ସର୍ବଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ପ୍ରେରଣା ଦେଇଥାଏ। ଏପରି ଜଣେ ମହାନ ବ୍ୟକ୍ତିତ୍ୱଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ମଧ୍ୟ ମୋର ବଡ଼ ସୌଭାଗ୍ୟ।

ସାଥୀମାନେ,

ସ୍ୱାମୀ ବିବେକାନନ୍ଦ କହିଥିଲେ- ପ୍ରତ୍ୟେକ ରାଷ୍ଟ୍ରର ଏକ ବାର୍ତ୍ତା ଥାଏ, ପୂରଣ କରିବା ଲାଗି ଏକ ଲକ୍ଷ୍ୟ ଥାଏ, ପହଞ୍ଚିବା ପାଇଁ ଏକ ଭାଗ୍ୟ ଥାଏ।

ହଜାର ହଜାର ବର୍ଷ ଧରି ଭାରତ ଏହି ଭାବନା ସହିତ ସାର୍ଥକ ଉଦ୍ଦେଶ୍ୟ ନେଇ ଆଗେଇ ଚାଲିଛି। ଭାରତ ହଜାର ହଜାର ବର୍ଷ ଧରି ବିଭିନ୍ନ ବିଚାରର ଗବେଷଣା କେନ୍ଦ୍ର ପାଲଟିଛି। ଆମେ ଆର୍ଥିକ କିମ୍ବା ଭୌତିକ ମାନଦଣ୍ଡରେ ଯାହା ଅର୍ଜିତ କରିଥିଲୁ ତାହାକୁ ଆମର ବ୍ୟକ୍ତିଗତ ପୁଞ୍ଜି କେବେ ବି ଭାବିନାହୁଁ। ସେଥିପାଇଁ 'ଇଦଂ ନ ମମ' ଏହା ଭାରତ ଚରିତ୍ରର ଏକ ପ୍ରାକୃତିକ ଓ ସ୍ୱାଭାବିକ ଅଙ୍ଗ ପାଲଟିଯାଇଛି।

ଭାରତର କଲ୍ୟାଣ ମାଧ୍ୟମରେ ବିଶ୍ୱକଲ୍ୟାଣ ଏବଂ ଭାରତର ପ୍ରଗତି ମାଧ୍ୟମରେ ବିଶ୍ୱର ପ୍ରଗତି, ସ୍ୱାଧୀନତା ଆନ୍ଦୋଳନ ମଧ୍ୟ ଏହାର ଏକ ବଡ଼ ଉଦାହରଣ । ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ଭାରତ ସ୍ୱାଧୀନ ହୋଇଥିଲା। ସେତେବେଳେ ପୃଥିବୀର ଅନେକ ଦେଶ ଦାସତ୍ୱରେ ଥିଲେ । ଭାରତର ସ୍ୱାଧୀନତା ମଧ୍ୟ ସେହି ଦେଶଗୁଡ଼ିକୁ ପ୍ରେରଣା ଦେଇଥିଲା ଓ ସୁଦୃଢ଼ କରିଥିଲା ଫଳରେ ସେମାନେ ସ୍ୱାଧୀନତା ପାଇଥିଲେ। ନିକଟରେ କରୋନା ଭଳି କଠିନ ସମୟର ଉଦାହରଣ ମଧ୍ୟ ଆମ ସାମ୍ନାରେ ରହିଛି। ଯେତେବେଳେ ଗରିବ ଏବଂ ବିକାଶଶୀଳ ଦେଶଗୁଡ଼ିକ ବିଷୟରେ ଆଶଙ୍କା ପ୍ରକାଶ କରାଯାଉଥିଲା, ଭାରତର ସଫଳ ପ୍ରୟାସ ସେସବୁ ଦେଶକୁ ଉତ୍ସାହିତ କରିଥିଲା ଏବଂ ସେମାନଙ୍କୁ ସହଯୋଗ ମଧ୍ୟ ମିଳିଲା।



ଆଜି ଭାରତର ଶାସନ ମଡେଲ ବିଶ୍ୱର ଅନେକ ଦେଶ ପାଇଁ ଉଦାହରଣ ପାଲଟିଛି। ମାତ୍ର ୧୦ ବର୍ଷ ମଧ୍ୟରେ ୨୫ କୋଟି ଲୋକଙ୍କୁ ଦାରିଦ୍ର୍ୟମୁକ୍ତ କରିବା ଅଭୂତପୂର୍ବ। ଜନହିତକର ସୁଶାସନ, ଆକାଂକ୍ଷୀ ଜିଲ୍ଲା, ଆକାଂକ୍ଷୀ ବ୍ଲକ ଭଳି ଅଭିନବ ପରୀକ୍ଷଣ ଆଜି ବିଶ୍ୱରେ ଚର୍ଚ୍ଚାର ବିଷୟ ପାଲଟିଛି। ଗରିବଙ୍କୁ ସଶକ୍ତ କରିବାଠାରୁ ଆରମ୍ଭ କରି ଅନ୍ତିମ ସୋପାନରେ ସୁବିଧା ଓ ସେବା ପହଞ୍ଚାଇବା ପର୍ଯ୍ୟନ୍ତ ଅନ୍ତିମ ପଙ୍କ୍ତିରେ ଥିବା ବ୍ୟକ୍ତିଙ୍କୁ ପ୍ରାଥମିକତା ଦେବା ପାଇଁ ଆମର ପ୍ରୟାସ ବିଶ୍ୱକୁ ପ୍ରେରଣା ଦେଇଛି। ଆମେ କିପରି ଗରିବମାନଙ୍କୁ ସଶକ୍ତ କରିବା, ସ୍ୱଚ୍ଛତା ଆଣିବା ଏବଂ ସେମାନଙ୍କୁ ଅଧିକାର ଦେବା ପାଇଁ ପ୍ରଯୁକ୍ତିର ବ୍ୟବହାର କରିପାରିଛୁ, ବିଶ୍ୱ ପାଇଁ ତାହାର ଏକ ଶ୍ରେଷ୍ଠ ଉଦାହରଣ ପାଲଟିଛି ଭାରତର ଡିଜିଟାଲ ଇଣ୍ଡିଆ ଅଭିଯାନ। ଭାରତରେ ଶସ୍ତା ଡାଟା ଗରିବ ଲୋକଙ୍କୁ ସୂଚନା ଓ ସେବା ମିଳିବା ସୁନିଶ୍ଚିତ କରି ସାମାଜିକ ସମାନତାର ମାଧ୍ୟମ ପାଲଟିଛି। ସମଗ୍ର ବିଶ୍ୱ ପ୍ରଯୁକ୍ତିବିଦ୍ୟାର ଏହି ସାର୍ବଜନୀନକରଣକୁ ଗବେଷଣା ଦୃଷ୍ଟିକୋଣରୁ ଦେଖୁଛି ଏବଂ ବଡ଼ ବଡ଼ ବୈଶ୍ୱିକ ସଂଗଠନମାନେ ଆମ ମଡେଲରୁ ଶିଖିବା ପାଇଁ ଅନେକ ଦେଶକୁ ପରାମର୍ଶ ଦେଉଛନ୍ତି।

ଆଜି ଭାରତର ପ୍ରଗତି ଏବଂ ଭାରତର ଉନ୍ନତି କେବଳ ଭାରତ ପାଇଁ ଏକ ବଡ଼ ସୁଯୋଗ ନୁହେଁ। ସମଗ୍ର ବିଶ୍ୱରେ ଥିବା ଆମର ସମସ୍ତ ସାଥୀ ଦେଶ ମାନଙ୍କ ପାଇଁ ମଧ୍ୟ ଏହା ଏକ ଐତିହାସିକ ଅବସର। ଜି-୨୦ର ସଫଳତା ପରେ ଭାରତର ଏହି ଭୂମିକାକୁ ବିଶ୍ୱ ଅଧିକ ମୁଖର ହୋଇ ଗ୍ରହଣ କରୁଛି। ଆଜି ଭାରତ ଗ୍ଲୋବାଲ୍ ସାଉଥ୍ ବା ଦକ୍ଷିଣ ବିଶ୍ୱର ଏକ ଶକ୍ତିଶାଳୀ ଏବଂ ଗୁରୁତ୍ୱପୂର୍ଣ୍ଣ ସ୍ୱର ଭାବରେ ସ୍ୱୀକୃତି ହାସଲ କରିଛି। ଭାରତର ଉଦ୍ୟମରେ ଆଫ୍ରିକୀୟ ସଂଘ ଜି-୨୦ ରାଷ୍ଟ୍ର ଗୋଷ୍ଠୀରେ ସାମିଲ ହୋଇଥିଲା। ଏହା ସମସ୍ତ ଆଫ୍ରିକୀୟ ଦେଶର ଭବିଷ୍ୟତ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମୋଡ଼ ସାବ୍ୟସ୍ତ ହୋଇଛି।

ବନ୍ଧୁଗଣ,

ନୂଆ ଭାରତର ଏହି ରୂପ ଆମକୁ ଗର୍ବ ଓ ଗୌରବରେ ଭରି ଦେଇଥାଏ, କିନ୍ତୁ ଏହା ସହିତ ୧୪୦ କୋଟି ଦେଶବାସୀଙ୍କୁ ନିଜ କର୍ତ୍ତବ୍ୟର ମଧ୍ୟ ଅନୁଭବ କରାଇଥାଏ। ଏବେ ଗୋଟିଏ ମୁହୂର୍ତ୍ତ ବି ନଷ୍ଟ ନକରି ଆମକୁ ବଡ଼ ଦାୟିତ୍ୱ ଓ ବଡ଼ ଲକ୍ଷ୍ୟ ଦିଗରେ ପଦକ୍ଷେପ ନେବାକୁ ପଡ଼ିବ। ଆମର ନୂଆ ସ୍ୱପ୍ନ ଅଛି। ନିଜ ସ୍ୱପ୍ନକୁ ନିଜ ଜୀବନ ଭାବେ ଗ୍ରହଣ କରନ୍ତୁ ଏବଂ ସେହି ସ୍ୱପ୍ନକୁ ସାକାର କରିବା ଆରମ୍ଭ କରନ୍ତୁ।

ଆମକୁ ଭାରତର ବିକାଶକୁ ଏକ ବିଶ୍ୱ ପରିପ୍ରେକ୍ଷୀରେ ଦେଖିବାକୁ ପଡିବ ଏବଂ ଏଥିପାଇଁ ଆମେ ଭାରତର ଅନ୍ତର୍ନିହିତ ସମ୍ଭାବନାକୁ ବୁଝିବା ଜରୁରୀ। ଆମକୁ ଭାରତର ଶକ୍ତିକୁ ସ୍ୱୀକାର ଏବଂ ସୁଦୃଢ଼ କରିବାକୁ ପଡିବ ଏବଂ ବିଶ୍ୱର ସ୍ୱାର୍ଥ ପାଇଁ ଏହାର ପୂର୍ଣ୍ଣ ଉପଯୋଗ କରିବାକୁ ହେବ। ଆଜିର ବୈଶ୍ୱିକ ପରିସ୍ଥିତିରେ, ଏକ ଯୁବ ରାଷ୍ଟ୍ର ଭାବରେ ଭାରତର ସାମର୍ଥ୍ୟ ଆମ ପାଇଁ ଏକ ଏପରି ସୁଖଦ ସଂଯୋଗ, ଯେଉଁଠାରୁ ଆମକୁ ଆଉ ପଛକୁ ଫେରି ଦେଖିବାକୁ ପଡିବ ନାହିଁ।

ଏକବିଂଶ ଶତାବ୍ଦୀର ବିଶ୍ୱ ଭାରତକୁ ବହୁତ ଆଶାର ସହ ଦେଖୁଛି। ଆହୁରି ବିଶ୍ୱ ପରିପ୍ରେକ୍ଷୀରେ ଆଗକୁ ବଢ଼ିବାକୁ ହେଲେ ଆମକୁ ଅନେକ ପରିବର୍ତ୍ତନ କରିବାକୁ ପଡ଼ିବ। ସଂସ୍କାରକୁ ନେଇ ଆମର ପାରମ୍ପରିକ ଚିନ୍ତାଧାରା ମଧ୍ୟ ଆମକୁ ବଦଳାଇବାକୁ ପଡିବ। ଭାରତ କେବଳ ସଂସ୍କାରକୁ ଆର୍ଥିକ ପରିବର୍ତ୍ତନରେ ସୀମିତ ରଖିପାରିବ ନାହିଁ। ଜୀବନର ପ୍ରତ୍ୟେକ କ୍ଷେତ୍ରରେ ସଂସ୍କାର ଦିଗରେ ଆମକୁ ଆଗକୁ ବଢ଼ିବାକୁ ପଡ଼ିବ। ଆମ ସଂସ୍କାର ମଧ୍ୟ ୨୦୪୭ର ବିକଶିତ ଭାରତ ସଂକଳ୍ପ ସହିତ ସମାନ ହେବା ଉଚିତ୍।

ଆମକୁ ଏହା ମଧ୍ୟ ବୁଝିବାକୁ ହେବ ଯେ ସଂସ୍କାର କେବେ ବି କୌଣସି ଦେଶ ପାଇଁ ଏକ ଅଲଗା ପ୍ରକ୍ରିୟା ହୋଇପାରିବ ନାହିଁ । ସେଥିପାଇଁ ମୁଁ ଦେଶ ନିମନ୍ତେ 'ସଂସ୍କାର, ପ୍ରଦର୍ଶନ ଏବଂ ରୂପାନ୍ତର'ର ଲକ୍ଷ୍ୟ ରଖିଥିଲି। ସଂସ୍କାରର ଦାୟିତ୍ୱ ନେତୃତ୍ୱ ଉପରେ ରହିଛି। ସେହି ଆଧାରରେ ଆମ ଅମଲାତନ୍ତ୍ର କାର୍ଯ୍ୟ କରିଥାଏ ଏବଂ ତା'ପରେ ଯେତେବେଳେ ଜନସାଧାରଣ ଏଥିରେ ସାମିଲ ହୁଅନ୍ତି, ସେତେବେଳେ ଆମେ ପରିବର୍ତ୍ତନ ଘଟୁଥିବା ଦେଖିଥାଉ।

ଭାରତକୁ ଏକ ବିକଶିତ ଭାରତରେ ପରିଣତ କରିବାକୁ ହେଲେ ଆମକୁ ଶ୍ରେଷ୍ଠତାକୁ ମୌଳିକ ଭାବନା ରୂପେ ଗ୍ରହଣ କରିବାକୁ ପଡିବ। ଆମକୁ ସ୍ପିଡ୍, ସ୍କେଲ୍, ସ୍କୋପ୍ ଓ ଷ୍ଟାଣ୍ଡାର୍ଡ ଅର୍ଥାତ୍ ଗତି, ବ୍ୟାପକତା, ସୁଯୋଗ ଓ ମାନ, ଏସବୁ ଦିଗରେ ଦ୍ରୁତ ଗତିରେ କାମ କରିବାକୁ ପଡ଼ିବ। ଆମକୁ ଉତ୍ପାଦନ ସହିତ ଗୁଣବତ୍ତା ଉପରେ ଗୁରୁତ୍ୱ ଦେବାକୁ ପଡିବ, ଆମକୁ ତ୍ରୁଟି ଶୂନ୍ୟ-ପ୍ରଭାବ ଶୂନ୍ୟ ବା ଜିରୋ ଡିଫେକ୍ଟ-ଜିରୋ ଇଫେକ୍ଟ ମନ୍ତ୍ର ଗ୍ରହଣ କରିବାକୁ ପଡିବ।

ସାଥୀମାନେ,

ଆମେ ପ୍ରତି ମୁହୂର୍ତ୍ତରେ ଗର୍ବିତ ହେବା ଉଚିତ ଯେ ଭଗବାନ ଆମକୁ ଭାରତ ମାଟିରେ ଜନ୍ମ ଦେଇଛନ୍ତି । ଭାରତର ସେବା କରିବା ଏବଂ ଏହାର ଶିଖର ଯାତ୍ରାରେ ଆମର ଭୂମିକା ନିର୍ବାହ କରିବାକୁ ଭଗବାନ ଆମକୁ ଚୟନ କରିଛନ୍ତି।

ପ୍ରାଚୀନ ମୂଲ୍ୟବୋଧକୁ ଆଧୁନିକ ସ୍ୱରୂପରେ ଗ୍ରହଣ କରି ଆମକୁ ଆମ ଐତିହ୍ୟକୁ ଆଧୁନିକ ଢଙ୍ଗରେ ପୁନଃ ପରିଭାଷିତ କରିବାକୁ ପଡ଼ିବ।

ଏକ ରାଷ୍ଟ୍ର ଭାବରେ ଆମକୁ ପୁରୁଣା ଚିନ୍ତାଧାରା ଏବଂ ମାନ୍ୟତାକୁ ମଧ୍ୟ ସଂଶୋଧନ କରିବାକୁ ପଡିବ । ଆମ ସମାଜକୁ ପେସାଦାର ନିରାଶାବାଦୀଙ୍କ ଚାପରୁ ଆମକୁ ବାହାର କରିବାକୁ ହେବ। ଆମକୁ ମନେ ରଖିବାକୁ ହେବ ଯେ, ନକାରାତ୍ମକତାରୁ ମୁକ୍ତି ହିଁ ସଫଳତାର ସିଦ୍ଧିରେ ପହଞ୍ଚିବା ପାଇଁ ପ୍ରଥମ ପୁଞ୍ଜି । ସକାରାତ୍ମକତାର କୋଳରେ ହିଁ ସଫଳତା ମିଳିଥାଏ।

ଭାରତର ଅସୀମ ଓ ଅମର ଶକ୍ତି ପ୍ରତି ମୋର ଆସ୍ଥା, ଶ୍ରଦ୍ଧା ଓ ବିଶ୍ୱାସ ଦିନକୁ ଦିନ ବଢିବାରେ ଲାଗିଛି। ମୁଁ ଗତ ୧୦ ବର୍ଷ ମଧ୍ୟରେ ଭାରତର ଏହି ସାମର୍ଥ୍ୟକୁ ଅଧିକ ବୃଦ୍ଧି ପାଉଥିବା ଦେଖିଛି ଏବଂ ଏହାକୁ ଅଧିକ ଅନୁଭବ କରିଛି।

ଆମେ ଯେପରି ବିଂଶ ଶତାବ୍ଦୀର ଚତୁର୍ଥ-ପଞ୍ଚମ ଦଶନ୍ଧିକୁ ସ୍ୱାଧୀନତା ପାଇଁ ବ୍ୟବହାର କରିଥିଲୁ, ଠିକ୍ ସେହିଭଳି ଏକବିଂଶ ଶତାବ୍ଦୀର ଏହି ୨୫ ବର୍ଷରେ ଆମକୁ ଏକ ବିକଶିତ ଭାରତର ଭିତ୍ତିପ୍ରସ୍ତର ସ୍ଥାପନ କରିବାକୁ ପଡ଼ିବ। ସ୍ୱାଧୀନତା ସଂଗ୍ରାମ ସମୟରେ ଦେଶବାସୀଙ୍କ ଆଗରେ ବଳିଦାନର ସମୟ ଆସିଥିଲା। ଆଜି ବଳିଦାନର ସମୟ ନୁହେଁ ବରଂ ନିରନ୍ତର ଯୋଗଦାନର ସମୟ।

ସ୍ୱାମୀ ବିବେକାନନ୍ଦ ୧୮୯୭ ରେ କହିଥିଲେ ଯେ ଆମକୁ ଆଗାମୀ ୫୦ ବର୍ଷ କେବଳ ଦେଶ ପାଇଁ ସମର୍ପିତ କରିବାକୁ ପଡିବ। ତାଙ୍କ ଆହ୍ୱାନର ଠିକ୍ ୫୦ ବର୍ଷ ପରେ ୧୯୪୭ ମସିହାରେ ଭାରତ ସ୍ୱାଧୀନ ହୋଇଥିଲା।

ଆଜି ଆମ ପାଖରେ ଏଭଳି ଏକ ସୁବର୍ଣ୍ଣ ସୁଯୋଗ ରହିଛି। ଆସନ୍ତୁ ଆଗାମୀ ୨୫ ବର୍ଷ କେବଳ ଦେଶକୁ ସମର୍ପିତ କରିବା। ଆମର ଏହି ପ୍ରୟାସ ଆଗାମୀ ପିଢ଼ି ଏବଂ ଆଗାମୀ ଶତାବ୍ଦୀ ପାଇଁ ନୂତନ ଭାରତର ଏକ ମଜଭୁତ ଭିତ୍ତିଭୂମି ଭାବରେ ଅମର ହୋଇ ରହିବ। ଦେଶର ଶକ୍ତିକୁ ଦେଖି ମୁଁ କହିପାରିବି ଯେ ଏହି ଲକ୍ଷ୍ୟ ଅଧିକ ଦୂରରେ ନାହିଁ। ଆସନ୍ତୁ ତୁରନ୍ତ ପଦକ୍ଷେପ ନେବା... ଆସନ୍ତୁ ମିଳିମିଶି ଆଗକୁ ବଢ଼ିବା, ଭାରତକୁ ବିକଶିତ କରିବା।





# ଓଡ଼ିଶାରେ ସିଡିଏସ୍ ଅନୀଲ ଚୌହାନ : ଆଇଏନ୍ଏସ୍ ଚିଲିକା କଲେ ପରିଦର୍ଶନ




**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଓଡିଶା ଗସ୍ତରେ ଆସିଛନ୍ତି ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ) ଅନୀଲ ଚୌହାନ । ସେ ଆଇ.ଏନ.ଏସ. ଚିଲିକା ପରିଦର୍ଶନରେ ଆସିଛନ୍ତି । ସେ ଭାରତୀୟ ନୌସେନାର ଅଗ୍ନିବୀରମାନଙ୍କ ଅଗ୍ରଣୀ ତାଲିମ ଅନୁଷ୍ଠାନ ପରିଦର୍ଶନ କରିଛନ୍ତି । ଭାରତୀୟ ନୌସେନାର ନୌ-ବୀର ମାନଙ୍କ ଭବିଷ୍ୟତ ଗଠନ କରିବାରେ ଆଇଏନଏସ ଚିଲିକା ନିର୍ବାହ କରିଥିବା ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ସିଡିଏସଙ୍କୁ ଅବଗତ କରାଯାଇଛି । ଚିଲିକାରେ ଅଗ୍ନିବୀରମାନଙ୍କୁ ଏପର୍ଯ୍ୟନ୍ତ ବିଭିନ୍ନ ବ୍ୟାଚରେ ଦିଆଯାଇଥିବା ତାଲିମ କାର୍ଯ୍ୟକ୍ରମ ସମ୍ପର୍କରେ ସାମଗ୍ରିକ ବିଶ୍ଳେଷଣାତ୍ମକ ସୂଚନା ପ୍ରଦାନ କରାଯାଇଛି । ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ) ଅନୀଲ ଚୌହାନ ଅଗ୍ନିବୀରମାନଙ୍କ ସହିତ ଭାବ ବିନିମୟ କରିଛନ୍ତି । ସିଡିଏସ ଉଦବୋଧନ ଦେବା ଅବସରରେ ସେ କହିଛନ୍ତି ଯେ, 'ଅଗ୍ନିବୀର ଯୋଜନା' ପ୍ରବର୍ତ୍ତନ କରିବା ପଛରେ ସେନାର ଯୁବ ମାନସିକତାକୁ ବଜାୟ ରଖିବା କାରଣ ରହିଛି । ରାଷ୍ଟ୍ର ନିର୍ମାଣ ନିମନ୍ତେ କୁଶଳୀ, ଶୃଙ୍ଖଳିତ ଏବଂ ଉତ୍ସର୍ଗୀକୃତ ଯୁବଶକ୍ତିଙ୍କର ଆବଶ୍ୟକତା ରହିଛି । ଅଗ୍ନିବୀରମାନେ ତାଲିମ ଉପରେ ଅଧିକ ମନୋନିବେଶ କରିବା ଉଚିତ, ଯାହାଦ୍ୱାରା ସେମାନେ ପ୍ରଯୁକ୍ତି ଦୃଷ୍ଟିରୁ କୁଶଳୀ ନୌଯୋଦ୍ଧାରେ ପରିଣତ ହୋଇପାରିବେ । ଏହି ଭାବ ବିନିମୟ କାର୍ଯ୍ୟକ୍ରମ ଅବସରରେ ସେ ଅଗ୍ନିବୀରମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଛନ୍ତି । ନୌସେନାର ଅଗ୍ନିବୀର ତାଲିମ ଭିତ୍ତିଭୂମି ସମ୍ପର୍କରେ ଅବଗତ ହେବା ନିମନ୍ତେ ସିଡିଏସ ତାଲିମ ସଂସାଧନ ସ୍ଥଳୀ ପରିଦର୍ଶନ କରିଛନ୍ତି । ପରବର୍ତ୍ତୀ ପିଢ଼ିର ନୌଯୋଦ୍ଧା ଗଠନ ନିମନ୍ତେ ଉଚ୍ଚ ଗୁଣାତ୍ମକ ମାନଯୁକ୍ତ ତାଲିମ ପ୍ରଦାନ କରାଯାଉଛି । ସିଡିଏସ ପ୍ରଶିକ୍ଷଣ ଅନୁଷ୍ଠାନର ତାଲିମଦାତାମାନଙ୍କୁ ଅଭିନନ୍ଦନ ଜ୍ଞାପନ କରିଛନ୍ତି ଏବଂ ପରବର୍ତ୍ତୀ ପିଢ଼ିର ନୌସୈନିକଙ୍କ ଉଚ୍ଚ ମାନର ତାଲିମ ପ୍ରଦାନ ପାଇଁ ସେ ପ୍ରଶିକ୍ଷଣ ଅଧ୍ୟାପକଙ୍କୁ ପ୍ରଶଂସା କରିଥିଲେ । ଉଲ୍ଲେଖଯୋଗ୍ୟ ଯେ, ପ୍ରଥମ ବ୍ୟାଚରେ ୨୫୮୫ ଅଗ୍ନିବୀରଙ୍କ ମଧ୍ୟରେ ୨୭୩ ଜଣ ମହିଳା ଥିଲେ । ଦ୍ୱିତୀୟ ବ୍ୟାଚରେ ୨୮୯୫ ଅଗ୍ନିବୀରଙ୍କ ମଧ୍ୟରେ ୪୪୮ ଜଣ ମହିଳା ଆଇଏନଏସ ଚିଲିକାରେ ପ୍ରାରମ୍ଭିକ ତାଲିମ ନେଇ ଭାରତୀୟ ନୌସେନାରେ ନିୟୋଜିତ ଅଛନ୍ତି । ଗତ ମାର୍ଚ୍ଚ ମାସ ୧୫ ତାରିଖରେ ତୃତୀୟ ବ୍ୟାଚ୍ ଅଗ୍ନିବୀର ପ୍ରଶିକ୍ଷାର୍ଥୀଙ୍କ ପାସିଙ୍ଗ୍ ଆଉଟ୍ ପରେଡ ଅନୁଷ୍ଠିତ ହୋଇଥିଲା । ଏହି ବ୍ୟାଚରେ ସମୁଦାୟ ୨୬୩୦ ଅଗ୍ନିବୀରଙ୍କ ମଧ୍ୟରେ ୩୯୬ ଜଣ ମହିଳା ଅଗ୍ନିବୀର ସଫଳତାର ସହ ଶାରୀରିକ ଓ ମାନସିକ ପ୍ରଶିକ୍ଷଣ ନେଇ ଭାରତୀୟ ନୌସେନାରେ ଯୋଗଦାନ କରିଥିଲେ ।

# ଆଉ ଦିନକ ପରେ ଗଣତି : ବଢ଼ୁଛି ହୃଦ୍‌ସ୍ପନ୍ଦନ



**ବାଲିଗୁଡା, ନ୍ୟୁଜ**
ରାଜ୍ୟ ସମେତ ସାରା ଦେଶରେ ଏଥର ସାଧାରଣ ନିର୍ବାଚନ ସକାଶେ ଭୋଗ୍ରହଣ ସରିଛି । ଆଉ ଦିନକ ବିରତି ପରେ ମଙ୍ଗଳବାର ଗଣତି ତାରିଖ । ଆଉ ଏ ନେଇ ସମସ୍ତଙ୍କ ମନରେ ଉତ୍କଣ୍ଠା ବଢ଼ି ଚାଲିଛି । ଭୋଟ୍ ଦେଇଥିବା ମତଦାତା ବେଶ୍ ନିରବତା ଅବଲମ୍ବନ କରୁଥିବା ବେଳେ ଗଣତି ତାରିଖ ଯେତିକି ପାଖେଇ ଆସୁଛି ନେତା ଓ କର୍ମୀମାନଙ୍କ ମଧ୍ୟରେ ବଢ଼ି ଚାଲିଛି ହୃଦ୍‌ସ୍ପନ୍ଦନ । ଚଳିତ ନିର୍ବାଚନକୁ ରାଜ୍ୟରେ ପୂର୍ବାପେକ୍ଷା ଭିନ୍ନ ଧରଣର ଗଣା ହେଉଛି । ବିଜେପି ଓ ବିଜେଡି ମେଣ୍ଟ ଆଲୋଚନାର ବ୍ୟତିକ୍ରମ ସ୍ୱରୂପ ପରସ୍ପର ବିରୁଦ୍ଧରେ ନିର୍ବାଚନ ରଣାଙ୍ଗନରେ କେବଳ ଯେ ଅବତୀର୍ଣ୍ଣ ହୋଇନଥିଲେ ବରଂ ପରସ୍ପରକୁ କଟୁ ସମାଲୋଚନା କରି ତୀବ୍ର ପ୍ରତିଦ୍ୱନ୍ଦିତା କରିଛନ୍ତି । ତୃଣମୂଳସ୍ତରରୁ ଆରମ୍ଭ କରି ଉଚ୍ଚସ୍ତର ପର୍ଯ୍ୟନ୍ତ ଏହି ଆମନାସାମନା ଲଢେଇର ଦୃଶ୍ୟ ଦେଖିବାକୁ ମିଳିଥିଲା । ପ୍ରଧାନମନ୍ତ୍ରୀ ମୋଦୀଙ୍କ ଗ୍ୟାରେଣ୍ଟି ବନାମ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଗ୍ୟାରେଣ୍ଟି ମଧ୍ୟରେ କଡା ଟକ୍କର ଦେଖିବାକୁ ମିଳିଥିଲା । ବିଜେପି-ବିଜେଡି ଟକ୍କର ମଧ୍ୟରେ ଚଳିତ ଥର କଂଗ୍ରେସ ମଧ୍ୟ ବାଦ ପଡ଼ିନାହିଁ । ତଥାପି ଦଳର ତୁଙ୍ଗ ନେତା ରାହୁଲ ଗାନ୍ଧୀ ରାଜ୍ୟରେ ପ୍ରଚାର କରି ପାର୍ଟି ପାଇଁ ଜନସମର୍ଥନ ହାସଲ କରିବାକୁ ଚେଷ୍ଟା କରିଥିଲେ । ଏହାରି ମଧ୍ୟରେ କନ୍ଧମାଳ ଲୋକସଭା ଅନ୍ତର୍ଗତ ୨ଟି ପ୍ରମୁଖ ବିଧାନସଭା ବାଲିଗୁଡା ଓ ଜି. ଉଦୟଗିରି ନିର୍ବାଚନର ଫଳାଫଳକୁ ନେଇ ନେତା ଓ କର୍ମୀଙ୍କ ମଧ୍ୟରେ ଚର୍ଚ୍ଚା ଓ ଆଲୋଚନା ଜୋର୍ ଧରିଛି । କେଉଁ ନେତା କେତେ ପରିମାଣରେ ନିର୍ବାଚନ ପରିଚାଳନା ରେ ସଫଳ ହୋଇଛନ୍ତି ସେହି ଅନୁସାରେ ସେମାନେ ଫଳାଫଳ ପାଇବେ ଏଥିରେ ସନ୍ଦେହ ନାହିଁ । ଆଉ ଏପଟେ ଗଣତି ପୂର୍ବରୁ ସଟ୍ଟା ବଜାରରେ ବାଜି ଲାଗିଲାଣି । କାହାର ପଲା କେତେ ଅଧିକ, ତାକୁ ନେଇ ମଧ୍ୟ ଅନେକ ଆକଳନ କରାଯାଉଛି । ପ୍ରତ୍ୟେକ ଦଳ ନିଜର ପ୍ରାର୍ଥୀଙ୍କ ବିଜୟ ସୁନିଶ୍ଚିତ ବୋଲି ଦାବି କରୁଛନ୍ତି । ଏହାକୁ ନେଇ ରାସ୍ତାଘାଟରୁ ଆରମ୍ଭ କରି ଚାହା ଦୋକାନ, ପାନ ଦୋକାନରେ ବେଶ୍ ଖଟି ଜମୁଛି । ଏପଟେ କାଳେ ଆଇନଶୃଙ୍ଖଳା ପରିସ୍ଥିତି ଉପୁଜିବ ସେହି ଆଶଙ୍କାରେ ପୁଲିସ ପକ୍ଷରୁ କଡା କଡ଼ି ପାଟ୍ରୋଲିଂ, କରାଯାଉଛି । ତେବେ ଇଭିଏମ୍‌ରେ ସିଲ୍ ହୋଇ ରହିଛି ନେତାଙ୍କ ଭାଗ୍ୟ । ୪ ତାରିଖରେ ଖୋଲିବ କାଉଁରୀ ପେଡି । କିଏ କାହା ଉପରେ ଭାରୀ ପଡିବ ତାକୁ ନେଇ ଏବେ ଆକଳନ ଜୋର୍ ଧରିଛି । ତେବେ ନୀରବ ଭୋଟରଙ୍କ ମୁଡ୍‌କୁ ପରଖିବା ନେତାମାନଙ୍କ ପାଇଁ କାଠିକର ହୋଇପଡୁଛି । ତେବେ ସବୁକିଛି ଇଭିଏମ୍ ଖୋଲିଲେ ସ୍ପଷ୍ଟ ହେବ । ଆଉ ତାପୂର୍ବରୁ ରାଜନୀତିରେ ରୁଚି ରଖୁଥିବା ସମସ୍ତ ବ୍ୟକ୍ତିବିଶେଷଙ୍କ ସମେତ ନେତା ଓ ସାଧାରଣ କର୍ମୀଙ୍କ ମନରେ ଉତ୍କଣ୍ଠା ମଧ୍ୟ ବଢ଼ି ଚାଲିଛି ।
ଏହି ପରିପ୍ରେକ୍ଷୀରେ କନ୍ଧମାଳ ଜିଲ୍ଲା ବାଲିଗୁଡା ଉପଖଣ୍ଡ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ଗଣତି ଏଜେଣ୍ଟଙ୍କ ସମ୍ପର୍କରେ ତଥ୍ୟ ଓ କାଗଜପତ୍ର ପ୍ରାର୍ଥୀମାନଙ୍କୁ ମଗାଯାଇଛି । ଗଣତି ଦାୟିତ୍ୱ ରେ ରହିଥିବା ଅଧିକାରୀ ମାନଙ୍କୁ ସମ୍ପୂର୍ଣ୍ଣ ତାଲିମ ପ୍ରଦାନ କାର୍ଯ୍ୟ ସମାପ୍ତ ହୋଇଛି । ଭୋଟ ଗଣତି କେନ୍ଦ୍ର ମଧ୍ୟକୁ ଯିବାକୁ ଥିବା ପାସ ଧାରୀ ବ୍ୟକ୍ତି ବିଶେଷଙ୍କୁ କଡା କଡ଼ି ଯାଞ୍ଚ କରି ଭିତରକୁ ପ୍ରବେଶ କରାଯିବ । ବାଲିଗୁଡାର ୨ଟି ସ୍ଥାନରେ ଭୋଟ ଗଣତି କରାଯିବ ବୋଲି ଉପଖଣ୍ଡ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । କନ୍ଧମାଳ ଲୋକସଭା କ୍ଷେତ୍ରର ବାଲିଗୁଡା ବିଧାନସଭା ନିର୍ବାଚନ ମଣ୍ଡଳୀର ସ୍ଥାନୀୟ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏବଂ ଜି. ଉଦୟଗିରି ବିଧାନସଭା ନିର୍ବାଚନ ମଣ୍ଡଳୀର ସ୍ଥାନୀୟ ଆଦିବାସୀ ମହାବିଦ୍ୟାଳୟ ପରିସରରେ ୪ ତାରିଖ ସକାଳ ୮ ଟାରୁ ଭୋଟ ଗଣତି ଆରମ୍ଭ ହେବ ବୋଲି ସୂଚନା ଦିଆଯାଇଛି । ଭୋଟ ଗଣତି ସମୟରେ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ପ୍ରକାଶ ଯେ, ସମଗ୍ର କନ୍ଧମାଳ ଜିଲ୍ଲାରେ ଦ୍ୱିତୀୟ ପର୍ଯ୍ୟାୟ ଅର୍ଥାତ ୨୦ ତାରିଖରେ ମତଦାନ ହୋଇଥିଲା । ମତଦାନ ପରେ ଇଭିଏମ୍ ଗୁଡିକ ଷ୍ଟ୍ରଙ୍ଗରୁମ୍‌ରେ ତ୍ରିସ୍ତରୀୟ ସୁରକ୍ଷା ବଳୟ ମଧ୍ୟରେ ରଖାଯାଇଛି । ଷ୍ଟ୍ରଙ୍ଗରୁମ୍ ମଧ୍ୟରେ ସିସିଟିଭି କ୍ୟାମେରା ବ୍ୟବସ୍ଥା ହୋଇଛି ।

# ବାହାନଗା ଟ୍ରେନ ଦୁର୍ଘଟଣାକୁ ବର୍ଷେ : ମନରୁ ଲିଭିନି ସେହି କାଳ ରାତିର କରାଳ ରୂପ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଭୟଙ୍କର... ଲୋମଟାଙ୍କୁରା...ଛାତିଥରା... ହୃଦୟ ବିଦାରକ । ୨୦୨୩ ଜୁନ ୨ ତାରିଖ, ସନ୍ଧ୍ୟା ୭ଟା ସ୍ଥାନ ବାହାନଗା । ଆଜିବି ମନରୁ ଲିଭିନି ସେହି କାଳ ରାତିର କରାଳ ରୂପ । ମନେପଡିଲେ ଥରି ଉଠୁଛି ଛାତି, ଟାଙ୍କୁରି ଉଠୁଛି ଲୋମ । କାନରେ ଆଜିବି ବାଜୁଛି ରେଳ ଟ୍ରାକରୁ ଶୁଭୁଥିବା ଆର୍ତ୍ତ ଚିତ୍କାର । ସେଦିନ ଅନ୍ଧକାର ରାତିରେ ଲୌହଦାନବ ରଚିଥିଲା ରକ୍ତ ଭୋଜି । କୁଢ କୁଢ ମୃତଦେହ ସମସ୍ତଙ୍କୁ ଧୈର୍ଯ୍ୟହରା କରିଥିଲା । ଅନ୍ଧାରକୁ ଚିରି ଟ୍ରାକରେ ଗଡୁଥିଲା କରମଣ୍ଡଳ ଏକ୍ସପ୍ରେସ । ଗନ୍ତବ୍ୟ ସ୍ଥଳର ନିକଟତର ହେଉଥିଲେ ଯାତ୍ରୀ । କିଏ ପରିବାର ସହ ତ କିଏ ସାଙ୍ଗ ସାଥିଙ୍କ ସହ ହସଖୁସିରେ ମଜି ଯାଇଥିଲେ । ହେଲେ ଅଚାନକ ନିମିଷକ ମଧ୍ୟରେ ସବୁ କିଛି ଛାରଖାର ହୋଇଯାଇଥିଲା । ଆଖି ବୁଜିଥିଲେ ଶହ ଶହ ଯାତ୍ରୀ, ରକ୍ତରେ ଭିଜିଥିଲା ବାହାନଗା ଟ୍ରେନ ଟ୍ରାକ । ସାରା ବିଶ୍ୱକୁ ସ୍ତବ୍ଧ କରିଥିଲା କରମଣ୍ଡଳ ଟ୍ରେନ ଦୁର୍ଘଟଣା । ଆଜି ଏହି ଘଟଣାକୁ ବର୍ଷେ ପୁରିଛି । ଦିନ ବଦଳିଛି ସମୟ ବଦଳିଛି, କିନ୍ତୁ ସେହି ଦିନର ସେ ଦୁଃଖଦ ଘଟଣା କାହାରି ମନରୁ ଆଜି ବି ଲିଭିନାହିଁ । ୨୯୩ ଯାତ୍ରୀଙ୍କ ମୃତ୍ୟୁ ହୋଇଥିବାବେଳେ ୧୧୦୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ । ଏହି ଦୁର୍ଘଟଣା ସାରା ବିଶ୍ୱକୁ ଦୋହଲାଇ ଦେଇଥିଲା । ସେଦିନ ଥିଲା ଶୁକ୍ରବାର, ହାୱଡାରୁ ଚେନ୍ନାଇ ଅଭିମୁଖେ ଯାଉଥିବା କରମଣ୍ଡଳ ଏକ୍ସପ୍ରେସ । ହଠାତ୍ ବାହାନଗାରେ ଲୁପ ଲାଇନକୁ ଚାଲିଯାଇ ଏକ ମାଲବାହୀ ଟ୍ରେନକୁ ଧକ୍କା ଦେଇଥିଲା କରମଣ୍ଡଳ । ଫଳରେ ଟ୍ରେନର ବଗି ଟ୍ରାକରେ ଛିଟିକି ପଡିଥିଲା । ଏହି ସମୟରେ ଅପର ପାର୍ଶ୍ୱରୁ ଆସୁଥିବା ଯଶୋବନ୍ତପୁର ଏକ୍ସପ୍ରେସ କରମଣ୍ଡଳ ବଗିରେ ପିଟି ହୋଇଥିଲା । ଆର୍ତ୍ତ ଚିତ୍କାରରେ ଫାଟି ପଡିଥିଲା ସାରା ଅଞ୍ଚଳ । ଟ୍ରାକ ତଳୁ ଶୁଭୁଥିଲା ବଞ୍ଚାଅ ବଞ୍ଚାଅର ଶବ୍ଦ । ଖବର ପ୍ରଚାର ହେଉ ହେଉ ସଙ୍ଗେ ସଙ୍ଗେ ରେଳ ଲାଇନ ପାଖରେ ଲାଗିଯାଇଥିଲା ଲୋକଙ୍କ ଭିଡ଼ । ଯିଏ ଯେମିତି ପାରିଥିଲା ଆହତ ଲୋକମାନଙ୍କୁ ଉଦ୍ଧାର କରିବାରେ ଲାଗି ପଡିଥିଲେ । ସ୍ଥାନୀୟ ଲୋକଙ୍କ ଠାରୁ ଆରମ୍ଭ କରି ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନମାନଙ୍କ ଦ୍ୱାରା ଉଦ୍ଧାର କାର୍ଯ୍ୟ ଚାଲିଥିଲା । ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ, ଏହାର ଶବ୍ଦରେ ଥରି ଉଠିଥିଲା ପୁରା ବାହାନଗା ଅଞ୍ଚଳ । ଦୁର୍ଘଟଣାଗ୍ରସ୍ତ ଟ୍ରେନରୁ ଜୀବନ ବଞ୍ଚାଇବାକୁ ଶୁଭୁଥିଲା ଚିତ୍କାର । ଟ୍ରେନ ତଳୁ ଉଦ୍ଧାର କରିବାକୁ କୋହଭରା କଣ୍ଠରେ ଚିତ୍କାର କରିଥିଲେ ଯାତ୍ରୀ । କାହାର ଜୀବନ ଯାଇଥିଲା ତ ଆଉ କିଏ ଅଚେତ ହୋଇପଡିଥିଲା । କାହାର ଗୋଡ ଶରୀର ଦୁଇ ଭାଗ ହୋଇଯାଇଥିଲେ ତ ଆଉ କାହାର ଗୋଡ ଶରୀରଠୁ ଅଲଗା ହୋଇଯାଇଥିଲା । ଏହାପରେ ଯାତ୍ରୀଙ୍କ ଜୀବନ ବଞ୍ଚାଇବାକୁ ଆରମ୍ଭ ହୋଇଥିଲା ଉଦ୍ୟମ । ଆଖି ଆଗରେ ଦୁର୍ଘଟଣା ପରର ସେ ଭୟଙ୍କର ଦୃଶ୍ୟ ଦେଖି ସମସ୍ତେ ହୋଇଯାଇଥିଲେ ଧୈର୍ଯ୍ୟହରା । ଆଖି ଆଗରେ ପଡିଥିଲା କୁଢ କୁଢ ମୃତଦେହ । ତଥାପି ଆହତ ଯାତ୍ରୀଙ୍କୁ ହସ୍ପିଟାଲରେ ଭର୍ତ୍ତି କରିବାକୁ ଅଣ୍ଟା ଭିଡିଥିଲେ ବାଲେଶ୍ୱରବାସୀ । ଆମ୍ବୁଲାନ୍ସ ଆସିବା ପୂର୍ବରୁ ସଙ୍ଗେ ସଙ୍ଗେ ଆହତଙ୍କୁ ଉଦ୍ଧାର କରି ହସ୍ପିଟାଲରେ କରିଥିଲେ ଭର୍ତ୍ତି । ବାଲେଶ୍ୱର ଟ୍ରେନ ଦୁର୍ଘଟଣା ଦିନ ଉଦ୍ଧାର କାର୍ଯ୍ୟରେ ଲାଗି ପଡିଥିଲେ ବାଲେଶ୍ୱରବାସୀ । ଯିଏ ଯେଉଁ ପ୍ରକାର ସାହାଯ୍ୟ କରିଥିଲେ । ବିଛାଡି ହୋଇ ପଡିଥିବା ଟ୍ରେନ ବଗିରୁ ଲୋକଙ୍କୁ ଉଦ୍ଧାର କରି କିଏ ଆହତଙ୍କୁ ପାଣି ଦେଉଥାଏ ତ କିଏ ସେମାନଙ୍କୁ ଆଉଁସି ଦେଉଥାଏ । ତୁରନ୍ତ ସେମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିବାକୁ ବ୍ୟବସ୍ଥା କରିଥିଲେ । ଖାଲି ସେତିକି ନୁହେଁ ଆହତଙ୍କୁ ରକ୍ତ ଦେବାକୁ ଲୋକଙ୍କ ଲାଇନ ଲାଗିଥିଲା । ବିଳମ୍ବିତ ରାତି ଯାଏ ଆହତଙ୍କୁ ରକ୍ତଦାନ ପାଇଁ ଧାଡିରେ ଅପେକ୍ଷା କରିଥିଲେ । ବିପତ୍ତି ସମୟରେ ବାଲେଶ୍ୱରବାସୀ ଯେଉଁଭଳି କାର୍ଯ୍ୟ କରିଥିଲେ ତାହା ଉଦାହରଣ ସୃଷ୍ଟି କରିଥିଲା । ସାଉଁଟି ଥିଲା ପ୍ରଶଂସା । ବାହାନଗା ଟ୍ରେନ ଦୁର୍ଘଟଣା ପରେ ସୋସିଆଲ ମିଡିଆରେ ଘୁରି ବୁଲିଥିଲା ଦୁର୍ଘଟଣା ପରର କିଛି ହୃଦୟ ବିଦାରକ ଦୃଶ୍ୟ । କୁଢ କୁଢ ମୃତଦେହ ମଧ୍ୟରୁ ସମ୍ପର୍କୀୟଙ୍କୁ ଖୋଜୁଥିଲେ ଲୋକେ । ଜଣେ ବୃଦ୍ଧ ବାପା ଆସି ନିଜ ପୁଅକୁ ଶହ ଶହ ମୃତଦେହ ମଧ୍ୟରୁ ଖୋଜୁଥିଲେ । ସେହି ଦୃଶ୍ୟ ସମସ୍ତ ମନକୁ ବ୍ୟଥିତ କରିଥିଲା । ଅନ୍ୟ ରାଜ୍ୟରୁ ଓଡିଶା ଆସି ପୁଅକୁ ମୃତଦେହ ମଧ୍ୟରେ ଚିହ୍ନିବାକୁ ଚେଷ୍ଟା କରୁଥିଲେ ବୃଦ୍ଧ ଜଣକ । ବାହାନଗା ଷ୍ଟେସନ ପାଖରରେ ଥିବା ଗେଟ୍ ନମ୍ବର ୯୪ରେ ଲେଭଲ କ୍ରସିଂର ମରାମତି କାମ ଟ୍ରେନ ଦୁର୍ଘଟଣାର ଏକ ପ୍ରମୁଖ କାରଣ ? ବୋଲି ତଦନ୍ତ ରିପୋର୍ଟରେ ଦର୍ଶାଯାଇଛି । ବରିଷ୍ଠ ସେକ୍ସନ ଇଞ୍ଜିନିୟର ଅରୁଣ କୁମାର ମହନ୍ତଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟ ହୋଇଥିଲା । ହେଲେ ସେ ଏଥିପାଇଁ ଉପରିସ୍ଥ ଅଧିକାରୀଙ୍କ ଅନୁମତି ନନେଇ ଅନ୍ୟ ଏକ ଗେଟ ୭୯ ନମ୍ବର ସର୍କିଟ ଡାଏଗ୍ରାମ ଆଧାରରେ ମରାମତି କାମ କରିଥିଲେ ବୋଲି ସିବିଆଇ ପକ୍ଷରୁ ଦର୍ଶାଯାଇଥିଲା । ଟ୍ରେନ ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ, ଏଥିରେ ପ୍ରାଣ ହରାଇଥିବା ଯାତ୍ରୀଙ୍କୁ ଚିହ୍ନିବା ମୁସ୍କିଲ ହୋଇପଡିଥିଲା । ସବୁଠାରୁ ଅଧିକ ଆହ୍ୱାନପୂର୍ଣ୍ଣ ଥିଲା ମୃତଦେହ ଚିହ୍ନଟ କରିବା ଓ ପରିବାର ସଦସ୍ୟଙ୍କୁ ହସ୍ତାନ୍ତର କରିବା ପ୍ରକ୍ରିୟା । ଏଥିପାଇଁ ଓଡିଶା ସରକାର ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରିଥିଲେ । ଚିହ୍ନଟ ହୋଇନଥିବା ମୃତଦେହଗୁଡିକୁ ଭୁବନେଶ୍ୱର ଏମ୍ସରେ ରଖାଯାଇଥିଲା । ତଥାପି ଶେଷ ପର୍ଯ୍ୟନ୍ତ ସମସ୍ତ ମୃତକଙ୍କ ମୃତଦେହ ଚିହ୍ନଟ ଓ ହସ୍ତାନ୍ତରଣ ପ୍ରକ୍ରିୟା ଶେଷ ହୋଇପାରିନଥିଲା । ଅକ୍ଟୋବର ୧୧ ତାରିଖରେ ଚିହ୍ନଟ ହୋଇପାରିନଥିବା ୨୮ ମୃତଦେହକୁ ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ଶେଷକୃତ୍ୟ କରାଯାଇଥିଲା ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ୧୧୭ ବିଧାନସଭା...

ବୋଲି ବୁଥ୍ ବାହୁଡ଼ା ମତରୁ ସ୍ପଷ୍ଟ ହୋଇଛି । ରାଜ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ୫ଟି ସଂସଦୀୟ କ୍ଷେତ୍ରରେ ଅନୁଷ୍ଠିତ ୩୫ ବିଧାନସଭା କ୍ଷେତ୍ର ମଧ୍ୟରୁ ୨୭ଟି ବିଜେଡ଼ି ସପକ୍ଷରେ ଯାଇପାରେ ବୋଲି କୁହାଯାଉଛି । ସେହିପରି ଏହି ପର୍ଯ୍ୟାୟରେ ବିଜେପି ୩ଟି ଓ କଂଗ୍ରେସ ୨ଟି ଆସନ ପାଇବ ବୋଲି ଆକଳନ କରାଯାଇଛି । ୩ଟି ଆସନରେ କଡ଼ା ମୁକାବିଲା ସମ୍ଭାବନା ରହିଛି । ଆସ୍କା ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ସାନଖେମୁଣ୍ଡି ବିଧାନସଭା ଆସନ କଂଗ୍ରେସକୁ, କନ୍ଧମାଳ ସଂସଦୀୟ କ୍ଷେତ୍ର ଅନ୍ତର୍ଗତ କନ୍ଧମାଳ ବିଧାନସଭା ଆସନ ବିଜେପିକୁ, ବରଗଡ଼ ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ଅତାବିରା ବିଧାନସଭା ଆସନ ବିଜେପିକୁ, ସୁନ୍ଦରଗଡ଼ ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ତଳସରା ଆସନ ବିଜେପିକୁ ଓ ବଣାଇ ଆସନ ସିପିଏମ୍‌କୁ ଯାଇପାରେ ବୋଲି କୁହାଯାଉଛି । ଅନୁରୂପ ଭାବରେ ବୀରମହାରାଜପୁରରେ ବିଜେଡ଼ି-ବିଜେପି, ପାଟଣାଗଡ଼ରେ ବିଜେଡି-ବିଜେପି ମଧ୍ୟରେ କଡ଼ା ମୁକାବିଲା ହୋଇଥିବାରୁ କେହି ବି ବିଜୟୀ ହୋଇପାରନ୍ତି । ଏହି ଆସନ ବ୍ୟତୀତ ଅନ୍ୟ ସମସ୍ତ ୨୬ଟି ବିଧାନସଭା ଆସନରେ ବିଜେଡି ବିଜୟୀ ହେବ ବୋଲି ବୁଥ୍ ବାହୁଡ଼ା ମତରୁ ସ୍ପଷ୍ଟ ହୋଇଛି । ପ୍ରଥମ ଦୁଇ ପର୍ଯ୍ୟାୟ ପରି ଓଡ଼ିଶାରେ ତୃତୀୟ ପର୍ଯ୍ୟାୟରେ ବିଜେଡି ମଧ୍ୟ ନିଜର ସଫଳତା ଧାରା ଅବ୍ୟାହତ ରଖିଛି ବୋଲି ସର୍ବେକ୍ଷଣରୁ ସୂଚନା ମିଳିଛି । ଏହି ପର୍ଯ୍ୟାୟରେ ୬ଟି ସଂସଦୀୟ କ୍ଷେତ୍ର ଅଞ୍ଚଳର ୪୨ଟି ବିଧାନସଭା ଆସନରୁ ବିଜେଡି ସପକ୍ଷରେ ୩୩ଟି, ବିଜେପି ସପକ୍ଷରେ ୩ଟି ଆସନ ଯାଇପାରେ । ୬ଟି ଆସନରେ ଉଭୟ ବିଜେଡି ଓ ବିଜେପି ମଧ୍ୟରେ କଡ଼ା ମୁକାବିଲା ସୂଚନା ମିଳିଛି । ପୁରୀ ସଂସଦୀୟ କ୍ଷେତ୍ର ଅନ୍ତର୍ଗତ କେବଳ ବ୍ରହ୍ମଗିରିରେ ଉଭୟ ବିଜେଡି-ବିଜେପି ମଧ୍ୟରେ କଡ଼ା ମୁକାବିଲା ହୋଇଛି । ଅନ୍ୟ ୬ଟି ବିଧାନସଭା କ୍ଷେତ୍ରରେ ବିଜେଡି ବିଜୟୀ ହେବ ବୋଲି ଏକ୍‌ଜିଟ୍ ପୋଲରୁ ସୂଚନା ମିଳିଛି । ଅନୁରୂପ ଭାବରେ ଭୁବନେଶ୍ୱର ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ଭୁବନେଶ୍ୱର (ମଧ୍ୟ) ବିଧାନସଭା ଆସନରେ ବିଜେଡି-ବିଜେପି ମଧ୍ୟରେ ଲଢ଼େଇ ଜୋରଦାର ହୋଇଛି । ଏହାବ୍ୟତୀତ ଅନ୍ୟ ୬ଟି ବିଧାନସଭା ଆସନ ବିଜେଡି ସପକ୍ଷରେ ଯାଇପାରେ ବୋଲି କୁହାଯାଉଛି । ସେହିପରି କଟକ ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ସମସ୍ତ ୭ଟି ଆସନରେ ବିଜେଡି ବିଜୟୀ ହେବ । କେନ୍ଦୁଝର ସଂସଦୀୟ କ୍ଷେତ୍ରର ପାଟଣା ଓ କରଞ୍ଜିଆରେ ବିଜେପିର ବିଜୟ ସମ୍ଭାବନା ରହିଛି ଓ କେନ୍ଦୁଝରରେ ବିଜେଡି-ବିଜେପି ମଧ୍ୟରେ କଡ଼ା ଟକ୍କର ଦେଖିବାକୁ ମିଳିଛି । ଏହାବ୍ୟତୀତ ଅନ୍ୟ ୪ଟି ଆସନ ଚମ୍ପୁଆ, ତେଲକୋଇ, ଘସିପୁରା, ଆନନ୍ଦପୁରରେ ବିଜେଡି ବିଜୟୀ ହୋଇପାରେ । ଢେଙ୍କାନାଳ ସଂସଦୀୟ କ୍ଷେତ୍ରର ପରଜଙ୍ଗ ଆସନ ବ୍ୟତୀତ ଅନ୍ୟ ସବୁ ଆସନ ବିଜେଡି ସପକ୍ଷରେ ଯିବା ରିପୋର୍ଟ ମିଳିଛି । ପରଜଙ୍ଗରେ ବିଜେଡି-ବିଜେପି ମଧ୍ୟରେ କଡ଼ା ମୁକାବିଲା ହୋଇଛି । ସମ୍ବଲପୁର ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ରେଙ୍ଗାଲି, ରେଢ଼ାଖୋଲ, ଆଠମଲ୍ଲିକ ଓ ଛେଣ୍ଡିପଦା ବିଧାନସଭା ଆସନ ବିଜେଡି ଖାତାକୁ ଯାଇପାରେ । ସେହିପରି କୁଚିଣ୍ଡା ଆସନରେ ବିଜେପି ପ୍ରାର୍ଥୀ ବିଜୟୀ ହୋଇ ପାରନ୍ତି । ସମ୍ବଲପୁର ଓ ଦେବଗଡ଼ ଆସନରେ ବିଜେଡି-ବିଜେପି କଡ଼ା ମୁକାବିଲା ସମ୍ମୁଖୀନ ହୋଇଛନ୍ତି ବୋଲି ବୁଥ୍ ବାହୁଡ଼ା ମତରୁ ସ୍ପଷ୍ଟ ହୋଇଛି । ଅନ୍ତିମ ପର୍ଯ୍ୟାୟରେ ଅନୁଷ୍ଠିତ ହୋଇଥିବା ୬ଟି ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ୪୨ଟି ବିଧାନସଭା ଆସନରୁ ବିଜେଡି ସର୍ବାଧିକ ସଫଳତା ପାଇବ ବୋଲି ସର୍ବେକ୍ଷଣରୁ ସୂଚନା ମିଳିଛି । ଏହି ପର୍ଯ୍ୟାୟରେ ୪୨ ବିଧାନସଭା ଆସନରୁ ବିଜେଡି ୩୪ ପର୍ଯ୍ୟନ୍ତ ଆସନରେ ବିଜୟୀ ହେବ ବୋଲି କୁହାଯାଉଛି । ଏହି ପର୍ଯ୍ୟାୟରେ ବିଜେପି ୩ଟି ଆସନରେ ବିଜୟୀ ହୋଇପାରେ ଓ ୫ଟି ଆସନରେ ବିଜେଡି କଡ଼ା ମୁକାବିଲାର ସମ୍ମୁଖୀନ ହୋଇଥିବା ସୂଚନା ମିଳିଛି । ଜଗତସିଂହପୁର, କେନ୍ଦ୍ରାପଡ଼ା ଓ ଯାଜପୁର ସଂସଦୀୟ କ୍ଷେତ୍ରର ସମସ୍ତ ୨୧ ଆସନ ବିଜେଡି ସପକ୍ଷରେ ଯାଇଥିବା ବୁଥ୍ ବାହୁଡ଼ା ମତରୁ ସୂଚନା ମିଳିଛି । ସେହିପରି ମୟୂରଭଞ୍ଜ ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ମୋରଡ଼ା, ବାଲେଶ୍ୱର ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ରେମୁଣା ଓ ଭଦ୍ରକ ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ଧାମନଗର ଆସନ ବିଜେପି ସପକ୍ଷରେ ଯାଇପାରେ । ଏହାବ୍ୟତୀତ ଚାନ୍ଦବାଲି, ବାଲେଶ୍ୱର, ନୀଳଗିରି, ବଡ଼ସାହି ଓ ଯଶୀପୁର ବିଧାନସଭା ଆସନରେ ବିଜେଡି ଓ ବିଜେପି ମଧ୍ୟରେ କଡ଼ା ମୁକାବିଲା ହୋଇଥିବା ସୂଚନା ମିଳିଛି ।

## ଅରୁଣାଚଳ ...

ପାଳନ କରିଛନ୍ତି । ଅରୁଣାଚଳ ପ୍ରଦେଶର ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ପେମା ଖଣ୍ଡୁ ଅରୁଣାଚଳ ପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଡୋରଜୀ ଖଣ୍ଡୁଙ୍କ ପୁଅ । ପେମା ଖଣ୍ଡୁ ପ୍ରଥମ ଥର ପାଇଁ ଜୁଲାଇ ୨୦୧୬ରେ କଂଗ୍ରେସରେ ଥିବାବେଳେ ମୁଖ୍ୟମନ୍ତ୍ରୀ ହୋଇଥିଲେ । ସିଏମ ହେବା ପରେ ସେ ସେପ୍ଟେମ୍ବରରେ ଅରୁଣାଚଳର ପିପୁଲ୍ସ ପାର୍ଟିରେ ଯୋଗ ଦେଇଥିଲେ । ତେବେ ସେ ଡିସେମ୍ବର ୨୦୧୬ରେ ବିଜେପିରେ ଯୋଗ ଦେଇଥିଲେ ।

## ଚନ୍ଦ୍ରର ଦକ୍ଷିଣ ଗୋଲାର୍ଦ୍ଧର ...

(ସିଏନ୍‌ଏସ୍‌ଏ) କହିଛି ରବିବାର ସକାଳେ ବେଜିଂ ସମୟ ୬ଟା ୨୩ରେ ଦକ୍ଷିଣ ପୋଲ-ଆଇଟକେନ ବେସିନରେ ଚାଙ୍ଗ ଇ-୬ ଅବତରଣ କରିଛି । ୩ ମେ'ରେ ଆରମ୍ଭ ହୋଇଥିବା ଏହି ମିଶନ ଇତିହାସରେ ପ୍ରଥମ ଥର ପାଇଁ ଏହି ଅଞ୍ଚଳରୁ ମୂଲ୍ୟବାନ ପଥର ଏବଂ ମାଟି ସଂଗ୍ରହ କରିବାକୁ ଲକ୍ଷ୍ୟ ରଖିଛି । ଏହି ଅନୁସନ୍ଧାନରେ ଦକ୍ଷିଣ ଗୋଲାର୍ଦ୍ଧରେ ଥିବା ଏକ ବିରାଟ ଗର୍ତ୍ତରୁ ଚନ୍ଦ୍ରର କେତେକ ପୁରାତନ ପଥର ବାହାର କରାଯାଇ ପାରିବ । ଅବତରଣ ବିପଦରେ ପରିପୂର୍ଣ୍ଣ ଥିଲା, କାରଣ ଚନ୍ଦ୍ରର ଦୂର ପାର୍ଶ୍ୱରେ ପହଞ୍ଚିବା ପରେ ମହାକାଶଯାନ ସହିତ ଯୋଗାଯୋଗ କରିବା ଅତ୍ୟନ୍ତ କଷ୍ଟକର ହୋଇଥାଏ । ୨୦୧୯ ରେ ଚୀନ ଚାଙ୍ଗ ଇ-୪ ଅବତରଣ କରି ଏହି ସଫଳତା ହାସଲ କରିବାରେ ପୃଥିବୀର ପ୍ରଥମ ଦେଶ ପାଲଟିଥିଲା । ୱେଞ୍ଚାଙ୍ଗ ସ୍ପେସ ଲଞ୍ଚ ସେଣ୍ଟରରୁ ଉତ୍କ୍ଷେପଣ କରିବା ପରେ ଚାଙ୍ଗ ଇ-୬ ମହାକାଶଯାନ ଚନ୍ଦ୍ରରେ ଅବତରଣ କରିବାକୁ ଅପେକ୍ଷା କରିଥିଲା । ମିଶନର ଲ୍ୟାଣ୍ଡର ପୃଥିବୀଠାରୁ ସ୍ଥାୟୀ ଦୂରରେ ଥିବା ଚନ୍ଦ୍ରର ପାର୍ଶ୍ୱକୁ ସ୍ପର୍ଶ କରିବା ପରେ କକ୍ଷପଥରୁ ଅଲଗା ହୋଇଯାଇଥିଲା । ଅବତରଣ ସମୟରେ, ସ୍ୱୟଂଚାଳିତ ଭାବରେ ବାଧା ଚିହ୍ନଟ କରିବା ପାଇଁ ଏକ ସ୍ୱୟଂଶାସିତ ଭିଜୁଆଲ ବାଧା ଏଡାଇବା ବ୍ୟବସ୍ଥା ବ୍ୟବହୃତ ହୋଇଥିଲା, ଏକ ଦୃଶ୍ୟମାନ ଆଲୋକ କ୍ୟାମେରା ଚନ୍ଦ୍ର ପୃଷ୍ଠର ଉଜ୍ଜ୍ୱଳତା ଏବଂ ଅନ୍ଧକାର ଉପରେ ଆଧାର କରି ଏକ ତୁଳନାତ୍ମକ ସୁରକ୍ଷିତ ଅବତରଣ କ୍ଷେତ୍ର ଚୟନ କରିଥିଲା ।

## ଆଭ୍ୟନ୍ତରୀଣ...

ସୁନ୍ଦରଗଡ଼, ରାୟଗଡ଼ା, ମାଲକାନଗିରି, ଅନୁଗୁଳ, ଯାଜପୁର, ଭଦ୍ରକ, ଜଗତସିଂହପୁର, କେନ୍ଦ୍ରାପଡ଼ା, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ଗଞ୍ଜାମ , ଗଜପତି ଓ ନୂଆପଡ଼ାର କିଛି କିଛି ସ୍ଥାନରେ ରବିବାର ଘଡଘଡି ସହ ମାଧ୍ୟମ ଧରଣର ବର୍ଷା ହୋଇଥିବା ଜଣାପଡିଛି । ଏହାକୁ ନେଇ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ କରାଯାଇଥିଲା । ଆସନ୍ତା ୪ ତାରିଖଠୁ କମିବ ବର୍ଷାର ପରିମାଣ । ତେବେ ଓଡ଼ିଶାକୁ ମୌସୁମୀ ଆସିବା ନେଇ ବର୍ତ୍ତମାନ ସୁଦ୍ଧା କିଛି ଆକଳନ ହୋଇ ନାହିଁ ।

## ଗାଡ଼ି ଚଳାଇବା...

ମୋବାଇଲ ବ୍ୟବହାର କରୁଥିବା ଡ୍ରାଇଭରଙ୍କ ପାଇଁ ଆହୁରି କଠୋର ହୋଇଛି ପୁଲିସ । ମଦ୍ୟପ ଡ୍ରାଇଭର, ଟ୍ରିପଲ ରାଇଡିଂ, ହେଲମେଟ ପରେ ଏବେ ମୋବାଇଲରେ କଥା ହେଉଥିବା ଚାଳକଙ୍କୁ ଦୃଢ଼ ହସ୍ତରେ ଦମନ କରିବାକୁ ଯାଉଛି ପୁଲିସ । ଯେଉଁମାନେ ଗାଡ଼ି ଡ୍ରାଇଭ କରିବା ବେଳେ ମୋବାଇଲ ବ୍ୟବହାର କରୁଛନ୍ତି, ଏଥର ଗାଡି କିମ୍ବା ଡ୍ରାଇଭିଂ ଲାଇସେନ୍ସ ନୁହେଁ, ସିଧାସଳଖ ବ୍ୟବହାର ହେଉଥିବା ମୋବାଇଲକୁ ସିଜ କରାଯିବ ବୋଲି ସୂଚନା ଦେଇଛନ୍ତି ପୁଲିସ କମିଶନର ସଞ୍ଜୀବ ପଣ୍ଡା । ନିଶାସକ୍ତ ଅବସ୍ଥାରେ ଗାଡ଼ି ଚାଳନା, ବିପରୀତ ଦିଗରେ ଗାଡ଼ିଚାଳନା, ଗାଡ଼ି ଚଳାଇବା ସମୟରେ ମୋବାଇଲ ଫୋନ୍‌ରେ ଗପିବା ଆଦି କ୍ଷେତ୍ରରେ ଚଢ଼ଉକୁ ଜୋରଦାର କରାଯାଉଛି । ସହରର ୫୦ଟି ସ୍ଥାନରେ ଏଭଳି ଯାଞ୍ଚ କରାଯାଉଛି । ଅପରାହ୍ନ ୪ଟାରୁ ରାତି ୯ ଯାଏଁ ଧରପଗଡ଼ ଚାଲୁଛି । ଶନିବାର ନିୟମ ଉଲ୍ଲଂଘନ କରିଥିବା ୨୬୪ଟି ଗାଡ଼ି ଧରାପଡ଼ିଛି । କେବଳ ବିପରୀତ ଦିଗରେ ଗାଡ଼ିଚାଳନା, ଗାଡ଼ି ଚଳାଇବା ସମୟରେ ମୋବାଇଲ ଫୋନ୍‌ରେ ଗପୁଥିବା ୨୧୮ ଜଣ ଖିଲାପକାରୀଙ୍କୁ ଧରିଛି ଟ୍ରାଫିକ ପୁଲିସ । ଏଥିସହ ସମସ୍ତ ଗାଡ଼ିମାଲିକଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି । ଗାଡ଼ିଗୁଡ଼ିକ ଜବତ ହେବା ପରେ କୋର୍ଟରେ ପ୍ରୋସିକ୍ୟୁସନ ରିପୋର୍ଟ ଦାଖଲ କରାଯାଇଛି । ଚାଳକମାନେ କୋର୍ଟରୁ ରିଲିଜ ଅର୍ଡର ଆଣିବା ପରେ ଚାଳକ ଗାଡ଼ି ମୁକୁଳାଇ ନେଇପାରବେ ବୋଲି କୁହାଯାଇଛି । ସେପରି ଚାଳକଙ୍କୁ ଡ୍ରାଇଭିଂ ଲାଇସେନ୍ସ ବାତିଲ ଲାଗି ପରିବହନ ବିଭାଗକୁ ଚିଠି ଲେଖାଯାଇଛି । ସେହିପରି ମୋବାଇଲ ଫୋନ୍‌ରେ କଥା ହୋଇ ଗାଡ଼ି ଚଳାଉଥିବା ଚାଳକଙ୍କ ଗାଡ଼ି ସହ ମୋବାଇଲ ଫୋନ ଜବତ କରାଯାଇଛି । ଚାଳକମାନେ ୫ରୁ ୧୦ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା ଦେବା ପରେ ମୋବାଇଲ ଫୋନ ମୁକୁଳାଇ ନେଇପାରିବେ । ମଦପିଇ ଗାଡ଼ି ଚଳାଉଥିବା ଚାଳକଙ୍କ ବିରୋଧରେ ଆହୁରି କଠୋର ହୋଇଛି ଟ୍ରାଫିକ ପୁଲିସ । ନିଶାସକ୍ତ ଅବସ୍ଥାରେ ଗାଡ଼ି ଚଳାଇ ୪୬ଜଣ ଚାଳକ ଧରାପଡ଼ିଛନ୍ତି । ଟ୍ରାଫିକ ଥାନା-୧ ପକ୍ଷରୁ ୧୫ଟି ଚାରିଚକିଆ ଗାଡ଼ି ଓ ୪ଟି ଦୁଇଚକିଆ ଗାଡ଼ି ଏବଂ ଟ୍ରାଫିକ ଥାନା-୨ ପକ୍ଷରୁ ୨୫ଟି ଚାରିଚକିଆ ଓ ୨ଟି ଦୁଇଚକିଆ ଗାଡ଼ି ଜବତ କରାଯାଇଛି । ଜବତ ଗାଡ଼ି ମଧ୍ୟରେ ଥର, ଜିପ, ହୁଣ୍ଡାଇ, ପୋଲୋ ଭଳି ଦାମୀ ଗାଡ଼ି ରହିଛି । ସମ୍ପୃକ୍ତ ଦୁଇ ଚାଳକଙ୍କ ବିରୋଧରେ ମାମଲା ରୁଜୁ କରିବା ସହ ଗାଡ଼ିଜବତ କରାଯାଇଛି । ଆଇନ ଅନୁଯାୟୀ ଅମାନିଆ ଚାଳକଙ୍କ ଠାରୁ ୧୦ରୁ ୧୫ହଜାର ଜରିମାନା ଆଦାୟ କରିବାର ପ୍ରାବଧାନ ରହିଛି । ଏହାବ୍ୟତୀତ କଳାକାଚ କାଢିବା, ନାଲିବତି ଡେଇଁବା, ଏବଂ ମୋଡିଫାଏଡ(ବିକୃତ) ସାଇଲେନ୍ସର ଭଳି କ୍ଷେତ୍ରରେ ସ୍ୱତନ୍ତ୍ର ଧରପଗଡ଼ ଜାରି ରହିଛି କମିସନରେଟ ପୁଲିସ ।

# ଚୌଦ୍ୱାର ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



**କଟକ, ନ୍ୟୁଜ ବ୍ୟୁରୋ**
ଚୌଦ୍ୱାର ମହାବିଦ୍ୟାଳୟ ଅଧ୍ୟକ୍ଷ ଡ ଉମେଶ ଚନ୍ଦ୍ର ଦେବତାଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି । ମେ' ୩୧ ତାରିଖରେ ଏହି ଉପଲକ୍ଷେ ମହାବିଦ୍ୟାଳୟ ପକ୍ଷରୁ ଛାଇ ଲେଉଟାଣୀ ପର୍ବ ଆୟୋଜିତ ହୋଇଥିଲା । ବିଶିଷ୍ଟ ସଂଳାପକାର ତଥା ଲେଖକ ବିଜୟ ମଲ୍ଲ ଏବଂ ବିଶିଷ୍ଟ ଚଳଚ୍ଚିତ୍ର ପ୍ରଯୋଜକ ବାପୁ ଲେଙ୍କା ଏହି ଉତ୍ସବରେ ଅତିଥିଭାବେ ଯୋଗ ଦେଇଥିଲେ । ଓଡ଼ିଆ ବିଭାଗର ମୁଖ୍ୟ ପ୍ରଫୁଲ୍ଲ କୁମାର ସାହୁଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବରେ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକାଙ୍କ ସମେତ ସମସ୍ତ କର୍ମଚାରୀ ଏବଂ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଯୋଗ ଦେଇ ବିଦାୟୀ ଅଧ୍ୟକ୍ଷଙ୍କୁ ସମ୍ବର୍ଦ୍ଧନା ଜଣାଇବା ସହ ତାଙ୍କର ଉଲ୍ଲେଖନୀୟ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ । ଏଥି ସହ ତାଙ୍କର ଅବସରକାଳୀନ ଜୀବନ ସୁଖଃ ଓ ନିରାପଦ ପାଇଁ କାମନା ମଧ୍ୟ କରିଥିଲେ । ନୋଡାଲ ଅଫିସର ସଞ୍ଜୟ ଧଳ ସ୍ୱାଗତ ଭାଷଣ ଦେଇଥିଲେ । ଏହି ଅବସରରେ ମହାବିଦ୍ୟାଳୟର ପୁରାତନ ଛାତ୍ର ସଂସଦ ପକ୍ଷରୁ ମଧ୍ୟ ବିଦାୟୀ ଅଧ୍ୟକ୍ଷ ଡ.ଦେବତାଙ୍କୁ ପୁଷ୍ପଗୁଚ୍ଛ ଉତ୍ତରୀୟ ଏବଂ ସ୍ମାରକୀ ଉପହାର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରରେ ପୁରାତନ ଛାତ୍ର ସଂସଦ ପକ୍ଷରୁ ସଭାପତି ବିବେକାନନ୍ଦ ଜେନା, ସମ୍ପାଦକ କେଶବ ଚନ୍ଦ୍ର ସାହୁ, କିଶୋର ସାମଲ, ବିଭୂତି ଭୁଷଣ ସାହୁ, ରବିନାରାୟଣ ସାହୁ, ଶ୍ରୀନିବାସ ସାହୁ, କ୍ଷୀରୋଦ ବେହେରା, ଅଲେଖ ବେହେରା, ଝୁଲେନ୍ଦ୍ର ନାୟକ, ରବୀନ୍ଦ୍ର କୁମାର ମହାପାତ୍ର, ଅଜୟ ବଳ, ଅକ୍ଷୟ ଭୂୟାଁ, ଗଙ୍ଗାଧର ସାହୁ, ପ୍ରମୋଦ ଓଝା, ହରିହର ପରିଡା, ବିଜୟ ବେହେରା, ରାଜେନ୍ଦ୍ର କୁମାର ସାମନ୍ତରାୟ, ଲିଙ୍ଗରାଜ ମୁଦୁଲୀ ପ୍ରମୁଖ ବହୁ ସଂଖ୍ୟାରେ ଯୋଗ ଦେଇ ବିଦାୟୀ ଅଧ୍ୟକ୍ଷଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ । ଅନୁରୂପ ଭାବେ ମହାବିଦ୍ୟାଳୟର ନୂତନ ଅଧ୍ୟକ୍ଷ ରଶ୍ମୀ ରାଉତରାୟଙ୍କୁ ମଧ୍ୟ ପୁରାତନ ଛାତ୍ର ସଂସଦ ପକ୍ଷରୁ ପୁଷ୍ପଗୁଚ୍ଛ ପ୍ରଦାନ ସହ ସ୍ୱାଗତ କରାଯାଇଥିଲା ।

# ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ପାନୀୟଜଳ ବ୍ୟବସ୍ଥା

**ବ୍ରଜରାଜନଗର, ନ୍ୟୁଜ ବ୍ୟୁରୋ**
ଝାରସୁଗୁଡ଼ା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ହଁସାମରା କଟା ପାଲି ଛକ ଠାରେ ଏକ ଜଳ ଛତ୍ର ଉଦଘାଟିତ ହୋଇଯାଇଛି । ଅତ୍ୟଧିକ ଗରମ ରୁ ଯାନବାହାନ ଚାଳକଙ୍କ ମୃତ୍ୟୁ ହୋଇଥିଲା । ଏହି ଗରମ ରୁ କିଛି ପରିମାଣରେ ରକ୍ଷା ପାଇବା ପାଇଁ ଆଞ୍ଚଳିକ ପରିବହନ ଅଧିକାରୀଙ୍କ ନିର୍ଦ୍ଦେଶନାରେ ରବିବାର ହଁସାମରା କଟା ପାଲି ଛକ ଠାରେ ଏକ ଜଳଛତ୍ର ଉଦଘାଟିତ କରି ଯାତାୟତ ପଥିକ ଓ ପ୍ରତ୍ୟେକ ଯାତାୟତ ଯାନବାହାନ କୁ ଅଟକାଇ ସର୍ବତ, ଓ ଆର ଏସ ଓ ଗ୍ଲୁକୋଜ ଦେଉଥିଲେ । ଏହି କାର୍ଯ୍ୟକ୍ରମରେ ଆଞ୍ଚଳିକ ପରିବହନ ପକ୍ଷରୁ ସତ୍ୟା ନାରାୟଣ ରଥ, ଅନିଲ କୁମାର ପାଣିଗ୍ରାହୀ ଓ ସ୍ମୃତି ରଞ୍ଜନ ରାଉତରାୟଙ୍କ ସହିତ ସ୍ଥାନୀୟ ଲୋକମାନେ ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମରେ ଡାକ ବାଜି ଜନ୍ତ୍ର ସାହାଯ୍ୟରେ ପ୍ରତ୍ୟେକ ଯାନ ଚାଳକ ମାନଙ୍କୁ ମଦ୍ୟପାନ ନକରିବା, ପ୍ରଚୁର ପରିମାଣରେ ପାଣି ପିଇବା ଓ ଗାଡିରୁ ଓହ୍ଲାଇ ଲେ ଗାମୁଛା ବ୍ୟବହାର କରିବା ପାଇଁ ସଚେତନତା କରାଯାଇଥିଲା ।

# ବିଜେଡି ପକ୍ଷରୁ ପ୍ରାଣକୃଷ୍ଣଙ୍କ ପୁଣ୍ୟ ତିଥି ପାଳିତ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ବିଶ୍ୱର ପ୍ରସିଦ୍ଧ ବୈଜ୍ଞାନିକ ପଦ୍ମଭୂଷଣ ପ୍ରାଣକୃଷ୍ଣ ପରିଜା ଥିଲେ ଏକାଧାରରେ ପ୍ରାଧ୍ୟାପକ, ପ୍ରଶାସକ, ଉଦ୍ଭିଦ ବିଜ୍ଞାନୀ ଓ ରାଜନେତା । ତାଙ୍କର ଅଧ୍ୟବସାୟ ଓ ଗବେଷଣାଲବ୍ଧ ଜ୍ଞାନ ଆଜିବି ଜାତୀୟ ପୁଞ୍ଜି ହୋଇ ରହିଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ପୂର୍ବାହ୍ନ ସାଢ଼େ ଆଠ ଘଟିକା ସମୟରେ ଉତ୍କଳ ବିଶ୍ୱବିଦ୍ୟାଳୟ ପରିସରରେ ଅବସ୍ଥିତ ତାଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥଳରେ ଡକ୍ଟର ପରିଜାଙ୍କ ୪୬ତମ ପୁଣ୍ୟ ତିଥି ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ଦ୍ୱାରା ପାଳନ କରାଯାଇଅଛି । ପ୍ରଥମେ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯିବା ପରେ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି, ଅଭିଳାଷ ଜେନା, ସୁଶିଲ ଜେନା, ଅମିତ୍ ପାତାଳ ସିଂ,




ଅଶ୍ୱିନି ପଟ୍ଟନାୟକ, ଗିରିଜା ଶଙ୍କର ମହାପାତ୍ର, ରମେଶ ଚନ୍ଦ୍ର ପାତାଳ ସିଂ ପ୍ରମୁଖ ଯୋଗଦାନ କରି ବରପୁତ୍ରଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ ।

# ବକ୍ସ ଡ୍ରେନ ମ୍ୟାନହୋଲରେ ମେୟରଙ୍କ ଉପସ୍ଥିତିରେ ହେଲା ପଙ୍କଉଦ୍ଧାର କାର୍ଯ୍ୟ



**କଟକ, ନ୍ୟୁଜ ବ୍ୟୁରୋ**
ଗତ ବର୍ଷରେ ବକ୍ସ ଡ୍ରେନ ଉପରେ ପାଣି ଜମିବା ସମସ୍ତଙ୍କୁ ଚକିତ କରିଥିଲା କେଉଁ ଜାଗାରେ ସମସ୍ୟା ରହିଅଛି ତାହା ଅଧିକାରୀ ଓ ଇଂଜିନିୟର ମାନଙ୍କ ଦ୍ୱାରା ଚିହ୍ନଟ କରାଯାଇଥିଲା । ପଟ୍ଟା ପୋଲ ୱାର୍ଡ ନମ୍ବର ୧୭ ରେ ନିର୍ମିତ ବକ୍ସ ଡ୍ରେନ ମ୍ୟାନହୋଲ ଓ ବିଭିନ୍ନ ଜାଗାରେ ବାଲି ବସ୍ତା ଥିବା ଜାଣି, ମାନ୍ୟବର ମେୟର ସୁବାସ ସିଂହ ଓ ସ୍ଥାନୀୟ କର୍ପୋରେଟର ତଥା ଷ୍ଟାଣ୍ଡିଙ୍ଗ କମିଟି ଅଧ୍ୟକ୍ଷା ଶ୍ରୀମତୀ ଏ. ଶ୍ରୀଦେବୀ ଙ୍କ ଉଦ୍ୟମରେ ଆଜି ବକ୍ସ ଡ୍ରେନ ମ୍ୟାନହୋଲ ଭିତରେ ପ୍ରବେଶ କରି ଶ୍ରମିକ ମାନଙ୍କ ଦ୍ୱାରା ପଙ୍କ ଉଦ୍ଧାର କାର୍ଯ୍ୟ କରାଯାଇଅଛି । ବକ୍ସ ଡ୍ରେନ ପୂର୍ଣ୍ଣାଙ୍ଗ ହେଲେ କଟକ ମହାନଗର ନିଗମ କୁ ୱାଟକୋ ହସ୍ତାନ୍ତର କରିବ । ଓଡ଼ିଶାରେ ବୃହତ ବର୍ଜ୍ୟ ଜଳ ନିଷ୍କାସନର ବକ୍ସ ଡ୍ରେନ କାର୍ଯ୍ୟ ଯାହାକି ୪୫୦ କୋଟି ଟଙ୍କା ବିନିମୟରେ ୨ ବର୍ଷ ରେ ସମ୍ପୂର୍ଣ୍ଣ କରିବାକୁ ୱାଟକୋକୁ ଦାଇତ୍ୱ ଦିଆଯାଇଥିଲା । ମହାନଗର ନିଗମ ଏହି କାର୍ଯ୍ୟର ତଦାରଖ କରିଥିଲା । ମାନ୍ୟବର ମୁଖ୍ୟ ମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ଏହାଥିଲା କଟକ ପାଇଁ ଏକ ଐତିହାସିକ ନିଷ୍ପତ୍ତି । ମହାନଗର ନିଗମ ପକ୍ଷରୁ, ଆଇଆଇଟି ଖଡ଼ଗପୁରର ଏକ ସ୍ୱତନ୍ତ୍ର ଟିମ ପ୍ରଥମ ଦଫାରେ ଏହାର ଅନୁସନ୍ଧାନ କରି ଫେରିଛନ୍ତି ।

ଭୁବନେଶ୍ୱର
୩ ଜୁନ୍
ସୋମବାର, ୨୦୨୪

RNI Regd. No. : 52640/94
Postal Regd. No. :
BN/60/22-24

# ମେ'ରେ ୧.୭୩ ଲକ୍ଷ କୋଟି ଜିଏସ୍‌ଟି ଆଦାୟ

**ନୂଆଦିଲ୍ଲୀ, ୨/୬**

ମେ' ମାସରେ କେନ୍ଦ୍ର ସରକାର ୧ ଲକ୍ଷ ୭୩ ହଜାର କୋଟି ଟଙ୍କାର ଜିଏସ୍‌ଟି ଆଦାୟ କରିଛନ୍ତି। ଏପ୍ରିଲ ମାସରେ ଆଦାୟ ହୋଇଥିବା ରେକର୍ଡ ୨.୧ ଲକ୍ଷ କୋଟି ଟଙ୍କା ଠାରୁ ଏହା କମ୍ ହୋଇଥିଲେ ମଧ୍ୟ ଗତବର୍ଷର ମେ' ମାସ ତୁଳନାରେ ଏହା ପ୍ରାୟ ୧୦ ପ୍ରତିଶତ ଅଧିକ। ଘରୋଇ କାରବାର କ୍ଷେତ୍ରରେ ଜିଏସ୍‌ଟି ୧୫.୩ ପ୍ରତିଶତ ବୃଦ୍ଧି ପାଇଥିବାବେଳେ ଆମଦାନି କ୍ଷେତ୍ରରେ ଏହା ୪.୩ ପ୍ରତିଶତ ସଂକୁଚିତ ହୋଇଛି। ରିଫଣ୍ଡ ପରେ ମେ' ମାସର ନିଟ୍ ଜିଏସ୍‌ଟି ରାଶି ୧.୪୪ ଲକ୍ଷ କୋଟି ଟଙ୍କା ରହିଛି, ଯାହାକି ଗତବର୍ଷର ମେ' ମାସ ତୁଳନାରେ ୬.୯ ପ୍ରତିଶତ ଅଧିକ।




ମିଳିଥିବା ସୂଚନା ମୁତାବକ, କେନ୍ଦ୍ରୀୟ ଜିଏସ୍‌ଟି ଓ ରାଜ୍ୟ ଜିଏସ୍‌ଟି ଆଦାୟ ରାଶି ଯଥାକ୍ରମେ ୩୨,୪୦୯ କୋଟି ଏବଂ ୪୦,୨୬୫ କୋଟି ଟଙ୍କା ରହିଛି। ସମନ୍ୱିତ ଜିଏସ୍‌ଟି ଆଦାୟ ରାଶି ୮୭,୭୮୧ କୋଟି ଟଙ୍କା ରହିଛି। ଏଥିରେ ୩୯, ୮୭୯ କୋଟି ଟଙ୍କାର ଆମଦାନି ଶୁଳ୍କ ସାମିଲ ରହିଛି। ଚଳିତ ଆର୍ଥିକବର୍ଷର ଦୁଇ ମାସରେ ଅର୍ଥ ମନ୍ତ୍ରଣାଳୟ ୩.୮୩ ଲକ୍ଷ ଟଙ୍କା ଆଦାୟ କରିଛି ଯାହାକି ଗତବର୍ଷର ସମାନ ଅବଧି ତୁଳନାରେ ୧୧.୩ ପ୍ରତିଶତ ଅଧିକ।

## ରାଜଧାନୀରେ ସିରିଜ ଦୁର୍ଘଟଣା : ୩ ଗୁରୁତର

**ଭୁବନେଶ୍ୱର, ୨/୦୬ ନ୍ୟୁଜ ବ୍ୟୁରୋ**

ରାଜଧାନୀରେ ସିରିଜ୍ ଦୁର୍ଘଟଣା । ଭୁବନେଶ୍ୱର ସତସଙ୍ଗ ବିହାର ନିକଟରେ ଘଟିଛି ଏହି ଦୁର୍ଘଟଣା । ୨ଟି କାର୍‌କୁ ପଛରୁ ଧକ୍କା ଦେଲା ଏକ ଘରୋଇ ବସ୍ । ଦୁର୍ଘଟଣାରେ ୩ ଜଣ ଗୁରୁତର ହୋଇ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି । ଦୁର୍ଘଟଣା ପରେ ବାଣୀବିହାରରୁ ରସୁଲଗଡ଼ ରାସ୍ତା ଜାମ୍ ହୋଇଯାଇଥିଲା । ସୂଚନା ଅନୁସାରେ, ସତସଙ୍ଗବିହାର ସମ୍ମୁଖ ରାସ୍ତାରେ ଜଣେ ବୋଲେରୋ ଚାଳକ ଓ ଜଣେ ବାଇକ୍ ଚାଳକ କଥାବାର୍ତ୍ତା ହେଉଥିଲେ, ଯାହା ଫଳରେ ଦ୍ରୁତ ଗତିରେ ଆସୁଥିବା ଏକ ବସ୍ ହଠାତ୍ ବ୍ରେକ ମାରିବାରୁ ସେହି ଦିଗରେ ଆସୁଥିବା ଏକ କାର୍ ସହ ଯାଇ ଧକ୍କା ହୋଇଥିଲା ଏବଂ ଉକ୍ତ କାର୍ ଯାଇ ଅନ୍ୟ କାର୍ ଗୁଡ଼ିକ ସହ ଶକ୍ତ ଭାବରେ ଧକ୍କା ହୋଇଥିଲା ।




ଭୁବନେଶ୍ୱର : ସାବିତ୍ରୀ ବ୍ରତ ପାଇଁ ମାର୍କେଟ ବିଲ୍ଡିଂ ପରିସରରେ ଗ୍ରାହକ ମାନଙ୍କ ପ୍ରବଳ ଭିଡ଼। (ଫଟୋ : ସମ୍ବାଦ କଳିକା)

# ବାଣ ବିସ୍ଫୋରଣ ଘଟଣାରେ ଆଉ ୨ ମୃତ : ମୃତ୍ୟୁସଂଖ୍ୟା ୧୧କୁ ବୃଦ୍ଧି



**ପୁରୀ, ୨/୦୬ ନ୍ୟୁଜ ବ୍ୟୁରୋ**

ଭଉଁରୀ ଉତ୍ସବ ଦିନ ପୁରୀ ନରେନ୍ଦ୍ର ପୁଷ୍କରିଣୀ ନିକଟରେ ବାଣ ବିସ୍ଫୋରଣ ଘଟଣାରେ ମୃତ୍ୟୁ ସଂଖ୍ୟା ବଢ଼ି ଚାଲିଛି । ପୁଣି ରବିବାର ଆଉ ୨ ଆହତଙ୍କ ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ଘଟିଛି । ଫଳରେ ମୃତ୍ୟୁ ସଂଖ୍ୟା ୧୧କୁ ବୃଦ୍ଧି ପାଇଛି । ଅନ୍ୟପଟେ ଏବେସୁଦ୍ଧା ୧୯ ଜଣ ଆହତ ବିଭିନ୍ନ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି । ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏନେଇ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ଗତ ବୁଧବାର ଦିନ ଭଉଁରୀ ଉତ୍ସବ ଅବସରରେ ନରେନ୍ଦ୍ର ପୁଷ୍କରିଣୀରେ ମହାପ୍ରଭୁଙ୍କ ଚାପ ଖେଳ ସମୟରେ ଏହି ଅଘଟଣ ଘଟିଥିଲା । ପୁଷ୍କରିଣୀ ଚାରିପଟେ ହଜାର ହଜାର ଲୋକେ ଉପସ୍ଥିତ ଥିବାବେଳେ ହଠାତ ବାଣ ବିସ୍ଫୋରଣ ହୋଇଥିଲା । ଏହି ଅଘଟଣରେ ପାଖାପାଖି ୩୦ ଜଣ ପୋଡ଼ି ହୋଇଯାଇଥିଲେ । ସେମାନଙ୍କୁ ତୁରନ୍ତ ପୁରୀ ହସ୍ପିଟାଲ ନିଆଯାଇଥିଲା । ହେଲେ ସେଠାରେ ବର୍ଣ୍ଣ କେୟାର ନଥିବାରୁ ସେମାନଙ୍କୁ କଟକ ଓ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିଲା । ଏବେ ବିଭିନ୍ନ ହସ୍ପିଟାଲରେ ସେମାନଙ୍କ ଚିକିତ୍ସା ଜାରି ରହିଥିବା ବେଳେ ମୃତ୍ୟୁ ସଂଖ୍ୟା ବଢ଼ିବାରେ ଲାଗିଛି ।

ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଜାରି ସୂଚନା ଅନୁଯାୟୀ, ପୁରୀ ବିସ୍ଫୋରଣ ଘଟଣାରେ ରବିବାର ଆଉ ଦୁଇ ଜଣଙ୍କର ମୃତ୍ୟୁ ହୋଇଛି । ଏହାକୁ ମିଶାଇ ମୃତ୍ୟୁ ସଂଖ୍ୟା ୧୧ରେ ପହଞ୍ଚିଛି । ତେବେ ପୁରୀ ଜିଲ୍ଲାପାଳ ମୃତ ବ୍ୟକ୍ତିଙ୍କ ପରିବାରବର୍ଗଙ୍କୁ ଆର୍ଥିକ ସହାୟତା ଦିଗରେ ପ୍ରତ୍ୟେକଙ୍କୁ ୪ ଲକ୍ଷ ଟଙ୍କା ପ୍ରଦାନ ପାଇଁ ପଦକ୍ଷେପ ନେଇଛନ୍ତି । ଭୁବନେଶ୍ୱର, କଟକ, ପୁରୀର ବିଭିନ୍ନ ସରକାରୀ ଏବଂ ଘରୋଇ ହସ୍ପିଟାଲରେ ଆହତମାନେ ଚିକିତ୍ସିତ ହେଉଛନ୍ତି । ଏହି ଘଟଣାର ସ୍ଥିତି ଉପରେ ରାଜ୍ୟ ସରକାର ତୀକ୍ଷ୍ଣ ନଜର ରଖିଛନ୍ତି ବୋଲି କୁହାଯାଉଛି । ଅନ୍ୟପଟେ ଏହି ଅଘଟଣର ତଦନ୍ତ ମଧ୍ୟ କରାଯାଉଛି । ତେବେ ବାଣ ଫୁଟାଇବା ପାଇଁ ଅନୁମତି ଦିଆଯାଇନଥିବା ବେଳେ ସେଠାକୁ କିଭଳି ବାଣ ଅଣାଗଲା ସେନେଇ ପ୍ରଶ୍ନ ଉଠିଛି ।

# ରଥ ଖଳା ହାଲ୍‌ଚାଲ୍: ସରିଲା ତିନି ରଥର ୩୨ ଚକ ନିର୍ମାଣ

**ପୁରୀ, ୨/୦୬ ନ୍ୟୁଜ ବ୍ୟୁରୋ**

ଜୋରସୋରରେ ମହାପ୍ରଭୁଙ୍କ ରଥ ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି । ତିନି ରଥର ମୋଟ ୪୨ଟି ଚକ ମଧ୍ୟରୁ ରବିବାର ସୁଦ୍ଧା ୩୧ଟି ଚକ ନିର୍ମାଣ ଶେଷ ହୋଇଛି । ଅନ୍ୟପଟେ ତିନି ରଥର ମୁହାଣ୍ଟ, ନିରାଡ଼ି, ଖମ୍ବ, ଓରା ନିର୍ମାଣ କାର୍ଯ୍ୟ ମଧ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ତାଳଧ୍ୱଜ ରଥର ମୋଟ ୧୪ ଚକ ମଧ୍ୟରୁ ୧୦ଟି ଚକ ନିର୍ମାଣ କାର୍ଯ୍ୟ ଶେଷ ହୋଇଛି । ଅନ୍ୟପଟେ ତାଳଧ୍ୱଜ ରଥର ଏକାଦଶ ଚକରେ ସଂଯୁକ୍ତ ପଇ ସାମାନ୍ୟ ଚଡ଼କି ଯାଇଥିବା ପରିଲକ୍ଷିତ ହେବାରୁ ଉକ୍ତ ପଇକୁ ଅପସାରଣ କରାଯାଇଛି । ନୂତନ ପଇ ବିନ୍ଧ କାର୍ଯ୍ୟ ପରେ ଏହି ଚକରେ ସଂଯୁକ୍ତ ହେବ । ୧୨ତମ ଚକ ତୁମ୍ବରେ ପଇ ସଂଯୋଗ ଶେଷ ହୋଇଛି । ଏଥିସହ ତାଳଧ୍ୱଜ ରଥର



୧୨ ଗୋଟି କୁଡ଼ୁକା, ୧୧ଟି ଗୁଜ, ୮ଟି ତିଖି ଗୁଜ ଏବଂ ୯ଟି ଜଳଯନ୍ତ୍ର ଶେଷ ହୋଇଛି । ଏହାଛଡ଼ା ମୋଟ ୪ଟି ମୁହାଣ୍ଟରୁ ଦୁଇଗୋଟି ମୁହାଣ୍ଟର ଚଉପଟ କାର୍ଯ୍ୟ ଶେଷ ହୋଇଛି। ଏଥିସହ ୮ଟି ଖମ୍ବରୁ ୪ଟି ଖମ୍ବର ଚଉପଟ ଶେଷ ହୋଇଛି । ଚାରି ଗୋଟି ଓରା ମଧ୍ୟରୁ ଦୁଇଟି ଓରା ଚଉପଟ କାର୍ଯ୍ୟ ଶେଷ ହୋଇ ଉଭୟ ପାର୍ଶ୍ୱର ବିନ୍ଧ କାର୍ଯ୍ୟ ବାକି ରହିଛି । ଏତଦ୍ ବ୍ୟତୀତ ରବିବାର ତାଳଧ୍ୱଜ ରଥର ୪୦ ଫୁଟିଆ ପୋଲ ଗୟଳ କାଠର ବାଗିଆ ମାପ ପଡ଼ି ଚିରଟ କାର୍ଯ୍ୟ କରତୀ ସେବକଙ୍କ ଦ୍ୱାରା ଆରମ୍ଭ ହୋଇଛି। ଦର୍ପଦଳନ ରଥର ମୋଟ ୧୨ଟି ଚକ ମଧ୍ୟରୁ ରବିବାର ସୁଦ୍ଧା ୯ଟି ଚକ ନିର୍ମାଣ ଶେଷ ହୋଇଛି । ବାକି ତିନୋଟି ଚକ ପାଇଁ ପଇ କଟାଯାଇ ସାଲ କାର୍ଯ୍ୟ ଜାରି ରହିଛି । ଏଥିସହ ଦର୍ପଦଳନ ରଥର କୁଡ଼ୁକା, ଗୁଜ, ତୀଖି ଗୁଜ, ଜଳଯନ୍ତ୍ର ପୂର୍ବରୁ ଶେଷ ହୋଇଥିଲା । ଦେବୀଙ୍କ ରଥର ମୋଟ ୪ଟି ମୁହାଣ୍ଟ, ୪ଟି ଓରାରୁ ୨ଟି ମୁହାଣ୍ଟ, ୨ଟି ଓରାର ଚଉପଟ କାର୍ଯ୍ୟ ଶେଷ ହୋଇ ବିନ୍ଧ କାର୍ଯ୍ୟ ବାକି ରହିଛି । ନନ୍ଦିଘୋଷ ରଥର ୧୬ ଚକ ମଧ୍ୟରୁ ୧୨ଟି ଚକ ନିର୍ମାଣ ଶେଷ ହୋଇଛି । ୧୩ତମ ଚକର ପଇ କଳସା ସହ ଅଖ ବିନ୍ଧର ତୁଳିଆ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ୧୪ ଓ ୧୫ ତମ ଚକ ପାଇଁ ଅର କଟାଯାଇ ଅର ସାଲ ଜାରି ରହିଛି । ଏଥିସହ ନନ୍ଦିଘୋଷ ରଥର ଦୁଇଟି ମୁହାଣ୍ଟ, ଦୁଇଟି ଓରାର ଚଉପଟ କାର୍ଯ୍ୟ ଶେଷ ପରେ ଆଉ ଦୁଇଟି ଓରାର ଚଉପଟ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ମୁଖ୍ୟ ମହାରଣାଙ୍କ ଦ୍ୱାରା ବାକି ୭ଟି ଅଖର ମାପ ପଡ଼ି ଚିହ୍ନ ଗାରିଆ ଶେଷ ହୋଇ ଅଖଗୁଡ଼ିକର ଉଭୟ ପାର୍ଶ୍ୱ ଗୋଲେଇ କାର୍ଯ୍ୟ ଆରମ୍ଭ ହୋଇଛି । ନନ୍ଦିଘୋଷ ରଥର ୮ଟି ଖମ୍ବର ଚଉପଟ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ରୂପକାର ସେବକମାନେ ତିନି ରଥର ସାଲ ଗୁଜରେ ରୂପ ଖୋଦେଇ ସହ ଖୋଦେଇ ଶେଷ ହୋଇଥିବା ରୂପ ଗୁଡ଼ିକର ପଲିସ କାର୍ଯ୍ୟ ଜାରି ରଖିଛନ୍ତି । ଦୋଳବେଦୀ ଅସ୍ଥାୟୀ କମାର ଶାଳରେ ଓଝା ସେବକମାନେ ଅର କଣ୍ଟା ଶେଷ ପରେ ତିନି ରଥର ଅଖ, ଦଣ୍ଡା ପାଇଁ ଦଣ୍ଡା ବିଡ଼ିଆ ଏବଂ ଅଗ ପାତେଳୀ କଣ୍ଟା ନିର୍ମାଣ ଜାରି ରଖିଛନ୍ତି ।

## ଅଶୋକଙ୍କୁ ହତ୍ୟା କରି ରାସ୍ତାରେ ଫିଙ୍ଗିଦେଲେ ଦୁର୍ବୃତ୍ତ

**କଟକ, ୦୨/୦୬ ନ୍ୟୁଜ ବ୍ୟୁରୋ**

ସନ୍ଦେହଜନକ ଭାବେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଥିବା ଜଣେ ବ୍ୟକ୍ତିଙ୍କ ଶବକୁ ପୋଲିସ ଉଦ୍ଧାର କରିଛି। ଶନିବାର ବିଳମ୍ବିତ ରାତିରେ ଏଭଳି ଅଭାବନୀୟ ଘଟଣା ଘଟିଛି । କଟକ ଜିଲ୍ଲା ଜଗତପୁର ଥାନା ବିଶ୍ୱନାଥପୁର ଗ୍ରାମରେ ଏଭଳି ଅଭାବନୀୟ ଘଟଣା ଘଟିଛି । ମୃତକ ଜଣକ ହେଲେ ବିଶ୍ୱନାଥପୁର ଗ୍ରାମର ଅଶୋକ ଭୋଇ ବୋଲି ଜଣାପଡ଼ିଛି । ସୂଚନାଯୋଗ୍ୟ ଯେ, ଶନିବାର ବିଳମ୍ବିତ ରାତିରେ ସ୍ଥାନୀୟ ନୃସିଂହ ମନ୍ଦିରରେ କୀର୍ତ୍ତନ ସାରି ଘରକୁ ଫେରୁଥିବା ବେଳେ ରାସ୍ତାରେ ଏଭଳି ଘଟଣା ଦେଖିବାକୁ ମିଳିଥିଲା । ରାତି ୧୦ଟା ସମୟରେ ସେହି ବାଟ ଦେଇ ଜଣେ ବ୍ୟକ୍ତି କ୍ଷୀର ଦୁହିଁବାକୁ ଯାଉଥିବା ବେଳେ ବାଟରେ ଅଶୋକ ଭୋଇ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଥିବା ଦେଖି ଘର ଲୋକଙ୍କୁ ଖବର ଦେଇଥିଲେ । ଘର ଲୋକ ଆସି ଦେଖିଲା ବେଳକୁ ଅଶୋକ ରାସ୍ତା କଡ଼ରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଥିଲେ । ଅଶୋକଙ୍କ ମୁଣ୍ଡର ପଛପଟେ ଶକ୍ତ ଆଘାତ ଲାଗିଥିବା ଦେଖିବାକୁ ମିଳିଥିଲା । ଘରଲୋକେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ତାଙ୍କୁ ଉଦ୍ଧାର କରି କଟକ ବଡ଼ ମେଡିକାଲ ନେଇଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି । ଅଶୋକଙ୍କୁ କେହି ଦୁର୍ବୃତ୍ତ ମୁଣ୍ଡରେ ଶକ୍ତ ଆଘାତ ଦେଇ ରକ୍ତ ଜୁଡୁବୁଡୁ ଅବସ୍ଥାରେ ମାରି ପକାଇଦେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ନେଇ ପରିବାର ଲୋକେ ସନ୍ଦେହ କରୁଛନ୍ତି । ଏନେଇ ପରିବାରଲୋକ ଥାନାରେ ହତ୍ୟା ଅଭିଯୋଗ କରିଛନ୍ତି । ଜଗତପୁର ପୋଲିସ ଘଟଣାର ତଦନ୍ତ କରୁଥିବା ନେଇ ସୂଚନା ମିଳିଛି ।

# ଓଡ଼ିଶା ସମ୍ପର୍କରେ ଭୁଲ୍ ପ୍ରମାଣିତ ହେବ ଏକ୍‌ଜିଟ୍ ପୋଲ୍ : ବିଜେଡି




**ଭୁବନେଶ୍ୱର, ୨/୦୬ ନ୍ୟୁଜ ବ୍ୟୁରୋ**

ଦେଶରେ ସରିଛି ସାଧାରଣ ନିର୍ବାଚନ। ଓଡ଼ିଶାରେ ମଧ୍ୟ ୪ଟି ପର୍ଯ୍ୟାୟରେ ଏକକାଳୀନ ବିଧାନସଭା ଓ ଲୋକସଭା ନିର୍ବାଚନ ଶେଷ ହୋଇଛି । ଏହାପରେ ରାଜ୍ୟ ରାଜନୀତିରେ ଚହଳ ସୃଷ୍ଟି କରିଛି ବିଭିନ୍ନ ସଂସ୍ଥା ଦ୍ୱାରା ପ୍ରକାଶିତ ଏକ୍‌ଜିଟ୍ ପୋଲ୍ । ବିଭିନ୍ନ ଜାତୀୟସ୍ତରୀୟ ଘରୋଇ ସଂସ୍ଥା କରିଥିବା ସର୍ଭେ ଅନୁସାରେ ଲୋକସଭାରେ ବିଜେଡିକୁ ଚେକ୍ ଦେଇ ଆଗକୁ ଚାଲିଯାଇଛି ବିଜେପି । ପ୍ରାୟ ସବୁ ଆକଳନ ଅନୁସାରେ ଓଡ଼ିଶାରେ ବିଜେଡି ଅପେକ୍ଷା ବିଜେପିକୁ ଅଧିକା ଲୋକସଭା ଆସନ ମିଳିବାକୁ ଯାଉଛି । ଯାହାକୁ ଅସ୍ୱୀକାର କରିଛି ବିଜେଡି । ବିଜେଡି ରାଷ୍ଟ୍ରୀୟ ମୁଖପାତ୍ର ସସ୍ମିତ ପାତ୍ର କହିଛନ୍ତି, '୨୦୧୪ ହେଉ କି ୨୦୧୯, ଓଡିଶା ସମ୍ପର୍କରେ ଏକ୍‌ଜିଟ୍ ପୋଲ୍ ସବୁବେଳେ ଭୁଲ୍ ପ୍ରମାଣିତ ହୋଇଛି । ୨୦୨୪ରେ ମଧ୍ୟ ଏହି ଏକ୍‌ଜିଟ୍ ପୋଲ ଭୁଲ୍ ପ୍ରମାଣିତ ହେବ । ଦଳର ସର୍ଭେ ଓ ଆକଳନ ଏବଂ ତୃଣମୂଳରେ ଆମକୁ ଫିଡ୍‌ବ୍ୟାକ୍ ମିଳୁଛି । ୨୧ ଲୋକସଭା କ୍ଷେତ୍ର ମଧ୍ୟରୁ ବିଜୁ ଜନତା ଦଳ ସର୍ବନିମ୍ନ ୧୨ଟି ଆସନ ଜିତୁଛି । ଆମେ ଆହୁରି ଅଧିକ ଜିତିପାରୁ । ବିଧାନସଭାରେ ତିନି ଚତୁର୍ଥାଂଶ ଆସନ ସହ ସରକାର ଗଠନ କରିବ। ୧୪୭ ବିଧାନସଭା ଆସନରୁ ତିନି ଚତୁର୍ଥାଂଶ ଅର୍ଥାତ ୧୧୦ ଆସନ ଦଳ ଦଖଲ କରିବ। ୧୧୦-୧୧୫ ଉପରକୁ ମଧ୍ୟ ଏହି ସଂଖ୍ୟା ଯାଇପାରେ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ସୁଦୃଢ଼ ଏବଂ ସ୍ଥିର ସରକାର ହେବାକୁ ଯାଉଛି । ଆମେ ଉତ୍ସାହିତ ଅଛୁ । ପ୍ରକାଶ ଥାଉ, ବିଭିନ୍ନ ଜାତୀୟ ଗଣମାଧ୍ୟମ ଓ ପୋଲ-ୱାଚ୍ ସଂସ୍ଥା ପକ୍ଷରୁ ପ୍ରକାଶ ପାଇଥିବା ବୁଥ ବାହୁଡ଼ା ଜନମତ ସର୍ଭେରେ ରାଜ୍ୟରେ ଲୋକସଭା ନିର୍ବାଚନରେ ବିଜେପି ଶାସକ ବିଜେଡିକୁ ଢେର ପଛରେ ପକାଇବ । 'ଇଣ୍ଡିଆ ଟିଭି'ର ଆକଳନ ଅନୁସାରେ ରାଜ୍ୟରେ ବିଜେପି ୧୫ରୁ ୧୭ ଆସନ ଜିତିପାରେ । ସେହିପରି ଶାସକ ବିଜେଡି ମାତ୍ର ୪ରୁ ୬ ଆସନରେ ସୀମିତ ରହିବ । କଂଗ୍ରେସ ଗୋଟିଏ ମାତ୍ର ଆସନରେ ଖାତା ଖୋଲିପାରେ । ସେହିପରି ଅନ୍ୟ ଏକ ଜାତୀୟ ସଂସ୍ଥା 'ଜନ କି ବାତ' ଅନୁସାରେ, ବିଜେପି ୧୫ରୁ ୧୮ ଆସନ ହାତେଇବ । ସେହିପରି ବିଜେଡି ମାତ୍ର ୩ରୁ ୭ ଆସନରେ ରହିବ । କଂଗ୍ରେସ ଏଥର ରାଜ୍ୟରେ ଖାତା ଖୋଲିନପାରେ ବୋଲି ଆକଳନ କରିଛି 'ଜନ କି ବାତ' । ଜାତୀୟ ପୋଲ-ୱାଚ୍ ବଡ଼ି 'ଚାଣକ୍ୟ'ର ପୂର୍ବାକଳନ ଅନୁସାରେ ରାଜ୍ୟରେ ୨୧ ଆସନରୁ ବିଜେପି ସର୍ବାଧିକ ୧୬, ବିଜେଡି ୪ ଓ କଂଗ୍ରେସ ମାତ୍ର ଗୋଟିଏ ଆସନ ହାତେଇପାରେ । 'ଏନଡିଟିଭି'ର ପୂର୍ବାକଳନ ବିଜେପିକୁ ୧୫, ବିଜେଡିକୁ ୩ରୁ ୮ ଓ କଂଗ୍ରେସ ରାଜ୍ୟରେ ଖାତା ଖୋଲିନପାରେ । ସେହିଭଳି ଇଣ୍ଡିଆ ନ୍ୟୁଜ ଅନୁସାରେ ବିଜେପି ୧୩, ବିଜେଡି ୮ ଓ କଂଗ୍ରେସ ଖାତା ଖୋଲିନପାରେ ।

## ଯୁକ୍ତ ଦୁଇ ନାମଲେଖା ପାଇଁ ୭ରୁ ଆରମ୍ଭ ହେବ ଆବେଦନ

**ଭୁବନେଶ୍ୱର, ୨/୦୬ ନ୍ୟୁଜ ବ୍ୟୁରୋ**

ଆସନ୍ତା ୭ ତାରିଖ ଠାରୁ +୨ରେ ନାମଲେଖା ପାଇଁ ଆବେଦନ ଆରମ୍ଭ ହେବ। କଳା, ବିଜ୍ଞାନ, ବାଣିଜ୍ୟ, ଧନ୍ଦାମୂଳକ ଓ ଉପଶାସ୍ତ୍ରୀ ବିଭାଗରେ ପଢ଼ିବାକୁ ଛାତ୍ରଛାତ୍ରୀମାନେ ସାମ୍ସ ୱେବସାଇଟ, www.samsodisha.gov.inରେ ଆବେଦନ କରିପାରିବେ। ଏନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ୨୦୨୪-୨୫ ଶିକ୍ଷାବର୍ଷ ଇ-ଆଡ୍‌ମିଶନ ପାଇଁ ଏବେଯାଏଁ ସମୁଦାୟ ୨୨୨୧ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପଞ୍ଜିକରଣ କରିଛନ୍ତି। କଳା ବିଭାଗରେ ୨, ୯୪, ୮୪୦ଟି ସିଟ୍ ଥିବାବେଳେ ବିଜ୍ଞାନରେ ୧, ୬୬, ୯୨୯, ବାଣିଜ୍ୟରେ ୪୦, ୧୦୪, ସଂସ୍କୃତରେ ୧୩, ୦୮୮ ଏବଂ ଧନ୍ଦାମୂଳକ ଶିକ୍ଷାରେ ୧୦, ୫୦୪ ସିଟ୍ ଉପଲବ୍ଧ ରହିଛି।




ଭୁବନେଶ୍ୱର : ଓଡ଼ିଆ ଫିଲ୍ମ ଆଣ୍ଡ ଟେଲିଭିଜନ ନିର୍ଦ୍ଦେଶକ ଆସୋସିଏସନ ପକ୍ଷରୁ ଶ୍ରୀୟା ସିନେମା ହଲ୍ ସମ୍ମୁଖରେ ଗରିବ ଅସହାୟଙ୍କୁ ଛତା ବଣ୍ଟନ କରୁଛନ୍ତି ବରିଷ୍ଠ ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ର, ହିମାଂଶୁ ଖଟୁଆ ଓ ଅନ୍ୟମାନେ। (ଫଟୋ : ସମ୍ବାଦ କଳିକା)

# ହ୍ୟାକରଙ୍କ ମୁକାବିଲା ପାଇଁ ସାଇବର କମାଣ୍ଡୋ: ଦେଶରୁ ୩୪୬, ଓଡ଼ିଶାରୁ ୭ ମନୋନୀତ

**ଭୁବନେଶ୍ୱର, ୨/୦୬ ନ୍ୟୁଜ ବ୍ୟୁରୋ**

ଦେଶର ବଡ଼ ବଡ଼ ପ୍ରତିଷ୍ଠାନର ସାଇବର ସୁରକ୍ଷାକୁ ନେଇ ଚିନ୍ତା ବଢ଼ୁଛି। କାରଣ ଶତ୍ରୁଦେଶ ନିର୍ଦ୍ଦେଶରେ ପରିଚାଳିତ ଅପରାଧୀ ତଥା ପେସାଗତ ହ୍ୟାକରମାନେ ସାଇବର ଆକ୍ରମଣ ଜରିଆରେ ତଥ୍ୟ ଚୋରି କରିବା ସହିତ ବ୍ଲାକ୍‌ମେଲ୍ କରିବା ଘଟଣା ଅଧିକରୁ ଅଧିକ ଘଟି ଚାଲିଛି। ଏହାର ମୁକାବିଲା କରିବାଲାଗି କେନ୍ଦ୍ର ଗୃହ ମନ୍ତ୍ରଣାଳୟ ପକ୍ଷରୁ ଏକ ବ୍ଲୁପ୍ରିଣ୍ଟ ତିଆରି କରାଯାଇଛି। ସାଇବର ଆକ୍ରମଣକୁ ପ୍ରତିହତ କରିବା ପାଇଁ ସାଇବର କମାଣ୍ଡୋ ତିଆରି କରିବା ଯୋଜନା ହୋଇଛି। ଏହି ଯୋଜନାରେ ପୁଲିସ



ଓ ସେନା ବିଭାଗର ୩୪୬ ଜଣ ବଛାବଛା ଅଧିକାରୀଙ୍କୁ ସ୍ୱତନ୍ତ୍ର ସାଇବର କମାଣ୍ଡୋ ପ୍ରଶିକ୍ଷଣ ପ୍ରଦାନ କରାଯିବ। ସୂଚନାଯୋଗ୍ୟ ଯେ ଏଥିପାଇଁ ୨ ମାସ ତଳେ ସର୍ବଭାରତୀୟ ସ୍ତରରେ ଏକ ସ୍ୱତନ୍ତ୍ର ପରୀକ୍ଷା କରାଯାଇଥିଲା। ସେଥିପାଇଁ ସାରା ଦେଶରୁ ପୁଲିସ ଓ ସେନାରୁ ୭୪୭ ଜଣ ଅଫିସର ଆବେଦନ କରିଥିଲେ। ପରୀକ୍ଷା ଜରିଆରେ ସେମାନଙ୍କ ଭିତରୁ ସାଇବର କମାଣ୍ଡୋ ପ୍ରଶିକ୍ଷଣ ପାଇଁ ମୋଟ୍ ୩୪୬ ଜଣ ମନୋନୀତ ହୋଇଛନ୍ତି। ସେମାନଙ୍କ ଭିତରେ ଓଡ଼ିଶାରୁ ଅଛନ୍ତି ୭ ଜଣ। ଏହି ୭ ଜଣଙ୍କ ଭିତରେ ଭୁବନେଶ୍ୱର କ୍ରାଇମବ୍ରାଞ୍ଚର ସାଇବର ୟୁନିଟ୍‌ର ୫ ଜଣ ଥିବାବେଳେ କଟକ ୟୁନିଟ୍‌ର ୨ଜଣ ଅଫିସର ଅଛନ୍ତି। ଏମାନେ ସମସ୍ତେ ଏଏସ୍‌ଆଇରୁ ଇନ୍‌ସ୍‌ପେକ୍ଟର ର୍‍ୟାଙ୍କର ଅଫିସର। ଏହି ସାଇବର କମାଣ୍ଡୋଙ୍କୁ ୬ମାସ ପ୍ରଶିକ୍ଷଣ ଦିଆଯିବ। ସେହି ଅବସରରେ ସେମାନେ ଦିଲ୍ଲୀ ଓ ଗୁଜୁରାଟରେ ଥିବା ଜାତୀୟ ସାଇବର ଫୋରେନସିକ୍ ଲ୍ୟାବ୍‌ରେ ପ୍ରଶିକ୍ଷଣ ପାଇବେ ବୋଲି ସୂଚନା ମିଳିଛି।

ବଜାରରେ ଉପଲବ୍ଧ...

'କଥାକଳିକା': ଜୁନ୍-୨୦୨୪ ସଂଖ୍ୟା




ଏଥର ସଂଖ୍ୟାରେ...

**ସ୍ମରଣୀୟ କଥା :** ମନୋଜ କୁମାର ମହାପାତ୍ର
**ସମକାଳର କଥା :** ଅଜୟ ମହାପାତ୍ର, ଅନୀଲ କୁମାର ପାଢୀ, ସୋମାଚାନ୍ଦ, ମାନମୟୀରଥ, ସୁକାନ୍ତି ରାଉତ।
**ଅନ୍ୟଭାଷାର କଥା :** ରେବା ପଟ୍ଟନାୟକ।
**ଯୁବ ମାନସର କଥା :** ଶର୍ମିଷ୍ଠା ମହାପାତ୍ର, ଜ୍ୟୋତ୍ସ୍ନା ସାମନ୍ତ ରାୟ, ପ୍ରଦୀପ ନାୟକ, ମୋନିକା ସରକାର, କବିତା ମିଶ୍ର।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

ଯୋଗାଯୋଗ କରନ୍ତୁ
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ – (୦୬୭୪)
୨୫୪୧୪୪୮, ୨୫୪୫୦୪୬,
ଫାକ୍ସ : ୨୫୪୫୬୬୮
E-mail: kathakalika@gmail.com

ପୃଷ୍ଠା-୬୮ ଏ ସଂଖ୍ୟାର ମୂଲ୍ୟ ୩୦ ଟଙ୍କା ମାତ୍ର ।
'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ ।
କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/– (୨ଟି ବିଶେଷ ସଂଖ୍ୟା ସହ)

## ଡାକ୍ତରଙ୍କୁ ମାଓବାଦୀଙ୍କ ଅପହରଣ ଅଭିଯୋଗ

**କାଲିମେଲା, ୨/୦୬ ନ୍ୟୁଜ ବ୍ୟୁରୋ**

କାଲିମେଲାରେ ଜଣେ କର୍ତ୍ତବ୍ୟରତ ଡାକ୍ତରଙ୍କୁ ମାଓବାଦୀ ଶନିବାର ବିଳମ୍ବିତ ରାତିରେ ଅପହରଣ କରିନେଇଥିବା ଜଣା ପଡ଼ିଛି। ଅପହୃତ ଡାକ୍ତରଙ୍କ ନାଁ ଅମ୍ଳାନ କୁମାର ଭୋଇ ବୋଲି ସୂଚନା ମିଳିଛି। ଏ ସମ୍ପର୍କରେ ମାଓବାଦୀମାନେ ସରକାରୀ କ୍ୱାର୍ଟରରେ ସିପିଆଇ ମାଓବାଦୀ ବୋଲି ଲେଖାଥିବା ଏକ ଚିଠି ଛାଡ଼ି ଯାଇଥିବାର ସୂଚନା ମିଳିଛି। ସରକାରୀ କ୍ୱାର୍ଟର ଭିତରେ ଡାକ୍ତରଙ୍କ ମୋବାଇଲ ଓ ଘର ବାହାରେ ବାଇକ ରହିଥିବାର ଦେଖିବାକୁ ମିଳିଛି।

ଶୁକ୍ରବାର ଦିନ ଜଣେ ମହିଳାଙ୍କ ଶବ ବ୍ୟବଚ୍ଛେଦକୁ କେନ୍ଦ୍ର କରି ଡାକ୍ତରଙ୍କ ସହ କିଛି ଲୋକଙ୍କ ବଚସା ହୋଇଥିଲା। ଏହି ଘଟଣାକୁ କେନ୍ଦ୍ର କରି ଡାକ୍ତରଙ୍କୁ ଅପହରଣ କରାଯାଇଥିବାର ଅନୁମାନ କରାଯାଉଛି। ଅନ୍ୟପଟେ ଏସଡିପିଓ ସଚିନ ପଟେଲ ମେଡିକାଲକୁ ଆସି ତନାଘନା ଆରମ୍ଭ କରିବା ସହିତ ଚିଠି ଜବତ କରିଛନ୍ତି।

# ଭିକାରିମୁକ୍ତ ହୋଇପାରୁନି ରାଜଧାନୀ ଭୁବନେଶ୍ୱର

**ଭୁବନେଶ୍ୱର, ୨/୦୬ ନ୍ୟୁଜ ବ୍ୟୁରୋ**

ରାଜଧାନୀରେ ଅସହାୟ, ନିରାଶ୍ରୟ ଓ ଭିକାରିମାନଙ୍କ ପାଇଁ ଥଇଥାନ କେନ୍ଦ୍ର ନିର୍ମାଣ କରାଯାଇଛି। ସେଠାରେ ମାଗଣାରେ ଖାଇବା, ପିଇବା ଓ ରହଣି ବ୍ୟବସ୍ଥା ସହିତ ରୋଜଗାରକ୍ଷମ ହେବା ପାଇଁ ସେମାନଙ୍କୁ ବିଭିନ୍ନ ତାଲିମ ଦିଆଯାଉଛି। କିନ୍ତୁ ଏସବୁ ପରେ ବି ରାଜଧାନୀ ଭିକାରିମୁକ୍ତ ହେବା ସମ୍ଭବ ହୋଇପାରୁନାହିଁ। ଗତବର୍ଷ ବିଧାନସଭାରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣର ବିଭାଗ ମନ୍ତ୍ରୀ ଘୋଷଣା କରିଥିଲେ ଯେ କଟକରେ ସର୍ବାଧିକ ୧୦୬୦ ଜଣ ଭିକାରୀ ଥିଲାବେଳେ ଭୁବନେଶ୍ୱରରେ ଅଛନ୍ତି ମାତ୍ର ୫୩ଜଣ। କିନ୍ତୁ ସତ ହେଉଛି, ଅଣଓଡ଼ିଆ ବଞ୍ଜାରାମାନେ ରାସ୍ତାଘାଟ ଓ କଲୋନିଗୁଡ଼ିକରେ ଭିକ ମାଗିବାର



ଦୃଶ୍ୟ ଆଜିକାଲି ଅତି ସାଧାରଣ ହୋଇଗଲାଣି। ସେହିଭଳି ବିଭିନ୍ନ ମନ୍ଦିର ଆଗରେ ମଧ୍ୟ ଓଡ଼ିଆ ଲୋକଙ୍କୁ ଭିକ ମାଗିବା ଦେଖିବାକୁ ମିଳୁଛି। ବିଭିନ୍ନ ପର୍ବ ପର୍ବାଣୀରେ ରାଜଧାନୀରେ ଥିବା ପ୍ରାୟ ସବୁ ଛୋଟବଡ଼ ମନ୍ଦିର ଆଗରେ ଭିକାରିମାନଙ୍କର ଗହଳି ଲାଗୁଛି। ମନ୍ଦିରକୁ ଆସୁଥିବା ଶ୍ରଦ୍ଧାଳୁମାନେ ଭିକ ଦେବାକୁ କୁଣ୍ଠା କରୁନଥିବାରୁ ସେମାନେ ସେଠାକୁ ନିୟମିତ ଯାଇ ଭିକ ମାଗୁଛନ୍ତି। ଭିକାରିଙ୍କୁ କିଛି ଦାନ ନ ଦେଲେ, ମନ୍ଦିରକୁ ଆସି ପୂଜା କରିବା ଅପୂର୍ଣ୍ଣ ରହିଯାଏ ବୋଲି ଅନେକ ଲୋକ ଆଜି ମଧ୍ୟ ବିଶ୍ୱାସ କରନ୍ତି। ଏହାର ସୁଯୋଗ ନେଇ ଅନେକ ସୁସ୍ଥଲୋକ ଓ ଘରଦ୍ୱାର ଥିବା ଲୋକ ମଧ୍ୟ ଭିକ ମାଗୁଛନ୍ତି। ଭିକାରିଙ୍କ ଥଇଥାନ ପ୍ରସଙ୍ଗରେ କାମ କରୁଥିବା ଲୋକେ କହନ୍ତି, ସ୍ୱତନ୍ତ୍ର ଦିନରେ ଭିକାରି ସାଜୁଥିବା ଅନେକ ମହିଳା ଓ ପୁରୁଷ ଅଛନ୍ତି, ଯେଉଁମାନେ ସପ୍ତାହର ଅନ୍ୟଦିନରେ ଘରେ ବସିରହନ୍ତି। ସପ୍ତାହର ତିନିଦିନ ସେମାନେ ଭିକ୍ଷାବୃତ୍ତିରୁ ଯେତିକି ରୋଜଗାର କରନ୍ତି, ସେଥିରେ ସପ୍ତାହକର ଖର୍ଚ୍ଚ ଉଠିଯାଏ। ପତିତା ଉଦ୍ଧାର ସଂସ୍ଥାର ମାତୃମୟୀ ପ୍ରିୟଦର୍ଶିନୀଙ୍କ କହିବା ଅନୁଯାୟୀ, ତାଙ୍କ ସଂସ୍ଥା ପ୍ରତିଦିନ ୨ରୁ ୩ ଜଣ ଲୋକଙ୍କୁ ଉଦ୍ଧାର କରୁଛି। ସେଥିମଧ୍ୟରେ ଅଧିକାଂଶ ହେଉଛନ୍ତି ମାନସିକ ରୋଗୀ ଅଥବା ଦିବ୍ୟାଙ୍ଗ। ସେମାନେ ବିଭିନ୍ନ ସ୍ଥାନରୁ ଟ୍ରେନରେ ବସି ପଳାଇ ଯାଉଛନ୍ତି। ପାଖରେ କିଛି ଟଙ୍କା ନଥିବାରୁ ବାଧ୍ୟ ହୋଇ ଭିକ ମାଗୁଛନ୍ତି। ସେହିମାନଙ୍କୁ ନେଇ ନିଳୟରେ ରଖାଯାଉଛି। ବର୍ତ୍ତମାନ ସେଠାରେ ୧୭୭ଜଣ ଲୋକ ଅଛନ୍ତି। ପୁଣି ଜରୁରୀକାଳୀନ ସ୍ଥିତି ପାଇଁ ୧୦ଟି ସିଟ୍‌କୁ ମହଜୁଦ ରଖାହୋଇଛି। କିନ୍ତୁ କିଛି ଲୋକ ଭିକାରି ହୋଇନଥିଲେ ମଧ୍ୟ ବିନା ପରିଶ୍ରମରେ ଟଙ୍କା ପାଇବାର ମନୋବୃତ୍ତି ଯୋଗୁଁ ବିଭିନ୍ନ ମନ୍ଦିର ସାମ୍ନାରେ ବସି ପଡୁଛନ୍ତି। ସେମାନଙ୍କୁ ଥରକୁ ଥର ଭିକମାଗିବା ସ୍ଥାନରୁ ଉଠାଇ ଆଣିଲେ ମଧ୍ୟ ସେଠାକୁ ଲୁଚି ପଳାଉଛନ୍ତି। ଏପରି ଏକାଧିକ ଉଦାହରଣ ସେ ଦିଅନ୍ତି। ସ୍ୱେଚ୍ଛାସେବୀ ସଂଗଠନ କର୍ମୀ ପ୍ରଶାନ୍ତ ନାୟକ କହନ୍ତି, ଏହା ଏକ ସ୍ପର୍ଶକାତର ପ୍ରସଙ୍ଗ। କିନ୍ତୁ ପ୍ରଶାସନ ସତରେ ଚାହିଲେ ଉଭୟ ନରମ ଓ ଶକ୍ତ ପଦକ୍ଷେପ ଜରିଆରେ ଏହାର ସମାଧାନ କରିପାରିବ।